ବର୍ଷ-୨୫, ସଂଖ୍ୟା-୧୯୯
ଭୁବନେଶ୍ୱର
୨୬, ଜୁଲାଇ, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 199
Bhubaneswar
26, July, 2025 Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

**ସାହାଯ୍ୟ କରିବାକୁ କାକୁତିମିନତି ହେଲେ ତନୁଶ୍ରୀ**



# ଓଡ଼ିଶାକୁ ଟେକ୍ସଟାଇଲ ହବ୍ ପାଇଁ ଯୋଜନା

ଭୁବନେଶ୍ୱର, ୨୫।୭ (ମହାଭାରତ): ଟେକ୍ସଟାଇଲ ଇଣ୍ଡଷ୍ଟ୍ରି କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ମଜୁରୀ ରିହାତି ମାସକୁ ଏକ ହଜାର ଟଙ୍କା ବୃଦ୍ଧି କରାଯାଇଛି। ଏହା ଦ୍ୱାରା ମହିଳା କର୍ମଚାରୀଙ୍କୁ ମାସକୁ ୬ ହଜାର ଟଙ୍କା ବଦଳରେ ୭ ହଜାର ଏବଂ ପୁରୁଷ କର୍ମଚାରୀଙ୍କୁ ମାସକୁ ୫ ହଜାର ବଦଳରେ ୬ ହଜାର ଟଙ୍କା ପ୍ରଦାନ କରାଯିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଂଟରରେ ଅନୁଷ୍ଠିତ ଓଡିଶା ଟେକ୍ସଟାଇଲ କନ୍‌କ୍ଲେଭ୍ ରେ ଏହା ଘୋଷଣା କହିଛନ୍ତି। ଏହାସହିତ ମୁଖ୍ୟମନ୍ତ୍ରୀ ଜଗତସିଂହପୁର ଏବଂ ଭଦ୍ରକ ଠାରେ ଦୁଇଟି ଟେକ୍ସଟାଇଲ ଓ ଫୁଟ୍ ୱିୟର ପାର୍କର ଲୋକାର୍ପଣ କରିଥିଲେ।



ଭୁବନେଶ୍ୱର ଠାରେ ଅନୁଷ୍ଠିତ ଓ-ଟେକ୍ସ ୨୦୨୫ ହେଉଛି ରାଜ୍ୟର ପ୍ରଥମ ଟେକ୍ସଟାଇଲ ଓ ଆପାରେଲ କନ୍‌କ୍ଲେଭ୍। ଆଜିର କନ୍‌କ୍ଲେଭ୍ ରେ ୧୬୦ରୁ ଅଧିକ ବୃହତ ଓ ନୂତନ ଉଦ୍ୟୋଗୀ ଯୋଗଦେଇଥିଲେ। ବିଶ୍ୱର ନାମୀଦାମୀ ବ୍ରାଣ୍ଡ ପେଜ୍ ଇଣ୍ଡଷ୍ଟ୍ରିଜ୍, ଫାଷ୍ଟ ଷ୍ଟେପ୍ ବେବି ୱିୟର, କେପିଆର ମିଲ୍ସ , ସ୍ପୋର୍ଟକିଙ୍ଗ, ଆଦର୍ଶ ନିଟ ୱିୟର, ଅନୁଭବ ଆପାରେଲସ୍ , ବନ୍ ଆଣ୍ଡ କୋ., ବି.ଏଲ୍. ପ୍ରମୁଖ ଏହି କନ୍‌କ୍ଲେଭ୍ ରେ ଅଂଶଗ୍ରହଣ କରିଥିଲେ ଓ ଦେଶର ବୟନ ଓ ପୋଷାକ ଶିଳ୍ପକ୍ଷେତ୍ରର ପ୍ରାୟ ସମସ୍ତ ଶିଳ୍ପପତି ଉପସ୍ଥିତ ଥିଲେ। ଏହା ପୂର୍ବଭାରତର ସର୍ବବୃହତ ଟେକ୍ସଟାଇଲ କନ୍ କ୍ଲେଭ୍ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ସରକାରୀ କର୍ମଚାରୀ ମାନଙ୍କୁ ସପ୍ତାହକୁ ଯେକୌଣସି ଗୋଟିଏ ଦିନ ହସ୍ତତନ୍ତ ପ୍ରସ୍ତୁତ ପୋଷାକ ପରିଧାନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କନ୍‌କ୍ଲେଭ୍ ରେ ମୋଟ୍ ୩୩ଟି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିବା ବେଳେ, ୭୮୦୮ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରତିଶ୍ରୁତି ଆସିଛି। ଏହା କାର୍ଯ୍ୟକାରୀ ହେବା ଦ୍ୱାରା ରାଜ୍ୟରେ ୫୩,୩୦୦ ଟି ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ଏହା ସହିତ ପ୍ରତିବର୍ଷ ଏହି କନକ୍ଲେଭ ଆୟୋଜନ କରିବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଓଡିଶାର ବସ୍ତ୍ର ଶିଳ୍ପ ବହୁତ ପ୍ରାଚୀନ। ଆମ ସଂସ୍କୃତି ଏବଂ ପରମ୍ପରା ସହିତ ଆମ ପୋଷାକ ଓ ପରିଧାନ ଜଡିତ ହୋଇ ରହିଛି। ପଶ୍ଚିମ ଓଡିଶାର ପାରମ୍ପାରିକ ବସ୍ତ୍ର ପ୍ରସ୍ତୁତି ପ୍ରକ୍ରିୟା, ବ୍ରହ୍ମପୁରର ରେଶମ, ଗଜପତି, କେନ୍ଦୁଝରର ଟସର ଏବଂ ମାଣିଆବନ୍ଧ ସୂକ୍ଷ୍ମକଳାର ସାରା ଦେଶରେ ସ୍ୱତନ୍ତ୍ର ପରିଚୟ ରହିଛି। ଏହି ସମସ୍ତ ପୋଷାକର ପ୍ରଚାର ପ୍ରସାର ମାଧ୍ୟମରେ ଓଡିଶାକୁ ଟେକ୍ସଟାଇଲ ହବ୍ କରିବା ପାଇଁ ଆମ ସରକାର ଉଦ୍ୟମ କରୁଛନ୍ତି। ଆସନ୍ତା ଦଶନ୍ଧି ମଧ୍ୟରେ ରାଜ୍ୟରେ ଟେକ୍ସଟାଇଲ କ୍ଷେତ୍ରରେ ୫ଲକ୍ଷରୁ ଅଧିକ ରୋଜଗାର ସୃଷ୍ଟି କରିବା ସହିତ ୫ଟି ଟେକ୍ସଟାଇଲ ଓ ଆପାରେଲ୍ ପାର୍କ ବିକଶିତ କରିବା ଦିଗରେ ଆମ ସରକାର ଯୋଜନା କରୁଛନ୍ତି। ସେ ପୁଣି କହିଥିଲେ ଓଡିଶା ପୁଞ୍ଜିନିବେଶକାରୀ ମାନଙ୍କ ପାଇଁ ପ୍ରମୁଖ ଆକର୍ଷଣ ପାଲଟିଛି। ଚଳିତ ଆର୍ଥିକ ବର୍ଷରେ ଦେଶର ସମୁଦାୟ ଘରୋଇ ନିବେଶର ୪୦ ପ୍ରତିଶତ ଓଡିଶାକୁ ଆସିଛି। ଏହା ବିଶ୍ୱର ଉଦ୍ୟୋଗ ଜଗତର ଆମ ସରକାରଙ୍କ ଉପରେ ଥିବା ଆସ୍ଥାକୁ ଦର୍ଶାଉଛି। ଏହା ଭରସାକୁ ଅତୁଟ ରଖିବା ଦିଗରେ ଆମର ଉଦ୍ୟମ ଜାରି ରହିବ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଅନ୍ୟାନ୍ୟ ଶିଳ୍ପ ସହିତ ବୟନ ଓ ପୋଷାକ ଶିଳ୍ପ କ୍ଷେତ୍ରରେ ମଧ୍ୟ ଓଡ଼ିଶା ଦେଶର ସବୁଠାରୁ ଆକର୍ଷଣୀୟ ସ୍ଥାନ ଭାବେ ପରିଗଣିତ ହୋଇପାରିଛି। ବୟନ ଓ ପୋଷାକ ଶିଳ୍ପ କ୍ଷେତ୍ରର ସବୁଠାରୁ ବଡ ଆକର୍ଷଣ ହେଉଛି ଏ କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୁଯୋଗ ରହିଛି। ବିଶେଷକରି ମହିଳା ମାନଙ୍କୁ ଅଧିକ ନିଯୁକ୍ତିର ସୁଯୋଗ ରହିଛି । ଓଡ଼ିଶାର ଗ୍ରାମାଞ୍ଚଳ ଓ ଅର୍ଥନୈତିକ ପଛୁଆ ବର୍ଗର ଯୁବକ ଯୁବତୀମାନଙ୍କ ପାଇଁ ଏହା ବ୍ୟାପକ ସୁଯୋଗ ସୃଷ୍ଟି କରିବା ସହିତ ଓଡ଼ିଶାର ଆର୍ଥିକ ସମୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଛନ୍ତି ଯେ 'ଓଡିଶା ଟେକ୍ସ ୨୦୨୫ ଓଡ଼ିଶାର ବୟନ ଶିଳ୍ପ ପାଇଁ ଏକ ନୂତନ ଯୁଗର ଶୁଭାରମ୍ଭ କରୁଛି। ଦକ୍ଷତା ଏବଂ ଶିଳ୍ପ ଦ୍ୱାରା, ଓଡ଼ିଶାର ସ୍ଥାୟୀ ଅଭିବୃଦ୍ଧି, ଆଞ୍ଚଳିକ ବିକାଶ ଏବଂ ଏକ ଉତ୍ସର୍ଗୀକୃତ ଟାସ୍କ ଫୋର୍ସ ମାଧ୍ୟମରେ ନିବେଶକମାନଙ୍କୁ ଆକୃଷ୍ଟ କରୁଛି। ଓଡ଼ିଶାରେ କଞ୍ଚାମାଲ ଉପଲବ୍ଧତା ଠାରୁ ବନ୍ଦର ସଂଯୋଗୀକରଣ ଏବଂ ଏକ ସହାୟକ ନୀତି ବୟନ ଏବଂ ପୋଷାକ ନିବେଶ ପାଇଁ ସବୁଠାରୁ ଆକର୍ଷଣୀୟ ଗନ୍ତବ୍ୟସ୍ଥଳ ପାଲଟିଛି।ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି ଯେ, 'ଆମର ପ୍ରତିବଦ୍ଧତା ହେଉଛି ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଐତିହ୍ୟକୁ ସୁଦୃଢ଼ କରିବା ସହିତ ଆଧୁନିକ ବୟନ ନିବେଶକୁ ଦ୍ୱିଗୁଣିତ କରିବା। ଏକ ଦୃଢ଼ ବୟନ ଇକୋସିଷ୍ଟମର ବିକାଶକୁ ପ୍ରାଥମିକତା ଦେଇ, ପାରମ୍ପରିକ ବୁଣାକାରମାନଙ୍କୁ ସଶକ୍ତ ଏବଂ ବଜାର ବ୍ୟବସ୍ଥାକୁ ବୃଦ୍ଧି କରି, ସରକାର ସମାବେଶୀ ଅଭିବୃଦ୍ଧି ସୁନିଶ୍ଚିତ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ ଏବଂ ଦେଶର କୋଣ ଅନୁକୋଣରୁ ଆସିଥିବା ଟେକ୍ସଟାଇଲ ଉଦ୍ୟୋଗୀ ଏବଂ ଶିଳ୍ପପତି ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାର ଧନ୍ୟବାଦ ଦେଇଥିଲେ।




# ଜଙ୍ଗଲବାବୁଙ୍କ ଘରେ ବିଡ଼ା ବିଡ଼ା ନୋଟ୍

## ଭିଜିଲାନ୍ସ ଜାଲରେ କୋଟିପତି ଜୟପୁର ଫରେଷ୍ଟ ରେଞ୍ଜର ଡେପୁଟି ରେଞ୍ଜର

## ନଗଦ ୧.୪୫ କୋଟି ଜବତ, ବ୍ୟାଙ୍କ ଓ ବୀମା ଜମା ରାଶି ୧.୩୨ କୋଟି

## ଦେଢ କେଜି ସୁନା, ୪.୫ କେଜି ରୁପା, ବିସ୍କୁଟ୍ ଓ କଏନ ଠାବ

## ଭୁବନେଶ୍ୱର ଓ ଜୟପୁରରେ ଦାମୀ କୋଠା



ଭୁବନେଶ୍ୱର, ୨୫।୭ (ମହାଭାରତ): ରାଜ୍ୟରେ ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ବିରୋଧରେ ରାଜ୍ୟ ସରକାରଙ୍କ ଜିରୋ ଟଲରାନ୍ସ ନୀତିକୁ ଜୋରଦାର କରାଯାଇଛି। ଫଳରେ ଭିଜିଲାନ୍ସ ଜାଲରେ ବଡ ବଡ କୁବେର ବାବୁମାନେ ଫସୁଛନ୍ତି। ସପ୍ତାହକ ମଧ୍ୟରେ ଧରାପଡିଥିବା ତିନି କୋଟିପତି ଅଫିସରଙ୍କ ସମ୍ପତ୍ତି ଦେଖି ଭିଜିଲାନ୍ସ ଅଧିକାରୀଙ୍କ ଆଖି ଟେରା ହୋଇଯାଇଛି। ଗତ ୨୦ ତାରିଖରେ କେନ୍ଦୁଝର କେନ୍ଦୁପତ୍ର ଡିଭିଜନର ଡିଏଫ୍‌ଓ ନିତ୍ୟାନନ୍ଦ ନାୟକଙ୍କ ଘରେ ଚଢାଉବେଳେ ୧୨୩ ପ୍ଲଟ୍ ଥିବା ଜଣାପଡିଥିଲା। ସେହିପରି ଭୁବନେଶ୍ୱର ମହାନଗର ନିଗମର ନିର୍ବାହୀ ଯନ୍ତ୍ରୀଙ୍କ କୋଟି କୋଟି ସମ୍ପତ୍ତି ଜବତ ହୋଇଥିବାବେଳେ ଆଜି ଜଙ୍ଗଲ ବାବୁ ଭିଜିଲାନ୍ସ ହାବୁଡ଼ରେ ପଡିଛନ୍ତି। ଯାହାଙ୍କ ପାଖରୁ ନଗଦ ୧.୪୫ କୋଟି ଟଙ୍କା ଜବତ ସହ ଦେଢ କେଜି ସୁନାଗହଣା ସହ ଅନ୍ୟାନ୍ୟ ସମ୍ପତ୍ତି ଜବତ କରିଛି। ସେ ହେଉଛନ୍ତି କୋରାପୁଟ ଜିଲ୍ଲା ଜୟପୁର ଫରେଷ୍ଟ ରେଞ୍ଜର ଡେପୁଟି ରେଞ୍ଜର ରାମଚନ୍ଦ୍ର ନେପାକ। ତାଙ୍କ ଚାକିରି ଆଉ ୫ ମାସ ବାକି ରହିଛି।

ଜୟପୁର ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତିଙ୍କ ପକ୍ଷରୁ ଜାରି ୱାରେଣ୍ଟ ବଳରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଏହି ରେଡ୍ କରାଯାଇଛି। ଅୟ ବର୍ହିଭୂତ ସଂପତ୍ତି ଠୁଳ ଅଭିଯୋଗରେ ଆଜି ଶ୍ରୀ ନେପାକଙ୍କର ଜୟପୁର ସ୍ଥିତ ବାସଭବନ ସମେତ ମୋଟ ୬ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିବା ବେଳେ ବିପୁଳ ପରିମାଣରେ ସଂପତ୍ତି ଠାବ କରାଯାଇଛି। ଚଢାଉବେଳେ ଘରୁ ବାହାରିଛି ନଗଦ ୧ କୋଟି ୪୩ ଲକ୍ଷ ୩୪ ହଜାର ଟଙ୍କା। ସେହିପରି ତାଙ୍କର ବ୍ୟାଙ୍କ ଓ ବୀମା ଜମା ରାଶିର ପରିମାଣ ୧ କୋଟି ୩୨ ଲକ୍ଷ ୮୫ ହଜାର ୭୫୪ ଟଙ୍କା ଏହାବାଦ୍ ଦେଢ଼ କେଜି ସୁନା ସହିତ ଅନ୍ୟାନ୍ୟ ସଂପତ୍ତି ଠୁଳ କରିଛନ୍ତି। ୪ଟି ସୁନା ବିସ୍କୁଟ୍ ଓ ୧୬ଟି ସୁନା କଏନ୍ ବି ମିଳିଥିବା ସୂଚନା ମିଳିଛି । ତାସହିତ ୪ କେଜି ୬୩୭ ଗ୍ରାମର ରୁପା ଜବତ କରାଯାଇଛି। ତାଙ୍କର ଦୁଇଟି ଚାରି ଚକିଆ ଗାଡ଼ି (କିଆ କାରେନସ ଓ ଟାଟା ଏସିଇ ) ଓ ୩ଟି ଦୁଇ ଚକିଆ। ଗାଡ଼ି ରହିଛି।ତାଙ୍କ ଘରେ ଥିବା ଆସବାବପତ୍ର ଓ ଘରକରଣା ଜିନିଷର ମୂଲ୍ୟ ପ୍ରାୟ ୧୫ ଲକ୍ଷ ୫୦ ହଜାର ଟଙ୍କା ବୋଲି ଭିଜିଲାନ୍ସ ଆକଳନ କରିଛି। ଶ୍ରୀ ନେପାକଙ୍କର ଜୟପୁର ସହରର ପିଆର ପେଟା ଅଞ୍ଚଳର ଏନ୍‌କେଟି ରୋଡ୍‌ରେ ଏକ ତିନି ମହଲା କୋଠା ଅଛି। ସେହିପରି ପିଆର ପେଟା ଅଞ୍ଚଳରେ ଥିବା ଗୋଲ୍‌ଡେନ୍ ହାଇଟ୍ ରେସିଡେନ୍‌ସିଆଲ୍ ଆପାର୍ଟମେଣ୍ଟରେ ତାଙ୍କର ଦୁଇଟି ଟୁ-ବିଏଚ୍‌କେ ଫ୍ଲାଟ୍ ଅଛି। ଏହି ଦୁଇଟି ଫ୍ଲାଟର ନମ୍ବର ହେଉଛି ୫୧୦ ଓ ୫୧୧। ଭୁବନେଶ୍ୱରର ରଘୁନାଥପୁର ଜାଲିରେ ଥିବା ୟୁଏମ୍‌ଏସ୍ ଭଗବତୀ ମେନସନ୍‌ରେ ତାଙ୍କ ଏକ ଥ୍ରୀ-ବିଏଚ୍‌କେ ଫ୍ଲାଟ୍ ଅଛି। ସେହିପରି ଜୟପୁର ସହରରେ ତାଙ୍କର ଦୁଇଟି ଦାମୀ ପ୍ଲଟ୍ ଅଛି।ଏହି ସବୁ ଘର ଓ ପ୍ଲଟଗୁଡ଼ିକର ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଟିମ୍ ପକ୍ଷରୁ ମାପଚୁପ ଓ ହିସାବକିତାବ ଜାରି ରହିଛି। ଜୟପୁରର ଗୋଲ୍‌ଡେନ୍ ହାଇଟ୍ ରେସିଡେନ୍‌ସିଆଲ୍ ଆପାର୍ଟମେଣ୍ଟରେ ଥିବା ଦୁଇଟି ଫ୍ଲାଟ୍‌ରୁ ଗୋଟିକରେ (ଫ୍ଲାଟ୍ ନମ୍ବର ୫୧୦ରେ) ଏକ ସିକ୍ରେଟ୍ ଟ୍ରେଜେରୀରେ ଡେପୁଟି ରେଞ୍ଜର ରାମଚନ୍ଦ୍ର ନେପାକ ନଗଦ ୧ କୋଟି ୩୮ ଲକ୍ଷ ୯୦ ହଜାର ଟଙ୍କା ରଖିଥିଲେ। ଏହାକୁ ଭିଜିଲାନ୍ସ ପକ୍ଷରୁ ଜବତ କରାଯାଇଛି। ସେହିପରି ତାଙ୍କର ଜୟପୁର ସ୍ଥିତ ଅନ୍ୟ ଏକ ଘରୁ ନଗଦ ୪ ଲକ୍ଷ ୪୪ ହଜାର ଟଙ୍କା ଜବତ କରାଯାଇଛି।

# ରାଜ୍ୟବ୍ୟାପୀ ଲଗାଣ ବର୍ଷା



ଭୁବନେଶ୍ୱର, ୨୫।୭ (ମହାଭାରତ): ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳ ଅଞ୍ଚଳରେ ଏକ ଅବପାତ ସୃଷ୍ଟି ହୋଇଛି। ଯାହାଫଳରେ ଆଜିଠୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ଆରମ୍ଭ ହୋଇଛି। ମୁଖ୍ୟତଃ ମୟୂରଭଞ୍ଜ ଓ ମାଲକାନଗିରି ଜିଲ୍ଲାରେ ସ୍ଥିତି ବେହାଲ୍ ହୋଇଛି। ଏହା ଆସନ୍ତା ୫ ବର୍ଷ ଦିନ ପର୍ଯ୍ୟନ୍ତ ଜାରି ରହିବ। କେତେକ ସ୍ଥାନରେ ଭୀଷଣରୁ ଅତି ଭୀଷଣ ବର୍ଷା, ଭୀଷଣ ବର୍ଷା, ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ। ଫଳରେ ମହାନଦୀ, ବ୍ରାହ୍ମଣୀ ଆଦି ନଦୀରେ ବନ୍ୟା ପରିସ୍ଥିତି ଦେଖାଯିବାର ସମ୍ଭାବନା ରହିଛି। ସମ୍ଭାବ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଜି ରାଜୀବ ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସମୀକ୍ଷା ବୈଠକ କରିଛନ୍ତି। ଏଥିରେ ସବୁ ଜିଲ୍ଲାପାଳଙ୍କୁ ସତର୍କ ରହିବାକୁ ପରମର୍ଶ ଦେଇଛନ୍ତି। ଆସନ୍ତାକାଲି କଟକ ଓ ମୟୂରଭଞ୍ଜ ଜିଲ୍ଲାରେ ଅତିପ୍ରବଳ ବର୍ଷା ହେବ। ଏଥିପାଇଁ ଆସନ୍ତାକାଲି ମୟୂରଭଞ୍ଜ ଜିଲ୍ଲାର ସମସ୍ତ ପ୍ରକାରର ସ୍କୁଲ (ସରକାରୀ ଏବଂ ବେସରକାରୀ) ବନ୍ଦ ଘୋଷଣା କରାଯାଇଥିବାବେଳେ କଟକ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟର ଛୁଟି ବାତିଲ କରାଯାଇଛି।

ଅବପାତ ବର୍ଷାକୁ ନେଇ ସବୁ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି ଏସ୍‌ଆରସି। ସବୁ ଜିଲାପାଳଙ୍କୁ ସଜାଗ ରହିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି। ମୟୂରଭଞ୍ଜ, କଟକ, କେନ୍ଦୁଝର, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼ରେ ପ୍ରବଳରୁ ଅତିପ୍ରବଳ ବର୍ଷା ରହିଛି। ସେହିପରି ଅନୁଗୋଳ, ଢେଙ୍କାନାଳ ଓ ସୁନ୍ଦରଗଡ଼ରେ ବି ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ସବୁ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି ଏହା ସହିତ ୨୮ ତାରିଖ ଯାଏ ସମୁଦ୍ରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି।

ଆଗାମୀ ୨୪ ଘଂଟା ମଧ୍ୟରେ ଉତ୍ତର ବଙ୍ଗୋପସାଗର, ଓଡ଼ିଶା ଉପକୂଳ ଓ ବାହାରେ, ପଶ୍ଚିମବଙ୍ଗ ଓ ବାଙ୍ଗଲାଦେଶ ତଟବର୍ତ୍ତୀ ଅଞ୍ଚଳରେ ପବନର ବେଗ ଘଂଟା ପ୍ରତି ୪୦ରୁ ୫୦ କି.ମି. ଏବଂ ସ୍ଥଳ ବିଶେଷରେ ୬୦ କି.ମି.କୁ ଛୁଇଁପାରେ । ସେହିପରି ୨୬ ରୁ ୨୯ ତାରିଖ ମଧ୍ୟରେ ଉତର ଓଡ଼ିଶାରେ ପବନର ବେଗ ଘଂଟା ପ୍ରତି ୩୦ରୁ ୪୦ କି.ମି. ଏବଂ ସ୍ଥଳ ବିଶେଷରେ ୫୦ କି.ମି.କୁ ଛୁଇଁପାରେ। ଏଣୁ ଏହି ସମୟରେ ମତ୍ସ୍ୟଜିବୀମାନଙ୍କୁ ଓଡ଼ିଶା ଉପକୂଳ ଓ ବାହାରେ, ପଶ୍ଚିମବଙ୍ଗ ଓ ବାଙ୍ଗଲାଦେଶ ତଟବର୍ତୀ ଅଂଚଳରେ ସମୁଦ୍ରକୁ ମାଛ ଧରିବାକୁ ଯିବାକୁ ବାରଣ କରାଯାଇଛି । ମାଲକାନଗିରିରେ ଲଘୁଚାପଜନିତ ଲଗାଣ ବର୍ଷା ଜାରି ରହିଛି। ବର୍ଷା ଯୋଗୁଁ ଲୋକେ ନାହିଁ ନଥିବା ହଇରାଣ ହେଉଥିବା ଲକ୍ଷ୍ୟ କରାଯାଇଛି। ଗତକାଲି ଠାରୁ ବର୍ଷା ଲାଗି ରହିଥିବାରୁ ଜିଲ୍ଲାର ସମସ୍ତ ତଳିଆ ବ୍ରିଜକୁ ଛୁଇଁଛି ପାଣି। ଅପରାହ୍ଣ ୫ଟାରେ ରିପୋର୍ଟ ଲେଖାଯିବା ବେଳକୁ କାଲିମେଳା ଓ ପଡିଆ ରାସ୍ତାରେ ରହିଥିବା କନ୍ୟାଶ୍ରମ ବ୍ରିଜ ଉପରେ ୩ ଫୁଟର ପାଣି ପ୍ରବାହିତ ହେଉଛି। ଫଳରେ କାଲିମେଳା ଓ ପଡିଆ ବ୍ଲକକୁ ଯୋଗାଯୋଗ ସଂପୂର୍ଣ୍ଣ ଠପ୍ ହୋଇଯାଇଛି।

## ହୀରାକୁଦର ୨୦ ଗେଟ୍ ଖୋଲିଲା

ସମ୍ବଲପୁର, ୨୫।୭ (ମହାଭାରତ): ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ହୀରାକୁଦର ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ହୀରାକୁଦ ଜଳଭଣ୍ଡାରରୁ ୧୬ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଚାଲିଥିବା ବେଳେ ପରେ ସ୍ଥିତିକୁ ଦେଖି ସନ୍ଧ୍ୟା ସୁଦ୍ଧା ଆଉ ୪ଟି ସ୍ଲୁଇସ୍ ଗେଟ୍ କୁ ଖୋଲା ଯାଇଛି । ରାତି ସାଢ଼େ ୮ଟା ଶେଷ ଖବର ସୁଦ୍ଧା ମୋଟ୍ ୨୦ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି । ଜଳଭଣ୍ଡାରର ବାମ ପାର୍ଶ୍ୱ ଡାଇକ୍ ର ୧୩ଟି ଓ ଡାହାଣ ପାର୍ଶ୍ୱ ଡାଇକ୍ ର ୭ଟି ସ୍ଲୁଇସ୍ ଗେଟ୍ ଖୋଲା ରହିଛି । ଜଳଭଣ୍ଡାରର ଜଳ ଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳ ପତନ ୬୦୯.୩୯ ଫୁଟ୍ ରହିଛି। ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ୩୫ ହଜାର ୧୬୬ କ୍ୟୁସେକ୍ ଜଳ ପ୍ରବେଶ କରୁଥିଲା ବେଳେ ୨୦ଟି ସ୍ଲୁଇସ୍ ଗେଟ୍, ସ୍ପିଲୱେ ଓ ପାୱାର ଚେନେଲ ଦେଇ ପ୍ରତି ସେକେଣ୍ଡରେ ୩ ଲକ୍ଷ ୩୫ ହଜାର ୧୬୬ କ୍ୟୁସେକ୍ ଜଳ ନିଷ୍କାସନ ହେଉଛି ।ପ୍ରକାଶ ଥାଉକି, ଗତ ୬ ତାରିଖ ଠାରୁ ହୀରାକୁଦ ଜଳଭଣ୍ଡାରରୁ ଛଡାଯାଉଛି ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ।

## ଭାରତ-ବ୍ରିଟେନ ଏଫ୍‌ଟିଏରେ ଓଡ଼ିଶାକୁ ମିଳିବ ଫାଇଦା

ଭୁବନେଶ୍ୱର, ୨୫।୭ (ପିଆଇବି): ଭାରତ ଏବଂ ବ୍ରିଟେନ୍ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା (ଏଫ୍‌ଟିଏ) ସ୍ୱାକ୍ଷରିତ ହେବା ପରେ ଓଡିଶା ସମେତ ଦେଶର ଉପକୂଳବର୍ତ୍ତୀ ରାଜ୍ୟଗୁଡିକ ପାଇଁ ବ୍ୟବସାୟର ଅପାର ସମ୍ଭାବନା ସୃଷ୍ଟି ହୋଇଛି। ବିଶେଷ କରି ସାମୁଦ୍ରିକ ଖାଦ୍ୟ ଏବଂ ହସ୍ତଶିଳ୍ପ ସାମଗ୍ରୀ ରପ୍ତାନି କ୍ଷେତ୍ରରେ ଓଡିଶାକୁ ଏହି ବାଣିଜ୍ୟିକ ରାଜିନାମାର ଲାଭ ମିଳିବ। ଭାରତ-ବ୍ରିଟେନ୍ ଏଫ୍‌ଟିଏ ଦ୍ୱାରା ଓଡିଶାରେ ଉତ୍ପାଦିତ ହେଉଥିବା ସାମୁଦ୍ରିକ ଖାଦ୍ୟ ସାମଗ୍ରୀ ପାଇଁ ବ୍ରିଟେନର ଏକ ବଡ ବଜାର ସୃଷ୍ଟି ହେବ। ପାରାଦୀପ ଏବଂ ବାଲେଶ୍ୱର ଭଳି ସ୍ଥାନରୁ ସାମୁଦ୍ରିକ ଖାଦ୍ୟ ସାମଗ୍ରୀର ରପ୍ତାନି ବୃଦ୍ଧି ପାଇବ ଏବଂ ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ମତ୍ସ୍ୟଜୀବୀ ଓ ମତ୍ସ୍ୟପାଳନ ଉଦ୍ୟୋଗ ଲାଭାନ୍ୱିତ ହୋଇପାରିବ।



ସାମୁଦ୍ରିକ ଖାଦ୍ୟ ଏବଂ ହସ୍ତଶିଳ୍ପ ସାମଗ୍ରୀ ରପ୍ତାନି କ୍ଷେତ୍ରରେ ଓଡିଶାକୁ ଏହି ବାଣିଜ୍ୟିକ ରାଜିନାମାର ଲାଭ ମିଳିବ। ଭାରତ-ବ୍ରିଟେନ୍ ଏଫ୍‌ଟିଏ ଦ୍ୱାରା ଓଡିଶାରେ ଉତ୍ପାଦିତ ହେଉଥିବା ସାମୁଦ୍ରିକ ଖାଦ୍ୟ ସାମଗ୍ରୀ ପାଇଁ ବ୍ରିଟେନର ଏକ ବଡ ବଜାର ସୃଷ୍ଟି ହେବ। ପାରାଦୀପ ଏବଂ ବାଲେଶ୍ୱର ଭଳି ସ୍ଥାନରୁ ସାମୁଦ୍ରିକ ଖାଦ୍ୟ ସାମଗ୍ରୀର ରପ୍ତାନି ବୃଦ୍ଧି ପାଇବ।

ପୂର୍ବତରୁ ଭାରତରୁ ବ୍ରିଟେନକୁ ଚିଙ୍ଗୁଡି ଭଳି ସାମୁଦ୍ରିକ ଖାଦ୍ୟ ସାମଗ୍ରୀର ରପ୍ତାନି ହେଉଥିଲା। ଅଧିକ ଶୁଳ୍କ କାରଣରୁ ବ୍ରିଟେନର ୫.୪ ବିଲିୟନ ଆମେରିକୀୟ ଡଲାର ସାମୁଦ୍ରିକ ଉତ୍ପାଦରେ ରପ୍ତାନିରେ ଭାରତର ଅଂଶଧନ ମାତ୍ର ୨.୫% ଥିଲା। ୨୦୨୪-୨୫ରେ ଭାରତରୁ ୧୦୪.୪୩ ନିୟୁତ ଡଲାର ସାମୁଦ୍ରିକ ଉତ୍ପାଦ ରପ୍ତାନି ହୋଇଥିବା ବେଳେ ଏଥିରେ ଚିଙ୍ଗୁଡିର ଭାଗ ୭୭% ରହିଛି। ପୂର୍ବରୁ ଭାରତରୁ ରପ୍ତାନି ହେଉଥିବା ଚିଙ୍ଗୁଡି ଉପରେ ୪.୨%ରୁ ୮.୫% ପର୍ଯ୍ୟନ୍ତ ଶୁଳ୍କ ଲାଗୁ ହେଉଥିଲା। ସେହିପରି ପ୍ରକ୍ରିୟାକୃତ ଖାଦ୍ୟ ସାମଗ୍ରୀ ଉପରେ ଶୁଳ୍କ ପରିମାଣ ୨୧.୫%ରେ ପର୍ଯ୍ୟନ୍ତ ବୃଦ୍ଧି ପାଉଥିଲା। ବର୍ତ୍ତମାନ ଦୁଇ ଦେଶ ମଧ୍ୟରେ ବିସ୍ତୃତ ବାଣିଜ୍ୟିକ ରାଜିନାମା ପରେ ଭାରତର ୯୯% ସାମୁଦ୍ରିକ ଉତ୍ପାଦକୁ ବ୍ରିଟେନ୍ ବଜାରେ ନିଃଶୁଳ୍କ କାରବାର ପାଇଁ ସୁବିଧା ମିଳିବ। ଫଳରେ ଦେଶର ସାମୁଦ୍ରିକ ରପ୍ତାନି ଓ କାରବାର ଦ୍ୱିଗୁଣିତ ହେବ ବୋଲି ଆଶା କରାଯାଉଛି। ଏହା ଦ୍ୱାରା ଓଡିଶା ସମେତ ସବୁ ଉପକୂଳବର୍ତ୍ତୀ ରାଜ୍ୟ ବିଶେଷ ଲାଭ ପାଇବେ। ଓଡିଶାରେ ରପ୍ତାନି ଆଧାରିତ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରପ୍ତାନିକାରୀମାନଙ୍କୁ ଭଲ ମୂଲ୍ୟ ମିଳିବ ଏବଂ ମତ୍ସ୍ୟଜୀବୀଙ୍କର ଆୟ ବୃଦ୍ଧି ପାଇବ। ରାଜ୍ୟ ତଥା ଦେଶର ଉପକୂଳ ଅର୍ଥବ୍ୟବସ୍ଥା ପାଇଁ ଅପାର ସମ୍ଭାବନା ସୃଷ୍ଟି ହେବ। ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍‌ଯୋଗରେ ନିୟୋଜିତ ମହିଳାମାନେ ମଧ୍ୟ ଅଧିକ ରୋଜଗାରକ୍ଷମ ହୋଇପାରିବେ।

ଅପରପକ୍ଷରେ ଓଡ଼ିଶାର ହସ୍ତଶିଳ୍ପ ଏବଂ ହସ୍ତତନ୍ତ ସାମଗ୍ରୀର ଅନ୍ତର୍ଜାତୀୟ ବଜାରରେ ବିଟଶଷ ଚାହିଦା ରହିଛି। ବ୍ରିଟେନ୍ ମଧ୍ୟ ଏହି ବଜାର ମଧ୍ୟରୁ ଅନ୍ୟତମ। ବର୍ତ୍ତମାନ ଦୁଇ ଦେଶ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ ହେବା ପରେ ଓଡ଼ିଶାରେ ପ୍ରସ୍ତୁତ ହେଉଥିବା ବିଭିନ୍ନ ହସ୍ତଶିଳ୍ପ ଏବଂ ହସ୍ତତନ୍ତ ସାମଗ୍ରୀ ରପ୍ତାନି ପାଇଁ ସୁବିଧା ମିଳିପାରିବ। ଜିଆଇ ମାନ୍ୟତାପ୍ରାପ୍ତ ହସ୍ତଶିଳ୍ପ ସାମଗ୍ରୀ ଉପରେ ପୂର୍ବରୁ ବ୍ରିଟେନ ବଜାରରେ ୧୬% ଶୁଳ୍କ ଲାଗୁ ହେଉଥିବା ବେଳେ ବର୍ତ୍ତମାନ ଏଫଟିଜରିଆରେ ସମ୍ପୂର୍ଣ୍ଣ ଉଚ୍ଛେଦ କରି ଦିଆଯାଇଛି।

## ନକଲି ଜବକାର୍ଡଧାରୀଙ୍କୁ ଖୋଜିବେ ସରକାର

ଭୁବନେଶ୍ୱର ୨୫।୭ (ମହାଭାରତ) : ଓଡ଼ିଶାରେ ଜବକାର୍ଡ ଠକେଇ ନେଇ ଲୋକସଭାରେ କେନ୍ଦ୍ରମନ୍ତ୍ରୀ କମଲେଶ ପାସୱାନଙ୍କ ମନ୍ତବ୍ୟ ପରେ କଠୋର ହୋଇଛନ୍ତି ରାଜ୍ୟ ସରକାର। ନକଲି ଜବ୍ କାର୍ଡ ଧରିବାକୁ ଆରମ୍ଭ ହେବ ଇ-କେୱାଇସି। ସମସ୍ତ ଜବ୍ କାର୍ଡଧାରୀ ଇ-କେୱାଇସି କରିବା ବାଧ୍ୟତାମୂଳକ। ୩ ମାସ ଭିତରେ ଇ-କେୱାଇସି ନକେଲ କଟିଯିବ କାର୍ଡ। ଏନେଇ ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ। ସରକାର ବର୍ଷେ ଭିତରେ ୨ ଲକ୍ଷ ନୂଆ। ଜବ୍ କାର୍ଡ ଦେଇଛନ୍ତି। କିନ୍ତୁ ଏହା ପୂର୍ବରୁ ଯେଉଁ ଜବକାର୍ଡ ଦିଆଯାଇଛି ସେ ସମସ୍ତଙ୍କୁ ତଦନ୍ତ କରାଯିବ ଏବଂ ଇକେୱାଇସି ନ ଦେଲେ ସେମାନଙ୍କର କାର୍ଡକୁ କାଟି ଦିଆଯିବ। ସଂସଦରେ କେନ୍ଦ୍ରମନ୍ତ୍ରୀ କମଲେଶ ପାସୱାନ ଏକ ପ୍ରଶ୍ନର ଉତ୍ତର ଦେଇ ନକଲି ଜବକାର୍ଡ ହାତେଇବାରେ ବିହାର ପରେ ଓଡ଼ିଶା ଦେଶରେ ଦ୍ୱିତୀୟ ସ୍ଥାନ କହିବା ପରେ ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ତଥ୍ୟ ଅନୁସାରେ ନକଲି ଜବ୍ କାର୍ଡ ହାତେଇବାରେ ବିହାର ପରେ ଓଡ଼ିଶା ଦେଶରେ ଦ୍ୱିତୀୟ।

## ବଳଙ୍ଗା ପୀଡିତାଙ୍କ ବୟାନ ରେକର୍ଡ

ନୂଆଦିଲ୍ଲୀ ୨୫।୭ (ମହାଭାରତ) : କ୍ରାଇମବ୍ରାଞ୍ଚ ଦିଲ୍ଲୀ ଯାଇ ଏମ୍‌ସରେ ଚିକିତ୍ସିତ ହେଉଥିବା ବଳଙ୍ଗା ପୀଡ଼ିତାଙ୍କର ଦ୍ୱିତୀୟ ଥର ପାଇଁ ବୟାନ ରେକର୍ଡ କରିଛି। ଆସନ୍ତାକାଲି କ୍ରାଇମବ୍ରାଞ୍ଚ ଟିମ୍ ଭୁବେଶ୍ୱର ଫେରିବାର କାର୍ଯ୍ୟକ୍ରମ ରହିଛି। ଏହି ବୟାନ ରେକର୍ଡ ସମୟର ଭିଡିଓ ରେକର୍ଡିଂ ମଧ୍ୟ କରାଯାଇଛି। ଏହି ବୟାନ ରେକର୍ଡ ସମୟରେ ସେଠାରେ ମାଜିଷ୍ଟ୍ରେଟ୍, ବଳଙ୍ଗା ଥାନାର ଜଣେ ମହିଳା ଏଏସ୍‌ଆଇ, କ୍ରାଇମବ୍ରାଞ୍ଚର ଜଣେ ମହିଳା ଅଫିସରଙ୍କ ସମେତ ପୀଡିତାଙ୍କ ପରିବାରର ଜଣେ ସଦସ୍ୟ ଉପସ୍ଥିତ ଥିଲେ। ଘଟଣା ଘଟିବାର ୭ ଦିନ ବିତି ଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଦୁର୍ବୃର୍ତ୍ତଙ୍କର କୌଣସି ପତ୍ତା ମିଳି ନାହିଁ। ଦୁର୍ଘଟଣାସ୍ଥଳରୁ ଯେଉଁ ରୂପା ମୁଦିଟି ପୋଲିସ ଉଦ୍ଧାର କରିଛି ସେ ସମ୍ପର୍କରେ ତଦନ୍ତ କରି ମୁଦି ବିକ୍ରି କରିଥିବା କ୍ରିଷ୍ଣା ଜୁଏଲାରୀର ମାଲିକଙ୍କୁ ଥାନାକୁ ନେଇ ପଚରା ଉଚରା କରିବା ପରେ ସେ କହିଛନ୍ତି ଯେ, ପୀଡିତାଙ୍କର ଜଣେ ସାଙ୍ଗ ଏହି ମୁଦିଟି ଅଢ଼େଇ ମାସ ତଳେ କିଣିଥିଲେ। ସେହି ମୁଦି କିଣିଥିବା ସାଙ୍ଗଟିକୁ ପୋଲିସ ବର୍ତ୍ତମାନ ଖୋଜୁଛି।

## ଯଜ୍ଞେଶ୍ୱର ଦଣ୍ଡପାଟ ପୁଣି ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି

ଭୁବନେଶ୍ୱର, ୨୫।୭ (ମହାଭାରତ) : ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟଙ୍କୁ ପୁଣି ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ଦାୟିତ୍ୱ ମିଳିଛି। ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟଙ୍କ ନିଯୁକ୍ତି ନେଇ ଶୁକ୍ରବାର ରାଜଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେ ନୂଆ। କୁଳପତି ନିଯୁକ୍ତି ପର୍ଯ୍ୟନ୍ତ ଦାୟିତ୍ୱରେ ରହିବେ। ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଗତ ୨୨ ତାରିଖରେ ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟଙ୍କ ନିଯୁକ୍ତି ରଦ୍ଦ ହୋଇଥିଲା। ପୁରୁଣା ବିଶ୍ୱବିଦ୍ୟାଳୟ ଆଇନ ଅନୁସାରେ ରଦ୍ଦ ହୋଇଥିଲା ନିଯୁକ୍ତି। ଗତ କ୍ୟାବିନେଟ୍ରେ ବିଶ୍ୱବିଦ୍ୟାଳୟ ଆଇନ ସଂଶୋଧନ ପରେ ପୁନଃ ନିଯୁକ୍ତି ଦେଲେ କୁଳାଧିପତି।

## ଲୋକସଭାରୁ ଶେଷ ହେବ ଅଚଳାବସ୍ଥା

ନୂଆଦିଲ୍ଲୀ, ୨୫।୭ (ମହାଭାରତ): ଲୋକସଭା ଅଧ୍ୟକ୍ଷ ଓମ ବିର୍ଲା ଶୁକ୍ରବାର ଦିନ ଗୃହରେ ପାଞ୍ଚ ଦିନ ଧରି ଚାଲିଥିବା ଅଚଳାବସ୍ଥାକୁ ଶେଷ କରିବା ପାଇଁ ଏକ ସର୍ବଦଳୀୟ ବୈଠକ ଡାକିଥିଲେ। ଏହି ବୈଠକରେ ଅଚଳାବସ୍ଥା ଶେଷ କରି ସୋମବାରରୁ ଗୃହର କାର୍ଯ୍ୟ ସାଧାରଣ ଭାବେ ଚାଲିବା ଉପରେ ସମ୍ମତି ହୋଇଛି। ସୂତ୍ର ପକ୍ଷରୁ ଜଣାପଡିଛି ଯେ, ସର୍ବଦଳୀୟ ବୈଠକରେ ବିରୋଧୀ ନେତାମାନେ ଅଧ୍ୟକ୍ଷଙ୍କୁ ଗୃହ ସାଧାରଣ ଭାବେ ଚାଲିବାରେ ସହଯୋଗ କରିବା ପାଇଁ ଆଶ୍ୱାସନା ଦେଇଛନ୍ତି। ଏହା ମଧ୍ୟରେ ଆସନ୍ତା ସପ୍ତାହରେ ଅପରେସନ୍ ସିନ୍ଦୂର ବିଷୟରେ ଆଲୋଚନା ନିଶ୍ଚିତ ହୋଇଛି। ରାଜ୍ୟସଭାରେ ଏହି ଆଲୋଚନା ପାଇଁ ୧୬ ଘଣ୍ଟା ସମୟ ନିର୍ଦ୍ଧାରିତ କରାଯାଇଛି।



# ଜୀବନଚର୍ଯ୍ୟା





## ଆଳୁ ପୁରି'

**ଆବଶ୍ୟକ ସାମଗ୍ରୀ :** ଅଟା, ଆଳୁ, କଟାକଂଚାଲଙ୍କା, ଅଳ୍ପ ହଳଦୀ, ଲାଲ୍ ଲଙ୍କାଗୁଣ୍ଡ, ତେଲ, ଲୁଣ, ଜୁଆଣୀ ଓ କସ୍ତୁରୀ ମେଥି ।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ ଅଟା ସହ ଲୁଣ ମିଶାଇ ଛଲୁଣୀରେ ଚଲାଇ ନିଅନ୍ତୁ। ଏଥିରେ ଜୁଆ ।ଣୀ ଓ କସ୍ତୁରୀ ମେଥି ମିଶାଇ ଅଳ୍ପ ଅଳ୍ପ ପାଣି ଦେଇ ଭଲଭାବେ ଦଳିଦିଅନ୍ତୁ। ଏହାକୁ ଏକ ଦୋକନାରେ ଅଧଘଂଟା ଘୋଡ଼ାଇ ରଖନ୍ତୁ। ଏବେ ଆଳୁକୁ ସିଝାଇ, ଚୋପା ଛଡ଼ାଇ କଟା ଲଙ୍କା, ତେଲ, ଲୁଣ, ହଳଦୀ ଓ ଲାଲ୍ ଲଙ୍କାଗୁଣ୍ଡ ମିଶାଇ ଭଲକରି ଚକଟି ଦିଅନ୍ତୁ। ଏବେ ଦଳା ହୋଇଥିବା ଅଟାରୁ ଛୋଟ ଛୋଟ ଗୁଳା ପ୍ରସ୍ତୁତ କରନ୍ତୁ ଓ ଏଗୁଡ଼ିକୁ ପୁରି ପରି ବେଲନ୍ତୁ। ଏବେ ପୁରି ମଝିରେ ଆଳୁପୁର ରଖି ଚାରିପଟୁ ବନ୍ଦ କରି ଏହାକୁ ପୁଣି ଗୁଳା କରି ଆଉଥରେ ବେଲି ଦିଅନ୍ତୁ। ବର୍ତମାନ କଡ଼େଇରେ ତେଲ ଗରମ କରି ଏଗୁଡ଼ିକୁ ଛାଣିନ୍ତୁ। ବର୍ତମାନ ପ୍ରସ୍ତୁତ ହୋଇଗଲା ଗରମା ଗରମ ନ୍ତଆଳୁ ପୁରି।



**ଖବର**


## ଅଗଷ୍ଟ ୧ରେ 'ଛି ରେ ନନୀ'



ଅଗଷ୍ଟ ୧ ତାରିଖରେ ମୁକ୍ତିଲାଭ କରିବ ନୂଆ ସିନେମା 'ଛି ରେ ନନୀ'। ଏକ ଭିନ୍ନ ଧରଣର ଲଭଷ୍ଟୋରି ବୋଲି କୁହାଯାଉଥିବା ସୀତାରାମ ଅଗ୍ରୱାଲ୍ ଓ ନମିତା ଅଗ୍ରୱାଲଙ୍କ ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶକ ହେଲେ ସୁଶାନ୍ତ ମଣିୟ ସେ ଏହାର କାହାଣୀ ଓ ଚିତ୍ରନାଟ୍ୟ ବି ଲେଖିଛନ୍ତି। ସୁଶାନ୍ତ ମଣି ଓ ହରେନ୍ କୁମାର ମିଳିତ ଭାବେ ଫିଲ୍ମର ସଂଳାପ ରଚନା କରିଛନ୍ତି। 'ଛି ରେ ନନୀ'ରେ ଶୈଳେନ୍ଦ୍ର ଓ ଶିବାନୀ ନାୟକନାୟିକା ଭୂମିକାରେ ଅଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦୀପାନ୍ୱିତ ଦାସମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ଧରିତ୍ରୀ ଖଣ୍ଡୁଆଳ, ସୁମନ୍ତ ମଣି, ଭକ୍ତିରଂଜନ ଓ ଆଦ୍ୟାଶା ଦାସ ପ୍ରମୁଖଙ୍କୁ ବି ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଦେଖିବାକୁ ମିଳିବ। 'ଛି ରେ ନନୀ'ର ଗୀତିକାର ଓ ସଙ୍ଗୀତକାର ସ୍ୱର୍ଗତ ସତ୍ୟ ଅଧିକାରୀ। ଅସଦ୍ ନିଜାମ୍ ଏହାର ପ୍ରୋଗ୍ରାମର୍। କୁହୁ ମଲ୍ଲ ସିନେମାଟୋଗ୍ରାଫି କରିଥିବା ବେଳେ ରାଜେଶ ଦାଶ ସଂପାଦନା କରିଛନ୍ତି।

## ବୟସ ଅନୁଯାୟୀ ରକ୍ତଚାପ କେତେ ରହିବା ଜରୁରୀ ?

ର୍ବତମାନ ସମୟରେ ଉଚ୍ଚ ରକ୍ତଚାପ ସଭିଁଙ୍କ ପାଇଁ ସମସ୍ୟା ପାଲଟିଛି । ଉଚ୍ଚ ରକ୍ତଚାପ ସିଧାସଳଖ କୋଲେଷ୍ଟେରୋଲ୍ ଓ ହୃଦୟ ସହ ଜଡିତ । କୋଲେଷ୍ଟେରୋଲ୍ ବୃଦ୍ଧି ଓ ହୃଦୟ ସଠିକ୍ ଭାବେ କାମ ନକରିବା ଦ୍ୱାରା ପ୍ରଥମ ଲକ୍ଷଣ ଉଚ୍ଚ ରକ୍ତଚାପ ଭାବେ ଦେଖାଯାଏ । ତେଣୁ ବୟସ ଅନୁଯାୟୀ ରକ୍ତଚାପ କେତେ ରହିବା ଜରୁରୀ ତାହା ଜାଣିବା ନିତାନ୍ତ ଆବଶ୍ୟକ । କାରଣ ବୟସ ଅନୁଯାୟୀ ସଭିଁଙ୍କ ରକ୍ତଚାପ ଭିନ୍ନ ଭିନ୍ନ ହୋଇଥାଏ । ଜାଣନ୍ତୁ ୧୮ ବର୍ଷରୁ ଆରମ୍ଭ କରି ୬୦ ବର୍ଷ ପର୍ଯ୍ୟନ୍ତ ବୟସ ଅନୁଯାୟୀ କେତେ ରକ୍ତଚାପ ରହିବା ଦ୍ୱାରା ଶରୀର ସୁସ୍ଥ ରହିଥାଏ ।



୧୮-୩୯ ବର୍ଷ ଯୁବକଙ୍କ ୧୧୯/୭୦ ଓ ମହିଳାଙ୍କର ୧୧୦/୬୮ଏମଏମ ରକ୍ତଚାପ ରହିବା ସ୍ୱାସ୍ଥ୍ୟକର ବୋଲି କୁହାଯାଏ ।

୪୦-୫୬ ବର୍ଷ ବ୍ୟକ୍ତିଙ୍କର ୧୨୪/୭୭ ଓ ମହିଳାଙ୍କର ୧୨୨/୭୪ ରକ୍ତଚାପ ସ୍ୱାସ୍ଥ୍ୟକର ଅଟେ ।

ସେହିପରି ୬୦ ବର୍ଷ ଉର୍ଦ୍ଧ ବ୍ୟକ୍ତିଙ୍କର ୧୩୩/୬୯ ଓ ମହିଳାଙ୍କର ରକ୍ତଚାପ ୧୩୯/୬୮ ସଠିକ୍ ଅଟେ ।

ବୟସ ଅନୁଯାୟୀ ରକ୍ତଚାପ ଏତିକି ରହିବା ଦ୍ୱାରା ହୃଦୟ ସଠିକ୍ ଭାବେ କାର୍ଯ୍ୟ କରିଥାଏ।

ଦୀର୍ଘାୟୁ ଓ ସୁସ୍ଥ ଜୀବନ ପାଇଁ ୧୦୦/୭୦ ରକ୍ତଚାପ ରହିବା ଜରୁରୀ।

## ରୁପା ବାସନରେ ଖାଇଲେ ଶରୀରକୁ ମିଳିବ ଆଶ୍ଚର୍ଯ୍ୟଜନକ ଲାଭ

ରୁପାକୁ ସାଧାରଣତଃ ଲୋକେ ବିଭିନ୍ନ ଗହଣା ତିଆରି କରିବାରେ ବ୍ୟବହାର କରି ଥାଆନ୍ତି । ମାତ୍ର ରୁପାରୁ କେବଳ ଗହଣା ନୁହେଁ ବରଂ ବାସନ ମଧ୍ୟ ତିଆରି କରାଯାଏ ।ଏହା ମହଙ୍ଗା ହୋଇଥିବା କାରଣରୁ କମ୍ ଲୋକେ ଏହାକୁ ବ୍ୟବହାର କରି ଥାଆନ୍ତି । ମାତ୍ର ରୁପା ବାସନରେ ଖାଦ୍ୟ ସେବନ କରିବା କୌଣସି ବରଦାନରୁ କମ୍ ନୁହେଁ । ଆୟୁର୍ବେଦ ଅନୁଯାୟୀ, ରୁପାରେ ଆଣ୍ଟିସେପଟିକ୍, ଆଣ୍ଟି-ବ୍ୟାକ୍ଟେରିୟଲ ଭଳି ଅନେକ ଗୁଣ ରହିଛି ।ଫଳରେ ରୁପାର ବାସନରେ ଭୋଜନ କରିବା ଦ୍ୱାରା ସ୍ୱାସ୍ଥ୍ୟକୁ ଚମତ୍କାରୀ ଲାଭ ମିଳିଥାଏ ।ରୁପା ବାସନରେ ଭୋଜନ କରିବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ମଜଭୁତ ହୋଇଥାଏ । ଫଳରେ ସହଜରେ ରୋଗଗ୍ରସ୍ତ ହେବେ ନାହିଁ ୟ ନିରୋଗ ରହିବେ ।ରୁପା ବାସନରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଖାଦ୍ୟ ସୁରକ୍ଷିତ ରହିଥାଏ । ଏଥିରେ କୌଣସି ପ୍ରକାର ବ୍ୟାକ୍ଟେରିଆ ସୃଷ୍ଟି ହୋଇ ନଥାଏ ।ରୁପା ବାସନରେ ଭୋଜନ କରିବା ଦ୍ୱାରା ପାଚନ ତନ୍ତ୍ର ମଜଭୁତ ହୋଇଥାଏ। ଫଳରେ ଖାଦ୍ୟ ଭଲରେ ଓ ସହଜରେ ହଜମ ହୋଇଥାଏ ୟରୁପାର ଗୁଣ ଥଣ୍ଡା। ଏଥିରୁ ପ୍ରସ୍ତୁତ ବାସନରେ ଭୋଜନରେ କରିବା ଦ୍ୱାରା ଶରୀରକୁ ଥଣ୍ଡା ମିଳିଥାଏ । ରୁପା ବାସନରେ ଖାଦ୍ୟ ପ୍ରସ୍ତୁତ କରିବା ଦ୍ୱାରା



ଶରୀର ଶାନ୍ତ ସହ ମସ୍ତିଷ୍କ ସୁସ୍ଥ ରହିଥାଏ ୟ ସ୍ମରଣ ଶକ୍ତି ବୃଦ୍ଧି ହୋଇଥାଏ । ରୁପାର ଟଙ୍କାକୁ କ୍ଷୀର କିମ୍ବା ପାଣିରେ ଫୁଟାଇ କେବଳ ସେହି କ୍ଷୀର କିମ୍ବା ପାଣିକୁ ପିଇବା ଦ୍ୱାରା ଶରୀରକୁ ଅଗଣିତ ଲାଭ ମିଳିଥାଏ ।ଏହି କ୍ଷୀର ଓ ପାଣିକୁ ପିଇବା ଦ୍ୱାରା ଶରୀରରେ ଶକ୍ତି ବୃଦ୍ଧି ହୋଇଥାଏ । ଶରୀରର ଥକ୍କାପଣ ଦୂର ହେବା ସହ ଦୁର୍ବଳ ଅନୁଭବ ହୋଇନଥାଏ ।ଏହି ବାସନରେ ଭୋଜନ କରିବା ଦ୍ୱାରା ହାଡ ଜନିତ ଅନେକ ରୋଗରୁ ମୁକ୍ତି ମିଳିଥାଏ ।

## ଜୀବନରେ ଥରେ ଏହି ୬ ବୃକ୍ଷର ପୂଜା କରିବା ଦରକାର

### କେବେ ହେବନି ଧନର ଅଭାବ

ଭଗବାନ ଶ୍ରୀକୃଷ୍ଣ ଏମିତି ୬ଟି ବୃକ୍ଷ ବିଷୟରେ କହିଛନ୍ତି ଯାହାର ପୂଜା କରିବା ଦ୍ୱାରା ବ୍ୟକ୍ତିର ଜୀବନରୁ ଦୁଃଖ, କଷ୍ଟ, ଦାରିଦ୍ର୍ୟତା, କ୍ଲେଶ ସବୁ ଦୁର ହୋଇଯାଇଥାଏ। ଆମ ହିନ୍ଦୁ ଧର୍ମରେ ବୃକ୍ଷ ମାନଙ୍କୁ ପୂଜନୀୟ କୁହାଯାଇଛି। ଶାସ୍ତ୍ର ଅନୁସାରେ ବୃକ୍ଷର ମଧ୍ୟ ଜୀବନ ରହିଛି। ଏହି ସୃଷ୍ଟିରେ ସର୍ବ ପ୍ରଥମ ବୃକ୍ଷ ମାନଙ୍କୁ ହିଁ ସ୍ଥାନ ମିଳିଥିଲା । ଏହା ପରେ ଜୀବଜନ୍ତୁଙ୍କ ଉତ୍ପତ୍ତି ହୋଇଥିଲା। ବୃକ୍ଷମାନେ ଆମର ପ୍ରକୃତ ସାଥୀ ହୋଇଥାନ୍ତି ।

ବୃକ୍ଷ ମାନଙ୍କୁ ଶାସ୍ତ୍ରରେ ବହୁତ ମହତ୍ୱ ଦିଆଯାଇଛି। ଗଛ ଆମ ପାଇଁ ସମ୍ମାନୀୟ ଏବଂ ପୂଜନୀୟ ହୋଇଥାଏ। କିନ୍ତୁ ଏମାନଙ୍କ ମଧ୍ୟରୁ କିଛି ବୃକ୍ଷ ଏମିତି ମଧ୍ୟ ରହିଛି ଯାହା ବିଶେଷ ମହତ୍ତ୍ୱ ରଖିଥାନ୍ତି ଏବଂ ମନୁଷ୍ୟ ଭଗବାନଙ୍କ ପରି ଏହି ବୃକ୍ଷ ମାନଙ୍କୁ ମଧ୍ୟ ପୂଜା କରିଥାଏ। ଆଜି ଆମେ ଆପଣଙ୍କୁ ଏମିତି କିଛି ବୃକ୍ଷ ବିଷୟରେ କହିବାକୁ ଯାଉଛୁ। ଯାହାର ବର୍ଣ୍ଣନା ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କରିଛନ୍ତି। ତେବେ ଚାଲନ୍ତୁ ଜାଣିବା ।



ତୁଳସୀ ଗଛ:- ପ୍ରତ୍ୟେକ ହିନ୍ଦୁ ଘରେ ପବିତ୍ର ତୁଳସୀ ଗଛ ଦେଖିବାକୁ ମିଳିଥାଏ। ତୁଳସୀ ଗଛକୁ ହିନ୍ଦୁ ଧର୍ମରେ ସବୁଠାରୁ ପବିତ୍ର ବୋଲି କୁହାଯାଇଥାଏ। ସେଥିପାଇଁ ତୁଳସୀ ଗଛକୁ ପ୍ରତିଦିନ ପୂଜାର୍ଚ୍ଚନା କରାଯାଇଥାଏ। ତୁଳସୀ ଗଛ ଭଗବାନ ଶ୍ରୀକୃଷ୍ଣଙ୍କ ଅତି ପ୍ରିୟ ଅଟେ। ଏହି ଗଛକୁ ଆୟୁର୍ବେଦରେ ମଧ୍ୟ ବହୁତ ଉପକାରୀ ଅଟେ ।

ଅଶୋକ ଗଛ:- ହିନ୍ଦୁ ଧର୍ମରେ ଅଶୋକ ଗଛକୁ ବହୁତ ପୂଜନୀୟ ବୋଲି କୁହାଯାଇଛି। ବେଦ, ପୁରାଣରେ ଏବଂ ଗୀତାରେ ମଧ୍ୟ ଭଗବାନ ଶ୍ରୀକୃଷ୍ଣ ଅଶୋକ ଗଛର ଉଲ୍ଲେଖ କରିଛନ୍ତି। ଅଶୋକ ଗଛରେ ମଧ୍ୟ ବହୁତ ପ୍ରକାରର ଔଷଧୀୟ ଗୁଣ ରହିଛି। ଭାରତରେ ଅଶୋକ ଗଛକୁ ପୂଜା କରିବାର ବହୁତ ପ୍ରକାରର ନିୟମ ରହିଛି। କାରଣ ଶାସ୍ତ୍ର ଅନୁସାରେ ଅଶୋକ ଗଛରେ ୩୩କୋଟି ଭଗବାନ ବାସ କରିଥାନ୍ତି।

ବର ଗଛ:- ଏହି ଗଛକୁ ଶାସ୍ତ୍ରରେ ପବିତ୍ର ବୋଲି କୁହାଯାଇଛି। ହିନ୍ଦୁ ଶାସ୍ତ୍ର ଅନୁସାରେ ଜ୍ୟେଷ୍ଠ ମାସରେ ବରଗଛକୁ ପୂଜା କରାଯାଇଥାଏ। ଏହି ବ୍ରତ ବିବାହିତା ମହିଳା ମାନେ ନିଜ ସ୍ୱାମୀଙ୍କ ଲମ୍ବା ଆୟୁଷ ପାଇଁ ରଖିଥାନ୍ତି।

ନିମ୍ବ ଗଛ:- ଏହି ଗଛରେ ମଧ୍ୟ ବହୁତ ଔଷଧୀୟ ଗୁଣ ରହିଛି। ଏହି ଗଛ ଆପେ ଆପେ ଉଠି ଥାଏ। ଏହି ଗଛ ବହୁତ ମାତ୍ରାରେ ମିଳିଥାଏ। ଏହି ଗଛର ପତ୍ର ବହୁତ ଉପକାରି ଅଟେ। ଏହା ଗ୍ରୀଷ୍ମ ଦିନରେ ହେଉଥିବା ରୋଗମାନଙ୍କ ଠାରୁ ରକ୍ଷା ପାଇବା ପାଇଁ କରାଯାଇଥାଏ ।

ଆମ୍ବ ଗଛ:- ହିନ୍ଦୁ ଧର୍ମରେ କିଛି ବି ଶୁଭ କାର୍ଯ୍ୟରେ, ପର୍ବ ପର୍ବାଣୀରେ ଘରର କବାଟରେ ଆମ୍ବ ପତ୍ରର ତୋରଣ ବାନ୍ଧିବାର ପରମ୍ପରା ରହିଛି। ଭଗବାନଙ୍କ ପାଖରେ ରଖିଥିବା କଳସରେ ମଧ୍ୟ ଆମ୍ବ ପତ୍ର ରଖାଯାଇଥାଏ। ବିବାହ, ଜନ୍ମଦିନରେ ମଧ୍ୟ ଆମ୍ବ ଗଛକୁ ପୂଜା କରିବା ଶୁଭ ବୋଲି କୁହାଯାଇଥାଏ।

ନଡ଼ିଆ ଗଛ:- ଏହି ଗଛକୁ ଶ୍ରୀଫଳ ମଧ୍ୟ କୁହାଯାଇଥାଏ। ଔଷଧୀୟ ଗୁଣରେ ଭରପୁର ଏବଂ ଧାର୍ମିକ କ୍ଷେତ୍ରରେ ମଧ୍ୟ ଉଚ୍ଚ ମାନ୍ୟତା ଦିଆଯାଇଥିବା ନଡ଼ିଆ ଗଛର କୌଣସି ଭାଗ ଅନୁପଯୋଗୀ ହୋଇନଥାଏ। ନଡ଼ିଆ ବିନା କୌଣସି ଶୁଭ କାର୍ଯ୍ୟ ହୋଇନଥାଏ। ନଡ଼ିଆ ପ୍ରତ୍ୟେକ ଶୁଭ କାର୍ଯ୍ୟରେ ସର୍ବ ପ୍ରଥମେ ଲାଗିଥାଏ।

## ବାରମ୍ବାର ପରିସ୍ରା ଲାଗୁଛି କି !

ବୟସ୍କ ପୁରୁଷମାନଙ୍କ ଠାରେ ଗୁରୁତର ରୋଗ ହେତୁ ପ୍ରୋଷ୍ଟାଟିକ୍ ରୋଗ ସାଧାରଣ ହୁଏ। ସାମ୍ପ୍ରତିକ ଅବସ୍ଥା ଯେପରିକି ବାର୍ଦ୍ଧକ୍ୟ, ପାଣିପାଗରେ ପରିବର୍ତ୍ତନ, ଯାତ୍ରା କିମ୍ବା ବୃତ୍ତି ସହିତ ଜଡିତ ଚାପ, ବିଭିନ୍ନ ସ୍ଥାନରୁ ଜଳ ଇତ୍ୟାଦି ପ୍ରୋଷ୍ଟେଟ ସମସ୍ୟା ସୃଷ୍ଟି କରିପାରେ। ଯଦିଓ ଜୀବନଶୈଳୀ ଏବଂ ବୟସ ବଢ଼ିବା କାରଣରୁ ପୁରୁଷମାନଙ୍କ ଜୀବନର ଗୁଣ ବ୍ୟାହତ ହୁଏ କାରଣ ପ୍ରୋଷ୍ଟେଟ ଗ୍ରନ୍ଥିରେ ବୃଦ୍ଧି ନିମ୍ନ ମୂତ୍ରାଶୟ ଲକ୍ଷଣ ଦ୍ୱାରା ହୋଇପାରେ।

ତଥ୍ୟ ଅନୁଯାୟୀ ୪୦ ରୁ ଅଧିକ ବୟସ୍କ ପୁରୁଷଙ୍କ ମଧ୍ୟରୁ ପ୍ରାୟ ୬୫% ଏହି ବିରକ୍ତିକର ଲକ୍ଷଣରେ ପୀଡିତ। ତେବେ ଏହି ରୋଗୀଙ୍କ ମଧ୍ୟରୁ ଅଧିକାଂଶ କାହିଁକି ପୀଡିତ ? ଅନ୍ୟ ଏକ କାରଣ ସୁଗାର ମଧ୍ୟ ହୋଇଥାଇ ପାରେ ।

ପ୍ରୋଷ୍ଟେଟର ଲକ୍ଷଣ: ଅଧିକାଂଶ ରୋଗୀ ଚିକିତ୍ସା ପାଇଁ ବିଳମ୍ବରେ ପହଞ୍ଚନ୍ତି। ସାଧାରଣତଃ ରୋଗୀ ରୋଗ ବିଷୟରେ କହିବାକୁ ବାରଣ କରେ କିମ୍ବା ବାର୍ଦ୍ଧକ୍ୟର ଏକ ଅପରିହାର୍ଯ୍ୟ ପରିଣାମ ଭାବରେ ଛାଡିଦିଏ, କିମ୍ବା ଶୀତଳ ପାଗ ଏବଂ ବାହ୍ୟ ପାନୀୟ ଜଳ ପରି ବାହ୍ୟ କାରଣରୁ ସେମାନେ ଯନ୍ତ୍ରଣା ଭୋଗିବାକୁ ଲାଗନ୍ତି। ନିରବରେ ସେମାନେ ଲକ୍ଷଣରୁ ଦୂରେଇ ରୁହନ୍ତି ଏବଂ ସେମାନଙ୍କର ଯନ୍ତ୍ରଣାକୁ ମୁକାବିଲା କରିବା ପାଇଁ ଆତ୍ମ-ବ୍ୟାଖ୍ୟାକାରୀ କୌଶଳ ବିକାଶ କରନ୍ତି, ଯେପର୍ଯ୍ୟନ୍ତ ସେମାନେ ସ୍ପଷ୍ଟ ଭାବରେ ଖରାପ ନ ହୁଅନ୍ତି ଏବଂ ଜଟିଳତା ସୃଷ୍ଟି ହୁଏ ।

ମୋହାଲି, ଫୋର୍ଟିସ୍ ହସ୍ପିଟାଲ୍, କନସଲଟା ୟୁରୋଲୋଜିଷ୍ଟ ମନୀଷ ଅହୁଜାଙ୍କ କହିବାନୁସାରେ, ନିମ୍ନ ଲକ୍ଷଣ ଦ୍ୱାରା ଜୀବନର ଗୁଣବତ୍ତା ବାଧାପ୍ରାପ୍ତ ହୁଏ । ଲକ୍ଷଣଗୁଡିକର ଅଜ୍ଞତା ହେତୁ, ଏହିପରି ରୋଗୀ ଜଳ ଏବଂ ଅନ୍ୟ ଏକ ତରଳ ପଦାର୍ଥକୁ ସୀମିତ ରଖିବା ଆରମ୍ଭ କରନ୍ତି। ସେମାନେ ମଧ୍ୟ ସେମାନଙ୍କର ପରିସ୍ରା ବିଷୟରେ ସଚେତନ ହୁଅନ୍ତି, ଯଥା ବାହାରେ ଦୀର୍ଘ ଯାତ୍ରା କରିବା ପୂର୍ବରୁ ପରିସ୍ରା କରିବା, ଶୌଚାଳୟ ସ୍ଥାନ ଉପରେ ନଜର ରଖିବା, ଦୂର ଦୂରାନ୍ତର ଯାତ୍ରା ଠାରୁ ଦୂରେଇ ରହିବା।

ସାମାନ୍ୟ ବର୍ଦ୍ଧିତ ପ୍ରୋଷ୍ଟେଟ ଥିବା କେତେକ ପୁରୁଷଙ୍କ ଉଲ୍ଲେଖନୀୟ ଲକ୍ଷଣ ଥାଇପାରେ, ଯେତେବେଳେ ପ୍ରୋଷ୍ଟେଟ ବୃଦ୍ଧି ପାଇଥିବା ଅନ୍ୟ ପୁରୁଷମାନଙ୍କର ସାମାନ୍ୟ ମୂତ୍ରାଶୟ ଲକ୍ଷଣ ଥାଇପାରେ। ଏହା ଧ୍ୟାନ ଦେବା ଜରୁରୀ ଯେ ପ୍ରୋଷ୍ଟେଟର ଆକାର ଆପଣଙ୍କ ଲକ୍ଷଣର ଗମ୍ଭୀରତା ନିର୍ଣ୍ଣୟ କରେ ନାହିଁ। ଯଦି ଏହାର ଚିକିତ୍ସା କରା ନ ଯାଏ, ତାହା ମୂତ୍ର ନଳୀରେ ବାଧା ସୃଷ୍ଟି କରିପାରେ ଏବଂ ଏହା ପ୍ରୋଷ୍ଟେଟ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇପାରେ। ତେଣୁ ଆପଣ ଡାକ୍ତରଙ୍କ ସହ ଯୋଗାଯୋଗ କରିବା ଉଚିତ ଏବଂ ଏହି ସମସ୍ୟା ଦ୍ୱାରା ଲଜ୍ଜିତ ନହେବା ପାଇଁ ପରାମର୍ଶ ଦିଆଯାଇଛି। ତୁମର ବୟସ, ସ୍ୱାସ୍ଥ୍ୟ ଏବଂ ଅବସ୍ଥା ଉପରେ ଆଧାର କରି ଡାକ୍ତର ଆପଣଙ୍କ ଯତ୍ନ ନେବାରେ ସାହାଯ୍ୟ କରିପାରିବେ।

ଅଧିକ ପରିସ୍ରା ଲାଗୁଥିଲେ ହୋଇପାରେ ଏହି ରୋଗ : ଏହାର ଲକ୍ଷଣ (ବେନିନ୍ ପ୍ରୋଷ୍ଟାଟିକ୍ ହାଇପରପ୍ଲାସିଆ) ଉତ୍ତମ ପ୍ରୋଷ୍ଟାଟିକ୍ ହାଇପରପ୍ଲାସିଆ। ଏକ ମିଶ୍ରଣ ଶାରୀରିକ, ରେଡିଓଗ୍ରାଫିକ୍ ପରୀକ୍ଷଣ ଏବଂ କିଛି ଲାବୋରେଟୋରୀ ପରୀକ୍ଷଣର ପରିସ୍ରା ନିର୍ଣ୍ଣୟ କରେ। ଶାରୀରିକ ପରୀକ୍ଷଣରେ ଏକ ଡିଜିଟାଲ୍ ରେକ୍ଟାଲ୍ ପରୀକ୍ଷଣ ଥାଏ, ଯେଉଁଥିରେ ବିଶେଷଜ୍ଞ ୟୁରୋଲୋଜିଷ୍ଟଙ୍କ ଦ୍ୱାରା ପ୍ରୋଷ୍ଟେଟର ଶାରୀରିକ ଯାଞ୍ଚ ଅନ୍ତର୍ଭୁକ୍ତ। ପ୍ରୋଷ୍ଟେଟ ଗ୍ରନ୍ଥିର ଆକାର ମାପିବା ପାଇଁ ପେଟ ଏବଂ ପେଲଭିକ ଅଲଟ୍ରାସାଉଣ୍ଡ ବ୍ୟବହୃତ ହୁଏ। ଲ୍ୟାବ ପରୀକ୍ଷଣରେ ପ୍ରୋଷ୍ଟେଟ-ନିର୍ଦ୍ଦିଷ୍ଟ ଆଣ୍ଟିଜେନ୍ସ ଅନ୍ତର୍ଭୁକ୍ତ। ଯେତେବେଳେ ପ୍ରୋଷ୍ଟେଟ୍ ସୁସ୍ଥ ଥାଏ, ରକ୍ତରେ ଏକ ଛୋଟ ପ୍ରୋଷ୍ଟେଟ୍ ନିର୍ଦ୍ଦିଷ୍ଟ ଆଣ୍ଟିଜେନ୍ ମିଳିଥାଏ।

# ଉଠା ଜଳସେଚନ ନିଗମ ନିର୍ଦ୍ଦେଶକ ମଣ୍ଡଳୀ ପରିଷଦ ବୈଠକ



**ଭୁବନେଶ୍ୱର,୨୫।୭ (ମହାଭାରତ):** ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଓଡ଼ିଶା ଉଠା ଜଳ ସେଚନ ନିଗମ (ଓଏଲ୍ଆଇସି)ର ୨୦୯ତମ ନିର୍ଦ୍ଦେଶକ ମଣ୍ଡଳୀ ପରିଷଦ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟର ଯେଉଁସବୁ ବ୍ଲକରେ ୩୫ ପ୍ରତିଶତରୁ କମ୍ ଜଳସେଚନ କ୍ଷମତା ରହିଛି, ସେସବୁ ଅଂଚଳରେ ଅଧିକ ଜଳସେଚନ ପାଇଁ ପଦକ୍ଷେପ ନିଆଯିବା ସହ ୯ ଲକ୍ଷ ହେକ୍ଟରକୁ ନୂଆ ଜଳସେଚନ ସାମର୍ଥ୍ୟ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଓଏଲଆଇସି ତରଫରୁ ୫ ବର୍ଷିଆ ମାଷ୍ଟର ପ୍ଲାନ୍ ଉପସ୍ଥାପନ କରାଯାଇଥିଲା।

ଆହୁରି ମଧ ବୈଠକରେ ୧୦,୩୮୦ ଟି ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ (କ୍ଲିପ୍ସ) ଏବଂ ୧,୫୦,୫୦୦ଟି ଗଭୀର ବୋରକୂପ ସ୍ଥାପନ ସହିତ ସେସବୁର ନିରନ୍ତରତା ଭିତିରେ କାର୍ଯ୍ୟକ୍ଷମ ହେବା ଲକ୍ଷ୍ୟରେ ସୌରଶକ୍ତି ଦ୍ୱାରା ପରିଚାଳିତ ହେବା ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା।

ନିର୍ଦ୍ଦେଶକ ମଣ୍ଡଳୀ ପରିଷଦ ଓଏଲଆରସିର କାର୍ଯ୍ୟ ପରିଚାଳନା ବୃଦ୍ଧି ପାଇଥିବା ଅନୁଭବ କରିଥିଲେ। ଉନ୍ନୟନ କମିଶନର ତଥା ବୋର୍ଡର ଅଧ୍ୟକ୍ଷା ଓଏଲଆଇସିକୁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ, ଉଦ୍ୟାନ କୃଷି ଓ ଅନ୍ୟ ବିଭାଗ ସହିତ ସମ୍ମିଳିତ ପ୍ରୟାସରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ନିଗମର କାର୍ଯ୍ୟ ନିରନ୍ତରତା ଭିତିରେ ଲକ୍ଷ୍ୟ ରଖି କରାଯିବା, ଶକ୍ତିର ଉପଯୁକ୍ତ ବ୍ୟବହାର, ଫସଲ ବିବିଧିକରଣ, ମହିଳା କୃଷକ ସଶକ୍ତିକରଣ ଓ ବୈଷୟିକ ଜ୍ଞାନ କୌଶଳର ଉପଯୋଗ କରି ଓଏଲଆରସି ପରିଚାଳନାରୁ ଆହୁରି ସୁଦୃଢ଼ କରିବାକୁ ଉନ୍ନୟନ କମିଶନର ଗୁରୁତ୍ୱ ଦେଇଛନ୍ତି।

### ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତି ସମ୍ବର୍ଦ୍ଧିତ

# ଆଗାମୀ ପୀଢ଼ିକୁ ପ୍ରେରଣା ଯୋଗାଇବ : ରାଜ୍ୟପାଳ

**ଭୁବନେଶ୍ୱର,୨୫।୭ (ମହାଭାରତ):** ବିଭିନ୍ନ କ୍ଷେତ୍ରରେ ଅସାଧାରଣ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିଙ୍କୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ ପାଟି ସମ୍ବର୍ଦ୍ଧିତ କରିଛନ୍ତି । ବୁଧବାର ଦିନ ରାଜଭବନରେ ନ୍ୟୁ ଅଭିଷେକ ହଲ୍ ଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଚଳିତ ବର୍ଷ ପଦ୍ମଶ୍ରୀ ପୁରସ୍କାର ବିଜେତା, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା, ଆନ୍ତର୍ଜାତୀୟ କ୍ରୀଡା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜେତା ଏବଂ ୨୦୨୪ ମସିହା ଇଣ୍ଡିଆନ୍ ସିଭିଲ୍ ସର୍ଭିସ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ରାଜ୍ୟର କୃତୀ ପ୍ରତିଭା ତଥା ସେମାନଙ୍କ ଗର୍ବିତ ପିତାମାତାଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ରାଜ୍ୟର ପ୍ରଥମ ମହିଳା ଶ୍ରୀମତୀ ଜୟଶ୍ରୀ କମ୍ଭମ୍ ପାଟି ଏହି ସମାରୋହରେ ଉପସ୍ଥିତ ଥିଲେ। ରାଜ୍ୟପାଳଙ୍କ କମିଶନର- ତଥା- ଶାସନ ସଚିବ ଶ୍ରୀମତୀ ରୂପା ରୋଶନ ସାହୁଙ୍କ ସମେତ ରାଜଭବନର ଅଧିକାରୀ ଓ କର୍ମଚାରୀ ମଧ ଏହି ସମାରୋହରେ ଉପସ୍ଥିତ ଥିଲେ।

ସମାବେଶକୁ ସମ୍ବୋଧନ କରି ରାଜ୍ୟପାଳ କହିଥିଲେ ଯେ "ଏହା କେବଳ ଏକ ସମ୍ବର୍ଦ୍ଧନା ଉତ୍ସବ ନୁହେଁ, ଏହା କଠିନ ପରିଶ୍ରମ, ଉତ୍କର୍ଷତା, ଶୃଙ୍ଖଳା, ସୃଜନଶୀଳତା ଏବଂ ଜାତୀୟ ଗର୍ବ ଭଳି ମୂଲ୍ୟବୋଧର ଉତ୍ସବ"। ପଦ୍ମଶ୍ରୀ ବିଜେତାମାନଙ୍କୁ ରାଜ୍ୟପାଳ ଅଭିନନ୍ଦନ ଜଣାଇ ସେମାନଙ୍କର ଜୀବନବ୍ୟାପୀ ପ୍ରତିବଦ୍ଧତାକୁ ପ୍ରଶଂସା କରିବା ସହ ଏହା ରାଜ୍ୟ ପାଇଁ ଅପାର ଗର୍ବ ଆଣିଛି ବୋଲି କହିଥିଲେ । କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର




ବିଜେତାମାନଙ୍କୁ ସେମାନଙ୍କର ସାହିତ୍ୟିକ ପ୍ରତିଭା ପାଇଁ ରାଜ୍ୟପାଳ ପ୍ରଶଂସା କରିଥିଲେ ଏବଂ ସେମାନଙ୍କର ଅବଦାନ ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ସମୃଦ୍ଧ କରି ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ। ଆନ୍ତର୍ଜାତୀୟ କ୍ରୀଡା ପ୍ରତିଯୋଗିତାରେ ଉତ୍କର୍ଷତା ହାସଲ କରିଥିବା କ୍ରୀଡ଼ାବିତଙ୍କ ସଫଳତାକୁ ଶୃଙ୍ଖଳା ଏବଂ ଦେଶପ୍ରେମର ପ୍ରତୀକ ଭାବେ ଅଭିହିତ କରି ସେମାନଙ୍କର ସଫଳତା ଓଡିଶାକୁ ବିଶ୍ୱ କ୍ରୀଡା ମାନଚିତ୍ରରେ ସ୍ଥାନିତ କରିଛି ବୋଲି ରାଜ୍ୟପାଳ କହିଥିଲେ। ଓଡିଶାରୁ ଇଣ୍ଡିଆନ୍ ସିଭିଲ୍ ସର୍ଭିସ୍ ପରୀକ୍ଷା- ୨୦୨୪ରେ କୃତିତ୍ୱ ହାସଲ କରିଥିବା ପରୀକ୍ଷାର୍ଥୀଙ୍କୁ ରାଜ୍ୟପାଳ ଅଭିନନ୍ଦନ ଜଣାଇ ଭାରତର ସବୁଠାରୁ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତୀର୍ଣ୍ଣ ହେବାରେ ସେମାନଙ୍କର ଉତ୍ସର୍ଗ ଓ ଦୃଢ଼ତାକୁ ପ୍ରଶଂସା କରିଥିଲେ । ସବୁବେଳେ ସଙ୍କୋଚତା ଓ ନମ୍ରତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ସେମାନଙ୍କୁ ସେବାମୁଖୀ ରହିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇ କାର୍ଯ୍ୟ ମାଧ୍ୟମରେ ଧାଡ଼ିର ଶେଷ ବ୍ୟକ୍ତିଙ୍କ ଆବଶ୍ୟକତା ପ୍ରତି ସମ୍ବେଦନଶୀଳତାକୁ ପ୍ରତିଫଳିତ କରନ୍ତୁ ଏବଂ ନିଷ୍ପତି ଆମ ସମ୍ବିଧାନରେ ଲିଖିତ ନୀତି ଦ୍ୱାରା ପରିଚାଳିତ ହେଉ ବୋଲି କହିଥିଲେ। ଏମାନଙ୍କ ସଫଳତା ପଛରେ ପିତାମାତାଙ୍କ ଦ୍ୱାରା ନିର୍ବାହ କରାଯାଇଥିବା ଅମୁଲ୍ୟ ଭୂମିକାକୁ ମଧ ରାଜ୍ୟପାଳ ସ୍ୱୀକାର କରିଥିଲେ ଏବଂ ସେମାନଙ୍କର ନୀରବ ତ୍ୟାଗ, ସମର୍ଥନ ଏବଂ ନୈତିକ ଶକ୍ତି ଏହି ଯୁବ କୃତିତ୍ୱ ହାସଲକାରୀଙ୍କ ସ୍ୱପ୍ନ ନିର୍ମାଣ କରିବାର ମୂଳଦୁଆ ହୋଇଛି ବୋଲି କହିଥିଲେ । ବିଭିନ୍ନ ବର୍ଗର କୃତିତ୍ୱ ହାସଲ କରିଥିବା ବ୍ୟକ୍ତି ବିଶେଷ ସେମାନଙ୍କର ପ୍ରେରଣାଦାୟକ ଅଭିଜ୍ଞତା ବାଣ୍ଟିଥିଲେ।

# ୧୬ରୁ ଭୁବନେଶ୍ୱରରୁ ଝାରସୁଗୁଡାକୁ ଉଡ଼ିବ ବିମାନ

**ଭୁବନେଶ୍ୱର,୨୫।୭ (ମହାଭାରତ):** ଏକ ଆଞ୍ଚଳିକ ବିମାନ କମ୍ପାନୀ ଷ୍ଟାର ଏୟାର ଅଗଷ୍ଟ ୧୬ରୁ ଭୁବନେଶ୍ୱର ଏବଂ ଝାରସୁଗୁଡା ମଧ୍ୟରେ ସିଧାସଳଖ ବିମାନ ଉଡ଼ାଣ ଆରମ୍ଭ କରିବ। ଷ୍ଟାର ଏୟାରର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ଶିଖା ଭାଟିଆ। କହିଛନ୍ତି ଯେ, ଆମେ ଭୁବନେଶ୍ୱରରୁ ଆମର ସେବା ଆରମ୍ଭ କରି ଆନନ୍ଦିତ। ଝାରସୁଗୁଡା ଏବଂ ଭୁବନେଶ୍ୱର ମଧ୍ୟରେ ଏହି ନୂଆ ରୁଟ୍ କେବଳ ଓଡ଼ିଶାରେ ଆନ୍ତଃରାଜ୍ୟ ସଂଯୋଗକୁ ବୃଦ୍ଧି କରିବ ନାହିଁ ବରଂ ସୁଲଭ ଏବଂ ସୁବିଧାଜନକ ଆଞ୍ଚଳିକ ଯାତ୍ରାର ବର୍ଦ୍ଧିତ ଚାହିଦାକୁ ମଧ ସମର୍ଥନ କରିବ। ଭୁବନେଶ୍ୱର-ଝାରସୁଗୁଡା ରୁଟ୍ ପାଇଁ ବୁକିଂ ଷ୍ଟାର ଏୟାରର ସରକାରୀ ୱେବସାଇଟ୍ ଏବଂ ଅନ୍ୟାନ୍ୟ ଲୋକପ୍ରିୟ ଯାତ୍ରା ୱେବସାଇଟରେ ପୂର୍ବରୁ ଖୋଲା ରହିଛି। ବିମାନ ଏମ୍ବ୍ରାର ଇ-୧୭୫ ବିମାନ ବ୍ୟବହାର କରି ବ୍ୟବସାୟ ଏବଂ ଅର୍ଥନୀତି ଶ୍ରେଣୀ ସହିତ ୨ସ୨ ସିଟିଂ ଲେଆଉଟରେ ପରିଚାଳନା କରିବ। ଏଥିସହିତ ଯାତ୍ରୀମାନଙ୍କୁ ଗରମ ଖାଦ୍ୟ ଏବଂ ପାନୀୟ ମଧ ପ୍ରଦାନ କରିବ।

# ସୁରକ୍ଷିତ ଓ ମର୍ଯ୍ୟାଦାପୂର୍ଣ୍ଣ କର୍ମକ୍ଷେତ୍ର ପାଇଁ ସରକାର ପ୍ରତିବଦ୍ଧ

**ଭୁବନେଶ୍ୱର,୨୫।୭ (ମହାଭାରତ):** ସୁରକ୍ଷିତ ଓ ମର୍ଯ୍ୟାଦାପୂର୍ଣ୍ଣ କର୍ମକ୍ଷେତ୍ର ପାଇଁ ଆମ ସରକାର ପ୍ରତିବଦ୍ଧ ଅଛନ୍ତି ବୋଲି ଯୌନ ଉତ୍ପୀଡନ (ପ୍ରତିରୋଧ, ନିଷେଧ ଓ ପ୍ରତିକାର) ଆଇନ, ୨୦୧୩ (ପୋଶ) ସମ୍ପର୍କରେ ଲୋକସେବା ଭବନ କର୍ମଚାରୀମାନଙ୍କ ଦିଗଦର୍ଶନ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମତ ପ୍ରକାଶ କରିଛନ୍ତି । ଆଜି ଲୋକସେବା ଭବନ କନଭେନସନ ସେଣ୍ଟରରେ ଆୟୋଜିତ ଯୌନ ଉତ୍ପୀଡନ (ପ୍ରତିରୋଧ, ନିଷେଧ ଓ ପ୍ରତିକାର) ଆଇନ, ୨୦୧୩ (ପୋଶ) ସମ୍ପର୍କରେ ଲୋକସେବା ଭବନ କର୍ମଚାରୀମାନଙ୍କ ଦିଗଦର୍ଶନ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଲୋକସେବା ଭବନ କର୍ମଚାରୀମାନଙ୍କୁ ଲିଙ୍ଗଗତ ଉତ୍ପୀଡନ ବିରୋଧରେ ସ୍ୱର ଉଠେଇବା ପାଇଁ ଆହ୍ୱାନ ଦେଇଥିଲେ। ଉଭୟ ପୁରୁଷ ଓ ମହିଳା ଲିଙ୍ଗଗତ ଉତ୍ପୀଡନର ଶିକାର ହୋଇପାରନ୍ତି





ଯ ସେଥିପାଇଁ ଏହି ଆଇନ ବିଷୟରେ ଜାଣିବା ଓ ସଚେତନ ହେବା ସମସ୍ତଙ୍କ ପାଇଁ ନିହାତି ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। ସମାଜରେ ମହିଳା ଓ ପୁରୁଷ ସମାଜର ଦୁଇଟି ଚକ ସଦୃଶ, ଏହି ଦୁଇ ଚକ ମଧ୍ୟରେ ସମନ୍ୱୟ ରକ୍ଷା କରି ଆମେ ଏକ ସୁରକ୍ଷିତ କର୍ମକ୍ଷେତ୍ର ଓ ସୁରକ୍ଷିତ ସମାଜ ଗଢିପାରିବା ଯ ସମସ୍ତ ଅନୁଷ୍ଠାନ ଓ ମହାବିଦ୍ୟାଳୟରେ ଇଣ୍ଟରନାଲ କମିଟି ଗଢା ଯିବା ପାଇଁ କଡା ନିର୍ଦ୍ଦେଶ ଜାରି କରାଯାଇଛି ଯ ଯାଞ୍ଚ ପରେ ଦୋଷୀକୁ ଉଚିତ ଦଣ୍ଡବିଧାନ ପ୍ରଦାନ କରିବା ସହ ଭୁଲ ଅଭିଯୋଗ କରୁଥିବା ଦୋଷୀଙ୍କୁ ମଧ ଦଣ୍ଡ ଦିଆଯିବ ବୋଲି ସେ ଦୃଢ ମତ ରଖିଛନ୍ତି। କାର୍ଯ୍ୟକ୍ରମରେ ବିଶିଷ୍ଟ ଆଇନଜୀବୀ ମାନସୀ ପାଢୀ, ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ମୋନିଶା ବାନାର୍ଜୀ ଓ ବିଭାଗୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

ଦୁଇଟି ଅଧିବେଶନରେ ବିଶିଷ୍ଟ ଆଇନଜୀବୀ ମାନସୀ ପାଢୀ ୬୦୦ରୁ ଉର୍ଦ୍ଧ୍ୱ ଲୋକସେବା ଭବନ କର୍ମଚାରୀମାନଙ୍କୁ ଯୌନ ଉତ୍ପୀଡନ (ପ୍ରତିରୋଧ, ନିଷେଧ ଓ ପ୍ରତିକାର) ଆଇନ, ୨୦୧୩ ସମ୍ପର୍କରେ ସଚେତନ କରିବା ସହ ଏହି ଆଇନର ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ।

# ୨୦ କୋଟି ଠକି ଯୁବକ ଗିରଫ

**ଭୁବନେଶ୍ୱର,୨୫।୭ (ମହାଭାରତ):** ସୁନା କାରବାର ନାଁ ରେ ୨୦ କୋଟି ଠକେଇ। ଅଧିକ ସୁଧ ଦେବାକୁ କହି ଠକେଇ କରିଥିବା ମାଷ୍ଟରମାଇଣ୍ଡକୁ ଧରିଲା ସ୍ପେଶାଲ କ୍ରାଇମ ୟୁନିଟ। ୟୁନିଟ ୯ ଅଞ୍ଚଳରେ ରହୁଥିବା ରମେଶ ମାଝୀ ନାମକ ଯୁବକକୁ ଗିରଫ କରିଛି ସ୍ପେଶାଲ କ୍ରାଇମ ୟୁନିଟ। ଲୋକଙ୍କୁ ବନ୍ଧକ ସୁନା ଓ ସୁନା ବିସ୍କୁଟ୍ ଦେବାକୁ କହି ୨୦ରୁ ଉର୍ଦ୍ଧ୍ୱ ବ୍ୟବସାୟୀଙ୍କୁ ଚୁନ ମାରିଛି ରମେଶ ମାଝୀ। ' ସୁନା ବନ୍ଧକ ଅଛି। ଠିକ ସମୟରେ ଋଣ ଟଙ୍କା ପୈଠ ନକରିବାରୁ ସୁନା ନିଲାମ ହେବ। ଏଣୁ ନିଲାମ ସୁନା କିଣି ପରେ ବିକ୍ରି କଲେ ଅଧିକ ଲାଭ ମିଳିବ। ଏଭଳି ମନମତାଣିଆ। କଥା କହି ଲୋକଙ୍କୁ ଚୁନା ଲଗାଉଥିଲା ଠକ ଜଣଙ୍କ। ଏମ୍‌ବିଏ ଡିଗ୍ରୀ ଧାରୀ ଏହି ଯୁବକ ୫ ବର୍ଷରୁ ଏହି ଠକେଇ ସିଣ୍ଡିକେଟ ଚଳାଉଥିବା ନେଇ ଅଭିଯୋଗ ଆଣିଛନ୍ତି ଠକେଇର ଶିକାର ବ୍ୟକ୍ତି। ସ୍ପେଶାଲ କ୍ରାଇମ ୟୁନିଟ ନିକଟରେ ଅଭିଯୋଗ ଦେବା ପରେ ସେମାନଙ୍କ କହିବା କଥା ହେଉଛି ଅଭିଯୁକ୍ତ ଜଣଙ୍କ ଅନୁସୂଚିତ ଜନଜାତିର ହୋଇଥିବାରୁ ସେ ଜାତିଆଣ କେସ ଦେବ କହି ଧମକାଉଥିଲା । ଘରକୁ ଗଲେ ଭଡାଟିଆ।



ଗୁଣ୍ଡା ଲଗାଇ ମାରିବାକୁ ଧମକ ମଧ ଦେଉଥିବା ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ସେପଟେ ଅତ୍ୟଧିକ ସୁଧ ନେବା ପରେ ଏତଲାକାରୀ ତାଙ୍କ ପୁଅ ବିରୋଧରେ ମିଛ ଅଭିଯୋଗ କରୁଥିବା ରମେଶଙ୍କ ପରିବାର ଲୋକେ କହିଛନ୍ତି।

# ସୋଆ ଏସ୍ଏଚ୍ଏମ୍‌ର ବାର୍ଷିକ ଉତ୍ସବ

**ଭୁବନେଶ୍ୱର,୨୫।୭ (ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଂଟ (ଏସ୍ଏଚ୍ଏମ୍)ର ୧୩ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଏସଏଚ୍ଏମ୍ ପରିସରରେ ଆୟୋଜିତ ସ୍ୱତନ୍ତ୍ର



ଉତ୍ସବରେ ଓଲିଉଡ୍ ଅଭିନେତା ପୁପିନ୍ଦର ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଟ୍ରାଇଡେଂଟ ହୋଟେଲର ଜେନେରାଲ ମ୍ୟାନେଜର ରାହିତ ତିୱାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

ଓଡ଼ିଶାର ଖାଦ୍ୟ ଆସନ୍ତା ୪ ରୁ ୫ ବର୍ଷ ମଧ୍ୟରେ ସାରା ବିଶ୍ୱରେ ଅଧିକ ପ୍ରସିଦ୍ଧି ଲାଭ କରିବ ବୋଲି ପୁପିନ୍ଦର କହିବା ସହ ଏସ୍ଏଚ୍ଏମ୍‌ର ଛାତ୍ରଛାତ୍ରୀଙ୍କ କାର୍ଯ୍ୟ ଓ ଦକ୍ଷତାକୁ ପ୍ରଶଂସା କରିଥିଲେ। ସେହିପରି ଶ୍ରୀ ତିୱାରୀ ଏସ୍ଏଚ୍ଏମ୍‌ର ଛାତ୍ରଛାତ୍ରୀ ଖୁବ ଭଲ କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ। ଏହି ଅବସରରେ ଏସ୍ଏଚ୍ଏମ୍‌ର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଫେସର ସ୍ମିତା ସୁଚରିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ ମଧ କରାଯାଇଥିଲା।

# ଆଇସିସି ରିପୋର୍ଟ ଦେଇନଥିବା କଲେଜ କର୍ମଚାରୀଙ୍କ ଦରମା ବନ୍ଦ

**କଟକ,୨୫।୭ (ମହାଭାରତ):** କଟକ ଜିଲ୍ଲାରେ ଥିବା ବିଭିନ୍ନ କଲେଜରେ ଆଇସିସି କମିଟି ରିପୋର୍ଟ ଦାଖଲ କରିବାକୁ କଟକ ଜିଲ୍ଲାପାଳଙ୍କ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶ ଅମାନ୍ୟ କରିବା ଅଭିଯୋଗରେ ୨୧୦ଟି କଲେଜର କର୍ମଚାରୀ ମାନଙ୍କର ଦରମା ବନ୍ଦ କରିବା ପାଇଁ କଟକ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଏହା ପରେ କଲେଜର ଅଧ୍ୟକ୍ଷ ମାନଙ୍କୁ ସସ୍‌ପେଣ୍ଡ କରାଯିବ ବୋଲି କଡା ତାଗିଦ କରାଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ବା ଆଇସିସି ରିପୋର୍ଟ ଦାଖଲ କରିନଥିବାରୁ ଉକ୍ତ କଲେଜ ଗୁଡିକ ବିରୋଧରେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜିଲ୍ଲାପାଳଙ୍କ ପକ୍ଷରୁ ଜିଲ୍ଲାର ୨୧୦ଟି କଲେଜକୁ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ରିପୋର୍ଟ ମଗାଯାଇଥିଲା। ଏହା ସହ ଅଭିଯୋଗକାରିଣୀଙ୍କ ଯୋଗାଯୋଗ ଠିକଣା ସହ ମୁଖ୍ୟଙ୍କ ହସ୍ତାକ୍ଷର ମଗାଯାଇଥିଲା। ହେଲେ ଅଧାରୁ ଅଧିକ କଲେଜ ଚିଠିର ଉତ୍ତର ଦେଇନଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପୂର୍ଣ୍ଣାଙ୍ଗ ଆଇସିସି ରିପୋର୍ଟ ନ ଆସିଲେ କଲେଜ ଅଧକ୍ଷ ସସପେଣ୍ଡ ହେବେ ବୋଲି କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କଡା ନିର୍ଦ୍ଦେଶ ଦେଇଛନ୍ତି।

ବାଲେଶ୍ୱର ଏଫଏମ କଲେଜର ପୀଡିତା ଛାତ୍ରୀଙ୍କ ଆତ୍ମହୂତି ପରେ କଲେଜ ଗୁଡିକରେ ଥିବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି କେତେ କାର୍ଯ୍ୟକ୍ଷମ ରହିଛି, ସେ ନେଇ ତଦନ୍ତ ଆରମ୍ଭ ହୋଇଛି। ଏଫଏମ କଲେଜର ପୀଡିତା ଛାତ୍ରୀ ଆଇସିସିରେ ଅଭିଯୋଗ କରିଥିଲେ ମଧ ତାଙ୍କ କଥାକୁ ଗୁରୁତର ସହ ନିଆ। ଯାଇନଥିଲା।

# ଦୁଇ ନୂଆ ବାଟାଲିଅନ ଗଠନକୁ ମଞ୍ଜୁରୀ

**ଭୁବନେଶ୍ୱର,୨୫।୭ (ମହାଭାରତ):** ରାଜ୍ୟରେ 'ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ'ର ଆଉ ଦୁଇଟି ବାଟାଲିଅନ ଗଠନ କରାଯିବ। ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଞ୍ଜୁର କରିଛନ୍ତି। ଏହି ଦୁଇଟି ନୂତନ ବାଟାଲିଅନ ପାଇଁ ସମୁଦାୟ ୨୦୮୦ ଟି ପଦବୀ ମଧ ସୃଷ୍ଟି କରାଯାଇଛି। ଏଥିରୁ ୧୯୪୪ଟି ନିୟମିତ ପଦବୀ ଥିବାବେଳେ ୧୩୬ ଟି ପଦବୀ ଆଉଟସୋର୍ସିଙ୍ଗ ଭିତ୍ତିରେ ସୃଷ୍ଟି କରାଯାଇଛି। ରାଜ୍ୟରେ ଓଆଇଏସ୍ଏଫ୍ ରେ ଗୋଟିଏ ବାଟାଲିଅନ କାର୍ଯ୍ୟରତ ଥିଲା। ଏହାର ସମୁଦାୟ ପଦବୀ ସଂଖ୍ୟା ୧୮୦୭। ମୁଖ୍ୟମନ୍ତ୍ରୀ ଚଳିତ ବର୍ଷ ଏପ୍ରିଲ ମାସରେ ଗୋଟିଏ ନୂଆ। ବାଟାଲିଅନ ସୃଷ୍ଟି କରିଥିଲେ। ଏହାଦ୍ୱାରା ସମୁଦାୟ ୨ଟି ବାଟାଲିଅନ କାର୍ଯ୍ୟ କରୁଥିଲା ଏବଂ ଏହି ୨ଟି ବାଟାଲିଅନର ପଦବୀ ସଂଖ୍ୟା ୨୮୪୭ ଥିଲା। ତୃତୀୟ ଓ ଚତୁର୍ଥ ବାଟାଲିଅନ ସୃଷ୍ଟି ହେବା ପରେ 'ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ' ରେ ସମୁଦାୟ ପଦବୀ ସଂଖ୍ୟା ୪୯୨୭ ପଦବୀ ସୃଷ୍ଟି ହେଲା। ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରି ପଦକ୍ଷେପ ନେଉଛନ୍ତି। ନୂଆ। ନୂଆ। ଶିଳ୍ପ ପ୍ରତିଷ୍ଠା ହେବା ସହିତ ଆଗାମୀ ଦିନରେ ଏହି କ୍ଷେତ୍ରରେ ବ୍ୟାପକ ସମ୍ଭାବନା ସୃଷ୍ଟି ହୋଇଛି। ଉତ୍କର୍ଷ ଓଡ଼ିଶା-ମେକ୍ ଇନ ଓଡ଼ିଶା ୨୦୨୫ ପରେ ରାଜ୍ୟରେ ଶିଳ୍ପାୟନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି।

# ଜମିରୁ ଜବରଦଖଲ ଉଚ୍ଛେଦ

**ଭୁବନେଶ୍ୱର,୨୫।୭ (ମହାଭାରତ):** ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପାଣ୍ଡ୍ରା ମୌଜାରେ ହୋଇଥିବା ବେଆଇନ ଜବରଦଖଲ ଉଚ୍ଛେଦ କରାଯାଇଛି ଦୀର୍ଘଦିନ ଧରି ୨ ଏକରରୁ ଉର୍ଦ୍ଧ୍ୱ ସରକାରୀ ଜମିକୁ କିଛି ପ୍ରଭାବଶାଳୀ ବ୍ୟକ୍ତି ମାଡ଼ି ବସି ଘର, ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନ ଛିଡ଼ା କରିଥିଲେ ତେବେ ଆଜି (ସୋମବାର) ବିଡିଏର ମିଳିତକାରୀ ଟିମ ପକ୍ଷରୁ ଉଚ୍ଛେଦ କରାଯାଇଛି। ପାଣ୍ଡ୍ରା ମୌଜାର ଅନ୍ତର୍ଗତ ପ୍ଲଟ ନମ୍ବର ୩୮୭୭, ୩୮୭୮, ୩୮୭୯, ୩୮୮୦, ୩୮୮୫, ୩୮୮୬ ଓ ୩୯୯୯ରେ ୨ ଏକର ୬୦୦ ଡିସିମିଲ ଜମି ସାଧାରଣ ପ୍ରାଶସନ ବିଭାଗ ଅଧୀନରେ ରହିଛି। ଏହି ସରକାରୀ ପ୍ଲଟ ଉପରେ କିଛି ବ୍ୟକ୍ତି ଜୋର ଜବରଦସ୍ତ ବେଆଇନ ଭାବେ ଘର ତିଆରି ଭଡ଼ା ସୂତ୍ରରେ ଦେଉଥିଲେ। ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ୧, ୨, ୩, ୪, ୫ ଓ ୬ ପଞ୍ଚିଥିଲା ଏହାକୁ ଉଚ୍ଛେଦ କରିବାକୁ । ଏହି ଉଚ୍ଛେଦରେ ୩୦୦ ବର୍ଗ ଫୁଟର ପାଚେରୀ, ୯ଟି ଆଜବେଷ୍ଟର୍ସ ଘର, ଦୁଇଟି ଶୌଚାଳୟ, ୫ଟି ଲୁହା ଗେଟ୍, ଗୋଟିଏ ଟିଣ ଘରର ସଂପ୍ରାସରଣ ଅଂଶ, ୫ଟି ଟିଣ ନିର୍ମିତ ଘର, ୩ଟି ଛାତ ଘର ଏବଂ ୧୦୦ ବର୍ଗଫୁଟର ବାଉଁଶ ନିର୍ମିତ ବାଡ଼କୁ ମାଟିରେ ମିଶାଇ ଦିଆଯାଇଛି ପ୍ରାୟ ୨୦୦ ଡିସିମିଲ ଜମିରୁ ଉଚ୍ଛେଦ ହୋଇଥିବା ବେଳେ ବାକି ଜମିରୁ ଉଚ୍ଛେଦ କରାଯାଇଛି। ଏହି ଉଚ୍ଛେଦ ସମୟରେ ବିଡିଏ ଏନଫୋର୍ସମେଣ୍ଟ ଅଫିସର ଦେବରାଜ ସେଠୀ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଏବଂ ଜିଏର ଆରଆଇ ଓ ଅମିନ ପ୍ରମୁଖ ଉପସ୍ଥିତ ଥିଲେ।

# ଆଇଆଇଟି ଗବେଷକଙ୍କ ଅଧ୍ୟୟନ ଦ୍ୱାରା 'ସ୍ୱଚ୍ଛ ବାୟୁ ଗମ୍ବୁଜ' ଆବିଷ୍କୃତ

**ଭୁବନେଶ୍ୱର,୨୫।୭ (ମହାଭାରତ):** ସାରା ବିଶ୍ୱରେ ସରକାରଗୁଡ଼ିକ ସହରୀ ବାୟୁ ପ୍ରଦୂଷଣର ମୁକାବିଲା ପାଇଁ ପ୍ରୟାସକୁ ତୀବ୍ର କରୁଛନ୍ତି – ଏହା ଏକ ବଢୁଥିବା ସଙ୍କଟ ଯାହା ଗମ୍ଭୀର ସ୍ୱାସ୍ଥ୍ୟଜନିତ ବିପଦ ସହିତ ଜଡିତ। ଭାରତରେ, ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ କାରଣ ଦେଶ ଦ୍ରୁତ ସହରୀକରଣ ଏବଂ ପରିବେଶଗତ ସ୍ଥିରତା ସହିତ ସଂଘର୍ଷ କରୁଛି। ଏହି ପ୍ରୟାସ ମଧ୍ୟରେ, ନେଚର ପୋର୍ଟଫୋଲିଓ ଜର୍ଣ୍ଣାଲ କମ୍ୟୁନିକେସନ୍ସ ଆର୍ଥ ଆଣ୍ଡ ଏନଭାର୍ନମେଂଟରେ ପ୍ରକାଶିତ ଆଇଆଇଟି ଭୁବନେଶ୍ୱରର ଗବେଷକମାନଙ୍କ ଦ୍ୱାରା ଏକ ନୂତନ ଅଧ୍ୟୟନ, ଭାରତର ଉତରାଂଚଳରେ ସହରୀ ପ୍ରଦୂଷଣ ଢାଂଚା ବିଷୟରେ ଆଶ୍ଚର୍ଯ୍ୟଜନକ ଅନ୍ତର୍ଦୃଷ୍ଟି ପ୍ରଦାନ କରେ। ଆଇଆଇଟି ଭୁବନେଶ୍ୱରର ସ୍କୁଲ ଅଫ୍ ଆର୍ଥ, ମହାସାଗର ଏବଂ ଜଳବାୟୁ ବିଜ୍ଞାନର ଆସୋସିଏଟ୍ ପ୍ରଫେସର ଡକ୍ଟର ଭି. ବିନୋଜ ଏବଂ ରିସର୍ଚ୍ଚ ସ୍କଲାର ସୌମ୍ୟ ସତ୍ୟକାନ୍ତ ସେଠୀଙ୍କ ଦ୍ୱାରା ଏହି ଅଧ୍ୟୟନ କରାଯାଇଛି। ପାରମ୍ପରିକ ଭାବରେ, ସହରଗୁଡ଼ିକୁ ପ୍ରଦୂଷଣ ହଟସ୍ପଟ୍ ଭାବରେ ବିବେଚନା କରାଯାଇଛି, ଆଖପାଖର ଅଣ-ସହରୀ ଅଞ୍ଚଳ ଅପେକ୍ଷା ସହରଗୁଡ଼ିକ ଉପରେ ପ୍ରଦୂଷଣ ଅଧିକ ରହିଛି – ଏକ ପ୍ୟାଟର୍ନ ଯାହାକୁ ସାଧାରଣତଃ 'ସହରୀ ପ୍ରଦୂଷଣ ଗମ୍ବୁଜ' କିମ୍ବା 'ସହରୀ ପ୍ରଦୂଷଣ ଦ୍ୱୀପ' ପ୍ରଭାବ ଭାବରେ ଜଣାଶୁଣା। ଆଶ୍ଚର୍ଯ୍ୟଜନକ ଭାବରେ, ସାମ୍ପ୍ରତିକ ଅଧ୍ୟୟନରୁ ଜଣାପଡିଛି ଯେ ଏହି ପ୍ୟାଟର୍ନ ଅନେକ ଉତ୍ତର ଭାରତୀୟ ସହରରେ ସତ୍ୟ ନୁହେଁ। ଏକ ଘନୀଭୂତ ସହରାଞ୍ଚଳ ପ୍ରଦୂଷଣ ଗମ୍ବୁଜ ପରିବର୍ତ୍ତେ, ଏହି ସହରଗୁଡ଼ିକ ଏକ 'ସ୍ୱଚ୍ଛ ଦ୍ୱୀପ' ପ୍ରଭାବ ପ୍ରଦର୍ଶନ କରନ୍ତି – କିମ୍ବା ଗବେଷକମାନେ ଯାହାକୁ 'ପଙ୍କଚର୍ଡ ପ୍ରଦୂଷଣ ଗମ୍ବୁଜ' ଭାବରେ ବର୍ଣ୍ଣନା କରିଛନ୍ତି, ଯେଉଁଠାରେ ସହର କେନ୍ଦ୍ରଗୁଡ଼ିକ, ଅପ୍ରତ୍ୟାଶିତ ଭାବରେ, ଅତ୍ୟଧିକ ପ୍ରଦୂଷିତ ଆଖପାଖ ଅଞ୍ଚଳ ଅପେକ୍ଷା ଅପେକ୍ଷାକୃତ ପରିଷ୍କାର।

ଗବେଷକମାନେ ଏହି ଅପ୍ରତ୍ୟାଶିତ ଢାଞ୍ଚାକୁ ଏକ ସହରର ରୁକ୍ଷ ପୃଷ୍ଠ – ଉଚ୍ଚ କୋଠା ଏବଂ ଅସମାନ ଗଠନ – ଦ୍ୱାରା ଗଠିତ ଏକ 'ଅଦୃଶ୍ୟ ପ୍ରତିବନ୍ଧକ' ବୋଲି କହିଛନ୍ତି ଯାହା ପବନକୁ ଧୀର କରିଦିଏ ଏବଂ ସ୍ଥିର ବାୟୁକୁ ନେଇଯାଏ। ଏହା ପ୍ରଦୂଷକ ବିସ୍ତାରକୁ ସୀମିତ କରେ, ଯାହା ଫଳରେ ସହର ମଧ୍ୟରେ ପ୍ରଦୂଷଣ ଜମା ହୁଏ ଏବଂ ଏକ ସାଧାରଣ ସହରାଞ୍ଚଳ ପ୍ରଦୂଷଣ ଗମ୍ବୁଜ ସୃଷ୍ଟି ହୁଏ। ତଥାପି, ଏହି ସମାନ ପ୍ରତିବନ୍ଧକ ସହର ବାହାରର ପ୍ରଦୂଷିତ ବାୟୁକୁ ପ୍ରବେଶ କରିବାରୁ ମଧ ରୋକିପାରେ। ଫଳସ୍ୱରୂପ, କିଛି କ୍ଷେତ୍ରରେ, ସହର ଚାରିପାଖର ଅଞ୍ଚଳରେ ପ୍ରଦୂଷଣ ବୃଦ୍ଧି ପାଏ, ଯାହା ଫଳରେ ସହର କେନ୍ଦ୍ର ଅପେକ୍ଷାକୃତ ସଫା ଦେଖାଯାଏ। ୧୪୧ଟି ଭାରତୀୟ ସହରରେ ଦୁଇ ଦଶନ୍ଧି ଧରି ଚାଲିଥିବା ଉଚ୍ଚ-ରିଜୋଲ୍ୟୁସନ୍ ଏରୋସୋଲ୍ ତଥ୍ୟ ଉପରେ ଆଧାର କରି, ଏହି ଅଧ୍ୟୟନରୁ ଜଣାପଡିଛି ଯେ ଦକ୍ଷିଣ ସହରଗୁଡ଼ିକ – ଦୂରରୁ ପରିବହନ ହେଉଥିବା ପ୍ରଦୂଷଣ ଦ୍ୱାରା କମ୍ ପ୍ରଭାବିତ – କ୍ଲାସିକ୍ ଗମ୍ବୁଜଗୁଡ଼ିକୁ ପ୍ରଦର୍ଶନ କରନ୍ତି ଯେଉଁଥିରେ ଅଧିକ ପ୍ରଦୂଷଣ ହୋଇଥାଏ।

# ପୂର୍ବାଞ୍ଚଳୀୟ ଲେଖକ ସମ୍ମିଳନୀ ଉଦଯାପିତ

**ଭୁବନେଶ୍ୱର,୨୫।୭ (ମହାଭାରତ):** ଓଡିଆ, ବଙ୍ଗଳା, ଅହମିଆ, ସାନ୍ତାଳୀ, ବୋଡୋ, ମଣିପୁରୀ, ନେପାଳୀ, ମୈଥିଳି ଆଦି ପୂର୍ବାଞ୍ଚଳୀୟ ଭାଷାରେ ସୃଷ୍ଟି ହୋଇଛି ଅଗଣିତ କାଳଜୟୀ ସାରସ୍ୱତ କୃତି। ଗଦ୍ୟ, ପଦ୍ୟ, ନାଟକ ତଥା ସମାଲୋଚନା କ୍ଷେତ୍ରରେ ଏସବୁ ଭାଷାର ସାମୂହିକ ଅବଦାନ ଭାରତୀୟ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଛି। ପୂର୍ବାଞ୍ଚଳୀୟ ଭାଷାର ସାହିତ୍ୟ ଖୁବ୍ ପ୍ରଭାବଶାଳୀ। ଏଭଳି ମତ ପ୍ରକାଶ କରିଛନ୍ତି କେନ୍ଦ୍ର ସାହିତ୍ୟ ଅକାଦେମି ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଉଦ୍ୟମରେ ଆୟୋଜିତ ଦ୍ୱିଦିବସୀୟ ପୂର୍ବାଞ୍ଚଳୀୟ ଲେଖକ ସମ୍ମିଳନୀର ବକ୍ତାମାନେ।

ସ୍ଥାନୀୟ ସଂସ୍କୃତି ଭବନ ପ୍ରେକ୍ଷାଳୟରେ ଆୟୋଜିତ ଏହି ଲେଖକ ସମ୍ମିଳନୀର ଦ୍ୱିତୀୟ ଦିବସର ପ୍ରଥମ ଅଧିବେଶନରେ ସଭାପତିତ୍ୱ କରିଥିଲେ ସାହିତ୍ୟ ଅକାଦେମିର ସାଧାରଣ ପରିଷଦ ସଦସ୍ୟ ତଥା ସୁପରିଚିତ ନାଟ୍ୟକାର ପ୍ରଫେସର ବିଜୟ କୁମାର ଶତପଥୀ। ଏହି ଅଧିବେଶନରେ ପୂର୍ବାଞ୍ଚଳୀୟ ଭାଷାର ସାହିତ୍ୟରେ ସାଂପ୍ରତିକ ଧାରା ଶୀର୍ଷକରେ ଆଲୋଚନା କରିଥିଲେ ଗୁଆହାଟୀ ବିଶ୍ୱବିଦ୍ୟାଳୟର ପ୍ରଫେସର ସତ୍ୟକାମ ବରଥାକୁର (ଅହମିଆ), ଆଇଏଲଏସଆର କୋଲକାତାର ନିର୍ଦ୍ଦେଶକ ଡକ୍ଟର ସ୍ୱାତୀ ଗୁହା (ବଙ୍ଗଳା) ଏବଂ ବିଶିଷ୍ଟ ଗବେଷକ ଡକ୍ଟର ଅସିତ ମହାନ୍ତି (ଓଡ଼ିଆ)। ପ୍ରଫେସର ଶତପଥୀ ନିଜ ବକ୍ତବ୍ୟରେ ଓଡ଼ିଆ ସମେତ ଅନ୍ୟାନ୍ୟ ଭାଷାର ସାଂପ୍ରତିକ ନାଟକର ଧାରା ସମ୍ପର୍କରେ ଆଲୋଚନା କରିଥିଲେ। ପରବର୍ତ୍ତୀ ଅଧିବେଶନରେ ସାହିତ୍ୟ ଅକାଦେମିର ସାନ୍ତାଳୀ ପରାମର୍ଶ ମଣ୍ଡଳୀର ଆବାହକ ଚୈତନ୍ୟ ପ୍ରସାଦ ମାଝୀଙ୍କ ସଭାପତିତ୍ୱରେ କ୍ଷୁଦ୍ରଗଳ୍ପ ପାଠ କରିଥିଲେ ସୋରଖାଇବାମ ଦେବେନ୍ଦ୍ର ମୈତେଇ (ମଣିପୁରୀ), ଚିରଶ୍ରୀ ଇନ୍ଦ୍ରସିଂ (ଓଡ଼ିଆ) ଏବଂ କାଳିଚରଣ ହେମ୍ବ୍ରମ (ସାନ୍ତାଳୀ)। ଶ୍ରୀ ମାଝୀ କ୍ଷୁଦ୍ରଗଳ୍ପର ସୃଷ୍ଟି ଏବଂ ଗୁରୁତ୍ୱ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ତିମ ଅଧିବେଶନରେ ବିଶିଷ୍ଟ କବି ଡକ୍ଟର ଆଶୁତୋଷ ପରିଡ଼ାଙ୍କ ସଭାପତିତ୍ୱରେ କବିତା ପାଠ କରିଥିଲେ ଥାନେଶ୍ୱର ଗୋୟାରି (ବୋଡ଼ୋ), କ୍ଷେତ୍ରିମାୟୁମ ରାଜେନ ସିଂହ (ମଣିପୁରୀ), ମିଳନ ଥୁଲୁଙ୍ଗ ରାଇ (ନେପାଳୀ), ପବିତ୍ର ମୋହନ ଦାଶ (ଓଡ଼ିଆ) ଏବଂ ରକ୍ଷକ ନାୟକ (ଓଡ଼ିଆ)। ସାହିତ୍ୟ ଅକୋଦମିର ପୂର୍ବାଞ୍ଚଳୀୟ ଉପଦେଷ୍ଟା ପରିଷଦର ଆବାହକ ଗୌରହରି ଦାସ ଏବଂ ଓଡିଶା ସାହିତ୍ୟ ଏକାଡେମୀର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ସମ୍ବର୍ଦ୍ଧିତ କରିଥିଲେ।

# ରାଜନୈତିକ ଅଭିସନ୍ଧି

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନାମରେ ଗରିବଙ୍କୁ ମାଗଣା ଘର ଦିଆଯାଉଛି। ଏତେ ବର୍ଷ ହେଲାଣି ଏହି ଯୋଜନା କାର୍ଯ୍ୟକାରୀ ହେଉଛି, ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ ହେଲାଣି, ତଥାପି ଅନେକ ଗରିବ ଲୋକ ଏବେ ସୁଦ୍ଧା ନିଜସ୍ୱ ଘରରୁ ବଂଚିତ ହୋଇଛନ୍ତି। ନିପଟ ମଫସଲ, ଆଦିବାସୀ ବହୁ ଗ୍ରାମକୁ ଗଲେ ଆବାସ ଯୋଜନାର ବିଫଳତା ସ୍ପଷ୍ଟ ବାରି ହୋଇପଡ଼ିବ। କେବଳ କେନ୍ଦ୍ର ସରକାର ନୁହଁନ୍ତି, ରାଜ୍ୟ ସରକାର ମଧ୍ୟ ନିଜସ୍ୱ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ପ୍ରତିବର୍ଷ ବଜେଟରେ ଏଥିରେ ଏଥିରେ ବହୁ କୋଟି ଟଙ୍କା ବ୍ୟୟ ବରାଦ ହେଉଛି। କିନ୍ତୁ ଏହା ବି ସମସ୍ତଙ୍କ ପାଇଁ ଘର ସ୍ୱପ୍ନକୁ ସାକାର କରିପାରିନାହିଁ। ଏହାକୁ ନେଇ ରାଜ୍ୟରେ କ୍ଷମତାସୀନ ବିଜେଡି ଏବଂ କେନ୍ଦ୍ରରେ କ୍ଷମତାସୀନ ବିଜେପି ମଧ୍ୟରେ ନିୟମିତ କଳି ଲାଗୁଛି। ଉଭୟେ ପରସ୍ପର ବିରୋଧରେ ଆରୋପ ପ୍ରତ୍ୟାରୋପ କରି ଆସୁଛନ୍ତି। କଂଗ୍ରେସ ମଧ୍ୟ ଏଥିରେ ସାମିଲ ହେଉଛି। କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ଓଡ଼ିଶାରେ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଏବଂ କେନ୍ଦ୍ରରୁ ଏହି ଯୋଜନା ବାବଦରେ ଆସିଥିବା କୋଟି କୋଟି ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ କରିଛନ୍ତି। କେନ୍ଦ୍ରମନ୍ତ୍ରୀ କ'ଣ କହିଲେ ତାହା ଭିନ୍ନ କଥା। କିନ୍ତୁ ଏକଥାକୁ ସ୍ୱୀକାର କରିବାକୁ ପଡ଼ିବ ଯେ, ରାଜ୍ୟରେ ଅନେକ ସ୍ୱଚ୍ଛଳ ପରିବାର ଆବାସ ଯୋଜନାର ହିତାଧିକାରୀ ହୋଇଥିବା ବେଳେ ବହୁ ଗରିବ ଏଥିରୁ ବଂଚିତ ହୋ଼ଇଛନ୍ତି। ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ପାଇଁ ଏହି ଯୋଜନା ଫଳବତୀ ହୋଇପାରୁନି। ଲାଞ୍ଚ ନଦେଲେ ଆବାସ ମିଳୁନି ବୋଲି ଅଭିଯୋଗ ହେଉଛି। ଏହା ଅନେକାଂଶରେ ସତ୍ୟ ବୋଲି ସ୍ୱୀକାର କରିବାକୁ ପଡ଼ିବ। ଯୋଜନାରେ ନିଶ୍ଚିତଭାବେ କେଉଁଠି ନା କେଉଁଠି କିଛି ତ୍ରୁଟି ରହିଯାଇଛି। କିଛି ଗରିବ ଲୋକ ଏହି ଯୋଜନାରୁ ବାଦ ପଡ଼ିଥିବା ବେଳେ ସ୍ଥଳ ବିଶେଷକରେ ସ୍ୱଚ୍ଛଳ ବର୍ଗର ଲୋକେ ଏହି ସୁବିଧା ମାରି ନେଉଛନ୍ତି। କିନ୍ତୁ ଏଥିପାଇଁ ଯୋଜନାକୁ ସମାଲୋଚନା କରାଯିବା ଅଥବା ଏହାକୁ ବନ୍ଦ କରିବାର ଯଥାର୍ଥତା ନାହିଁ। ଗରିବ ଲୋକଙ୍କୁ ସରକାର ମାଗଣାରେ କୋଠାଘର ଯୋଗାଇ ଦେବାକୁ ମଧ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ପୂର୍ବରୁ କଂଗ୍ରେସ ଶାସନ କାଳରେ ଇନ୍ଦିରା ଆବାସ ଯୋଜନା କରାଯାଇଥିଲା। ଏବେ ମୋଦି ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ରାଜ୍ୟ ସରକାର ମଧ୍ୟ ନିଜସ୍ୱ ପାଣ୍ଠିରେ ଆବାସ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଦୀର୍ଘ ବର୍ଷ ହେବ ଏହିସବୁ ଯୋଜନା କାର୍ଯ୍ୟକାରୀ ହୋଇ ଆସୁଥିଲେ ମଧ୍ୟ ଏବେ ବି ରାଜ୍ୟର ଲକ୍ଷ ଲକ୍ଷ ଗରିବ ଲୋକଙ୍କର ନିଜସ୍ୱ ଘର ଖଣ୍ଡିଏ ନାହିଁ। ଝାଟିମାଟି ଘର ବା ଚାଳଛପର ଘରେ ଲୋକେ ଅସୁରକ୍ଷିତ ଭାବେ ବସବାସ କରୁଛନ୍ତି। ୧୯୯୯ ମହାବାତ୍ୟାରେ ଉପକୂଳ ଓଡ଼ିଶାରେ ଅନେକ ଲୋକଙ୍କ ଘର ଭାଙ୍ଗିଗଲା। ସାମୁଦ୍ରିକ ଜୁଆରେ ଅନେକ ଭାସିଗଲେ। ସେତେବେଳେ କେନ୍ଦ୍ର ସରକାର ଉପକୂଳ ଓଡ଼ିଶାରେ ଲୋକଙ୍କୁ କୋଠାଘର ଯୋଗାଇ ଦେବାକୁ କୋଟି କୋଟି ଟଙ୍କା ସହାୟତା ପ୍ରଦାନ କଲେ। ଅନେକ ସ୍ଥାନରେ ବହୁମୁଖୀ ଆଶ୍ରୟ ସ୍ଥଳ ନିର୍ମାଣ କରାଗଲା। ପ୍ରାକୃତିକ ବିପର୍ଯ୍ୟୟ ବେଳେ ଏହା ବେଲ ସହାୟକ ହେଉଛି। କିନ୍ତୁ ଏବେ ବି ଉପକୂଳ ଓଡ଼ିଶାରେ ଅନେକ ଲୋକଙ୍କ ପକ୍କା ଘର ନାହିଁ। ଦୁର୍ନୀତି ଏବଂ ରାଜନୈତିକ ଅଭିସନ୍ଧି ରଖି ଅନେକ ସରକାରଙ୍କ ଯୋଜନାକୁ ବାଟବଣା କରୁଛନ୍ତି। ସ୍ଥାନୀୟ ନେତା, ସରକାରୀ କର୍ମଚାରୀମାନେ ଯୋଜନାକୁ ଅପହରଣ କରୁଛନ୍ତି। ଲାଞ୍ଚ ନଦେଲେ ଅନେକ ସ୍ଥାନରେ ଆବାସ ମିଳୁନି।

# ଜୈବପ୍ରଯୁକ୍ତି ଓ ଛାତ୍ର ଛାତ୍ରୀଙ୍କ କର୍ମନିଯୁକ୍ତି

**।। ପ୍ରଫେସର ହୃଦୟନାଥ ଥାଟୋଇ ।।**

> "ବିଭିନ୍ନ ସରକାରୀ ଚାକରି ଯଥା ଓଡ଼ିଶା ଅଥବା ଭାରତୀୟ ବନ ବିଭାଗ ଅଧିକାରୀ, ବିଭିନ୍ନ ଓପିଏସି ଓ ୟୁପିଏସି ଚାକିରୀ ଯେଉଁ ଗୁଡ଼ିକ ସ୍ନାତୋକର ପିଲାଙ୍କ ପାଇଁ ଉଦ୍ଦିଷ୍ଟ ସେ ସବୁ ଚାକୀରିରେ ପ୍ରତିଯୋଗିତା ପରୀକ୍ଷା ମାଧ୍ୟମରେ ନିଯୁକ୍ତି ପାଇ ପାରିବେ। ଜୈବ ପ୍ରଯୁକ୍ତି ବିଭାଗରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେବା ପରେ ଛାତ୍ର ଛାତ୍ରୀମାନେ ମୁଖ୍ୟତଃ କଲେଜ ଓ ୟୁନିଭରସିଟି ଗୁଡ଼ିକରେ ଅଧ୍ୟାପକ ବା ବିଭିନ୍ନ ସରକାରୀ ଓ ଅଣସରକାରୀ ଗବେଷଣା ଅନୁଷ୍ଠାନରେ ବୈଜ୍ଞାନିକ ରୂପେ ଯୋଗଦେବାକୁ ଅଧିକ ପସନ୍ଦ କରି ଥାଆନ୍ତି।

ଜୈବପ୍ରଯୁକ୍ତି ବିଦ୍ୟାରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେଲାପରେ ଛାତ୍ରଛାତ୍ରୀଙ୍କ ପାଇଁ କେଉଁ ସବୁ ନିଯୁକ୍ତି ଓ ଉଚ୍ଚତର ଶିକ୍ଷାର ସୁଯୋଗ ରହିଛି ସେ ରହିଛି ସେ ବିଷୟରେ ଆଲୋକପାତ କରିବା ଏ ପ୍ରବନ୍ଧର ଲକ୍ଷ୍ୟ। ସ୍ନାତୋକର ପରୀକ୍ଷାରେ ଉତୀର୍ଣ୍ଣ ଛାତ୍ର ଛାତ୍ରୀଙ୍କ ପାଇଁ ମୁଖ୍ୟତଃ ୪ ପ୍ରକାର ବିକଳ୍ପ ରହିଛି। ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେଲା ପରେ ଛାତ୍ର ଛାତ୍ରୀମାନେ ଏମ.ଫୀଲ ଓ ପିଏଚଡି ଶିକ୍ଷା ଲାଭ ପାଇଁ ଯୋଗଦେଇ ପାରିବେ। ମାତ୍ର ଏମ.ଫୀଲ ଏ ବର୍ଷରୁ ୟୁଜିସି ଦ୍ୱାରା ବନ୍ଦ୍ କରି ଦିଆଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନ, ଜାତୀୟ ଗବେଷଣା ଅନୁଷ୍ଠାନ ଯଥା ଏନଆଇଟି, ସିଟିସିଆରଆଇ, ଆଇଏମଟି, ଆରପିଆରସି, ସିଡିଆରଆଇ, ଏନବିଆରଆଇ ଇତ୍ୟାଦି ପ୍ରତିଷ୍ଠାନରେ ଉଦ୍ଦିଷ୍ଟ ଲାବରଟୋରୀରେ ଅଥବା ପ୍ରୋଜେକ୍ଟ ବା ରିସର୍ଚ୍ଚ ସହାୟକ ହିସାବରେ ଯୋଗଦାନ କରି ପାରିବେ। ବିଭିନ୍ନ ଜୈବ ପ୍ରଯୁକ୍ତି ଶିଳ୍ପ ଯଥା-ବାୟୋକନ, ଇଣ୍ଡୋହାଇବ୍ରିଡସିଡ, ଭାରତ ବାୟୋଟେକ, ରିଲଆନସ, ଲାଇଫ୍ ସାଇନ୍ସ, ବିଭିନ୍ନ ଫର୍ମାସ୍ୟୁଟିକାଲ ଶିଳ୍ପ ଯଥା ଡକ୍ଟର ରେଡ୍ଡି, ଟୋରେଟଂ ତଥା ବିଭିନ୍ନ ମେଡିକାଲ ଡାଇଗ୍ନୋଷ୍ଟିକ୍ ସେଟଂର, ଫୁଡ ଇଣ୍ଡଷ୍ଟ୍ରିଜ୍, ଫିସ୍ ପ୍ରୋସେସିଂ ଇତ୍ୟାଦିରେ ବୈଜ୍ଞାନକି ବା ଟେକ୍ନିକାଲ କର୍ମଚାରୀ ଓ ଗୁଣବତା ନିୟନ୍ତ୍ରକ ଅଧିକାରୀ ଭାବେ କାର୍ଯ୍ୟ କରି ପାରିବେ।

ବିଭିନ୍ନ ସରକାରୀ ଚାକରି ଯଥା ଓଡିଶା ଅଥବା ଭାରତୀୟ ବନ ବିଭାଗ ଅଧିକାରୀ, ବିଭିନ୍ନ ଓପିଏସି ଓ ୟୁପିଏସି ଚାକିରୀ ଯେଉଁ ଗୁଡିକ ସ୍ନାତୋକର ପିଲାଙ୍କ ପାଇଁ ଉଦ୍ଦିଷ୍ଟ ସେ ସବୁ ଚାକୀରିରେ ପ୍ରତିଯୋଗିତା ପରୀକ୍ଷା ମାଧ୍ୟମରେ ନିଯୁକ୍ତି ପାଇ ପାରିବେ। ଜୈବ ପ୍ରଯୁକ୍ତି ବିଭାଗରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେବା ପରେ ଛାତ୍ର ଛାତ୍ରୀମାନେ ମୁଖ୍ୟତଃ କଲେଜ ଓ ୟୁନିଭରସିଟି ଗୁଡିକରେ ଅଧ୍ୟାପକ ବା ବିଭିନ୍ନ ସରକାରୀ ଓ ଅଣସରକାରୀ ଗବେଷଣା ଅନୁଷ୍ଠାନରେ ବୈଜ୍ଞାନିକ ରୁପେ ଯୋଗଦେବାକୁ ଅଧିକ ପସନ୍ଦ କରି ଥାଆନ୍ତି। ଏଥିପାଇଁ ଛାତ୍ର ଛାତ୍ରୀଙ୍କୁ ଜାତୀୟ ସ୍ତରୀୟ ପରୀକ୍ଷା ଯେପରିକି ସିଏସଆଇଆର ବା ୟୁଜିସି ନାସନାଲ ଏଲିଜିବିଲିଟି ଟେଷ୍ଟ ଫର୍ (ଏନଇଟି)ପରୀକ୍ଷାରେ ଉତୀର୍ଣ୍ଣ ହେବାକୁ ପଡିଥାଏ। ଏତଦବ୍ୟତୀତ ଗ୍ରାଜୁଏଟ ଆର୍ପଟିଚ୍ୟୁଟ ଟେଷ୍ଟ ଫରି ଇଞ୍ଜିନିୟରିଂ (ଜିଏଇଟି) , ଇଣ୍ଡିଆନ କାଉଁସିଲ ଅଫ୍ ଏଗ୍ରିକଲଚରାଲ ରିସର୍ଚ୍ଚ ନାସନାଲ ଏଲିଜିବିଲିଟି ଟେଷ୍ଟ (ଆଇସିଏଆର), ବାୟୋଟେକ୍ନୋଲୋଜି ଏଲିଜିବିଲିଟି ଟେଷ୍ଟ (ବିଇଟି), ଡିପାର୍ଟମେଣଟଂ ଅଫ୍ ବାୟୋଟେକ୍ନୋଲୋଜି ଟେଷ୍ଟ (ଡିବିଟି) ଇତ୍ୟାଦିରେ ଉତୀର୍ଣ୍ଣ ହେବା ପରେ ନିହାତି ଛାତ୍ର ଛାତ୍ରୀମାନେ ୟୁନିଭରସିଟି, ଇଞ୍ଜିନିୟରିଂ କଲେଜ, ଏନଆଇଟି ଓ ଆଇଆଇଟି ମାନଙ୍କରେ ଗବେଷଣା କରିବାକୁ ଯୋଗ ଦେଇଥାଆନ୍ତି। ଏହି ସବୁ ପରୀକ୍ଷାରେ ଉତୀର୍ଣ୍ଣ ହେଲେ ଛାତ୍ର ଛାତ୍ରୀମାନଙ୍କୁ ଗବେଷଣା କରିବାକୁ ସରକାରଙ୍କଠାରୁ ଛାତ୍ରବୃତି ସହିତ ଅନୁସନ୍ଧାନ ସହାୟତା ରାଶି ମଧ୍ୟ ମିଳିଥାଏ। ବର୍ତମାନ ସିଏସଆଇଆର ଓ ୟୁଜିସି ଉତୀର୍ଣ୍ଣ ଛାତ୍ର ଛାତ୍ରୀମାନେ ସପ୍ତମ ବେତନ କମିଶନ ସୁପାରିଶ ଅନୁସାରେ ପ୍ରଥମ ଦୁଇ ବର୍ଷ ୩୧ ହଜାର ଟଙ୍କା ଏବଂ ଘରଭଡା ବାବଦକୁ ସ୍ଥାନ ଅନୁସାରେ ୫% ରୁ ୧୫% ପାଇଥାଆନ୍ତି। ମାତ୍ର ପରବର୍ତୀ ୩ ବର୍ଷ ବରିଷ୍ଠ ରିସର୍ଚ୍ଚ ସ୍କଲାର ହିସାବରେ ୩୫ ହଜାର ଟଙ୍କା ସହିତ ଘରଭଡା ମଧ୍ୟ ପାଇଥାଆନ୍ତି। ଏତଦବ୍ୟତତ ଗବେଷଣା କରିବା ପାଇଁ ଅନୁସନ୍ଧାନ ସହାୟତା ରାଶି ବର୍ଷକୁ ୨୫ ହଜାର ଟଙ୍କା ପାଇଥାଆନ୍ତି। ସିଏସଆଇଆର ନେଟ ପରୀକ୍ଷାରେ ସର୍ବଶ୍ରେଷ୍ଠ ନମ୍ବର ରଖିଥିବା ପ୍ରଥମ କିଛି ମେଧାବୀ ଛାତ୍ର ଛାତ୍ରୀଙ୍କୁ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ଫେଲୋସିପ୍ ମିଳିଥାଏ। ଏହି ଫୋଲୋସିପ ର ମୂଲ୍ୟ ପ୍ରଥମ ଦୁଇ ବର୍ଷ ୩୬ ହଜାର ଓ ପରବର୍ତୀ ୩ ବର୍ଷ ୪୨ ହଜାର ପ୍ରତିମାସ ମିଳିଥାଏ। ସିଏସଆଇଆର ଫେଲୋସିପ୍ ଦୁଇ ପ୍ରକାରର ଅଛି। ଯଥା କେବଳ ଏଲିଜିବିଲିଟି ଫର ଲେକ୍ଚରସିପ୍ ଓ ଅନ୍ୟଟି ଜେଆରଏଫ। ଏହି ପରୀକ୍ଷାରେ ଉତୀର୍ଣ୍ଣ ଲିଷ୍ଟର ପ୍ରଥମ କିଛି ପିଲାଙ୍କୁ ଫେଲୋସିପ ମିଳିଥାଏ। ଯେଉଁମାନଙ୍କୁ ସରକାରଙ୍କ ଠାରୁ ସିଧା ସଳଖ ଉପରୋକ୍ତ ଫେଲୋସିପ ମିଳିଥାଏ। ମାତ୍ର ଏହି ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ପଛୁଆ କିଛି ପିଲାଙ୍କୁ କେବଳ ଲେକଚରସିପ ଆୱାର୍ଡ କରାଯାଇଥାଏ। ସେହି ଛାତ୍ରଛାତ୍ରୀମାନେ ସାରା ଦେଶରେ କଲେଜ ଓ ୟୁନିଭରସିଟିରେ ଲେକଚର ହେବାକୁ ଯୋଗ୍ୟ ହୋଇ ଥାଆନ୍ତି।

ଏତଦବ୍ୟତୀତ ସେମାନେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଗବେଷଣା ଅନୁଷ୍ଠାନରେ ବିଭିନ୍ନ ଜାତୀୟ ପ୍ରୋଜେକ୍ଟରେ ଯୋଗ ମଧ୍ୟ କରିଥାଆନ୍ତି ଓ ସମପରିମାଣର ଫେଲୋସିପ ରିସର୍ଚ୍ଚ ପ୍ରୋଜେକ୍ଟ ଫେଲୋସିପରୁ ପାଇଥାଆନ୍ତି। ଜାତୀୟ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ସ୍ନାତୋକତରରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀମାଙ୍କୁ ପିଏଚଡି ଶିକ୍ଷା ଲାଭ କରିବା ପାଇଁ ରିସର୍ଚ୍ଚ ଫେଲୋସିପ ଡିଏସଟି ଇନସ୍ପାୟାର ଦିଆଯାଇଥାଏ। ଏହାର ଫେଲୋସିପ ବାବଦକୁ ପ୍ରଥମ ଦୁଇ ବର୍ଷ ୩୨ ହଜାର ଟଙ୍କା ଓ କଟିଂଜେନ୍ସି ବାବଦକୁ ୨୦ ହଜାର ଟଙ୍କା ପ୍ରତିବର୍ଷ ପ୍ରଦାନ କରାଯାଇଥାଏ। ଏହାର ବରିଷ୍ଠ ରିସର୍ଚ୍ଚ ଫେଲୋସିପ ବାବଦକୁ ମାସିକ ୩୫ ହଜାର ଟଙ୍କା ମିଳିଥାଏ। ଏତଦବ୍ୟତୀତ ସ୍ନାତୋକତର ଉତୀର୍ଣ୍ଣ କିଛି ଛାତ୍ରଛାତ୍ରୀ ରାଜ୍ୟ ସରକାରଙ୍କ ରିସର୍ଚ୍ଚ ଫେଲୋସିପ ଯେପରିକି ଆମ ରାଜ୍ୟ ଓଡିଶାରେ ବିଜୁ ପଟ୍ଟନାୟକ ରସର୍ଚ୍ଚ ଫେଲୋସିପ୍ ଦିଆଯାଇଥାଏ। ବିଜୁ ପଟ୍ଟନାୟକ ରିସର୍ଚ୍ଚ ଫେଲୋସିପ ଜରିଆରେ ମାସକୁ ୧୨ ହଜାର ଟଙ୍କା ଓ କଟିଂଜେନ୍ସି ବାବଦକୁ ବର୍ଷକୁ ୨୫ ହଜାର ଟଙ୍କା ପ୍ରଥମ ଦୁଇ ବର୍ଷ ପାଇଁ ପ୍ରଦାନ କରାଯାଇଥାଏ। ପରବର୍ତୀ ଏକ ବର୍ଷ ବରିଷ୍ଠ ରିସର୍ଚ୍ଚ ଫେଲୋସିପ ବାବଦକୁ ୧୫ ହଜାର ଟଙ୍କା ଓ କଟିଂଜେନ୍ସି ପ୍ରଦାନ କରାଯାଇଥାଏ। ସେହିପରି ଆଇସିଏଆର ଏନଇଟିରେ ଉତୀର୍ଣ୍ଣ ଛାତ୍ର ଛାତ୍ରୀ ମାନଙ୍କୁ ମାସିକ ୩୧ ହଜାର ଟଙ୍କା ପ୍ରଥମ ଦୁଇ ବର୍ଷ ଫେଲୋସିପ ମିଳିଥାଏ। ପରବର୍ତୀ ଏକ ବର୍ଷ ବରିଷ୍ଠ ରିସର୍ଚ୍ଚ ଫେଲୋସିପ ବାବଦକୁ ମାସିକ ୩୫ ହଜାର ଟଙ୍କା ଫେଲୋସିପ ଓ କଟିଂଜେନ୍ସି ବାବଦକୁ ବର୍ଷକୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥାଏ। ସେହିପରି ଜିଏଟିଇ ପରୀକ୍ଷାରେ ଉତୀର୍ଣ୍ଣ ଛାତ୍ରଛାତ୍ରୀମାନେ ଆଇଆଇଟି ତଥା ଏନଆଇଟି ଓ ଇଞ୍ଜିନିୟରିଂ କଲେଜ୍‌ରେ ସ୍କଲାରସିପ ସହିତ ଏମଟେକ୍ ପଢିବା ଅଥବା ପ୍ରୋଜେକ୍ଟରେ ଜେଆରଏଫ/ପ୍ରୋଜେକ୍ଟ ଫେଲୋ ହିସାବରେ କାର୍ଯ୍ୟ କରିବାରେ ସୁଯୋଗ ମିଳିଥାଏ। ସେମାନେ ପ୍ରୋଜେକ୍ଟ ସ୍ଥିରିକୃତ ନିୟମ ହିସାବରେ ଫେଲୋସି ପାଇଥାଆନ୍ତି। ବାୟୋଟେକ୍ନାଲୋଜି କନସରଟିୟମ(ବିସିଆଇଏଲ), ନୂଆଦିଲ୍ଲୀ ମଧ ୬ ମାସର ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ପାଇଁ ସ୍ନାତକୋତର ଉତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଚୟନ କରି ବିଭିନ୍ନ ଇଣ୍ଡଷ୍ଟ୍ରିଜ ମାନଙ୍କୁ ପଠାଇଥାଏ। ଏମାନେ ମାସକୁ ୧୦ ହଜାର ଟଙ୍କା ଫେଲୋଶିପ ପାଇଥାଆନ୍ତି। ଏତଦବ୍ୟତୀତ କଟିଂଜେନ୍ସି ବାବଦକୁ ଇଣ୍ଡଷ୍ଟ୍ରିମାନଙ୍କୁ କିଛି ଅର୍ଥ ମିଳିଥାଏ। ପରବର୍ତୀ ସମୟରେ ଏହି ଛାତ୍ର ଛାତ୍ରୀମାନେ ନିଯୁକ୍ତି ପାଇବାର ସୁଯୋଗ ଲାଭ କରିଥାଆନ୍ତି। ଉପରଲିଖିତ ଆଲୋଚ ସୁଯୋଗ ବ୍ୟତୀତ ବିଭିନ୍ନ ସ୍ନାତକୋତର ଉତୀର୍ଣ୍ଣ ଛାତ୍ରଛାତ୍ରୀ ନିଜର ଷ୍ଟାର୍ଟ ଅପ ବା ଏଂଟରପ୍ରେନୁୟର ପ୍ରତିଷ୍ଠା କରି ଆତ୍ମନିଯୁକ୍ତି ପାଇ ପାରନ୍ତି। ଏଥିପାଇଁ ସେମାନଙ୍କୁ ବିଭିନ୍ନ ବ୍ୟାଙ୍କ ଓ ସରକାରୀ ପ୍ରୋଗାମରୁ ସହାୟତା ମିଳିଥାଏ। ଜୀବ ବିଜ୍ଞାନ ପାଠ୍ୟକ୍ରମରେ ଜୈବପ୍ରଯୁକ୍ତି ବିଦ୍ୟା ଏକ ବୈଷୟିକ ବିଭାଗ ଯାହା ଅନ୍ୟାନ୍ୟ ମୌଳିକ ବିଭାଗ ଯଥା ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ପରିବେଶ ବିଜ୍ଞାନ, ଅଣୁଜୀବ ବିଜ୍ଞାନ ଠାରୁ ଅଧିକ ଯୁଗୋପଯୋଗୀ ଓ ଛାତ୍ରଛାତ୍ରୀମାନଙ୍କ ଅଧିକ ପସନ୍ଦର ବିଭାଗ। କାରଣ ଏଥିରେ ନିଯୁକ୍ତି, ଗବେଷଣା ଓ ଉଚ୍ଚତର ଶିକ୍ଷା ନିମନ୍ତେ ପ୍ରଭୁତଃ ସୁବିଧା ସୁଯୋଗ ରହିଛି। ମାତ୍ର ଏହି ପାଠ୍ୟକ୍ରମରେ ଛାତ୍ରଛାତ୍ରମାନଙ୍କୁ ଅଧିକ ଧ୍ୟାନ କେନ୍ଦ୍ରିତ କରିବାକୁ ପଡିଥାଏ ଓ ବିଭିନ୍ନ ଗବେଷଣାଗାର ଥିବା ବଡବଡ ଲାବୋରୋଟୋରିରୁ ଅଧିକରୁ ଅଧିକ ତାଲିମ ନେଇ ଦକ୍ଷତା ହାସଲ କରିବାକୁ ପଡିଥାଏ। ଏହି ଛାତ୍ରଛାତୀମାନେ ବିଦେଶ ବିଶ୍ୱବିଦ୍ୟାଳୟ ଓ ରିସର୍ଚ୍ଚ ଅନୁଷ୍ଠାନ ମାନଙ୍କରେ ଗବେଷଣା ଓ ଉଚ୍ଚତର ଶିକ୍ଷାଲାଭ କରିବାକୁ ପ୍ରୋତ୍ସାହନ ମିଳିଥାଏ।

**ଜୈବପ୍ରଯୁକ୍ତି ବିଦ୍ୟା ମୁଖ୍ୟ
ମହାରାଜା ଶ୍ରୀମରାଚନ୍ଦ୍ର ଭଞ୍ଜଦେଓ
ବିଶ୍ୱବିଦାଳୟ, ବାରିପଦା।**

# ହୁଅନ୍ତୁ ପିଲାର ବନ୍ଧୁ

**।। ଜ୍ୟୋତିରଞ୍ଜନ ଚମ୍ପତିରାୟ ।।**

ବର୍ତ୍ତମାନର ମୋବାଇଲଧରା ବ୍ୟସ୍ତ ସମୟ ଭିତରେ ଆପଣଙ୍କ ପିଲା ଏକା ଏକା ରହିବାକୁ ଚେଷ୍ଟା କରୁଛି କି? ବେଳେ ବେଳେ ଚୁପଚାପ, ଉଦାସ ଏହିପରି ମନୋଭାବ ତାର ଦେଖୁଛନ୍ତି କି? ସ୍କୁଲ ଖୁବ ହେଲେ ଘର ଏହାରି ଭିତରେ ସେ ନିଜକୁ ବାନ୍ଧି ରଖିବା ପାଇଁ ଚେଷ୍ଟା କରୁଛି କି? ଯଦି ହିଁ ତେବେ ଏହା ଅବୁଝା ନୁହେଁ ଯେ ସେ ନିଜର ବନ୍ଧୁଟିଏ ପାଇପାରୁନାହିଁ ଖୁସି, ସୁଖ, ଆନନ୍ଦକୁ ବାଣ୍ଟିବା ପାଇଁ। ତେବେପ ଏହାକୁ ଛୋଟିଆ କଥା ଭାବନ୍ତୁ ନାହିଁ। ଏହା ନିଶ୍ଚିନ୍ତ ଭାବେ ବଡ଼ କଥା। କାରଣ ଏହା ପିଲାର ଶାରୀରିକ, ବୌଦ୍ଧିକ ଓ ସାମାଜିକ ଅଭିବୃଦ୍ଧିର ବାଧକ ନିଶ୍ଚୟ। ଏହିପରି ଉଦାସ ରହୁଥିବା ପିଲାଙ୍କ ହାବଭାବ ପରବର୍ତ୍ତୀ ସମୟ ପାଇଁ ଭଲ ହୋଇନଥାଏ। କାରଣ ପିଲାଟି ତାର ଜଣେ ବନ୍ଧୁ ପାଇଲେ ପ୍ରଥମତଃ ଏକଲାପଣକୁ ଦୂରେଇ ପାରିବ ଦ୍ୱିତୀୟତଃ ତା ମନକଥା ବାଣ୍ଟପାରିବ ଆଉ ନିଜ ଜୀବନକୁ ନେଇ ସେ ଖୁବ ଖୁସିରେ ଆଗେଇ ପାରିବ ମଧ୍ୟ। ବର୍ତ୍ତମାନର ସମୟରେ ଅନେକ ପିଲା ବାହାରକୁ ନଯାଇପାରି ପ୍ରାୟତଃ ଅନେକ ସମୟ ଘର ଭିତରେ ଏକ ପ୍ରକାର ଆବଦ୍ଧ ହୋଇ ରହୁଥିବାରୁ, ପିଲାଟିର ମାନସିକ, ଶାରୀରିକ ଓ ବୌଦ୍ଧିକ ସ୍ଥିତି ସମ୍ପର୍କରେ ଅନେକ ବାପାମାଆ ଅଜଣା ଥାଆନ୍ତି। ତେବେ ସବୁଠାରୁ ବଡ଼ କଥା ହେଉଛି କୋମଳମତି ପିଲାଟିର ମନକୁ ବୁଝି ତା'ପାଇଁ କିଛି ସମୟ କାଢ଼ିଲେ ତାର କଅଁଳ ମନ ଆସନ୍ତା କାଲିର ଏକ ଉଜ୍ଜ୍ୱଳ ସମାଜ ପାଇଁ କ୍ଷେତ୍ର ଯେ ସୃଷ୍ଟି ନକରିପାରିବ ତାହା କିଏ ବା ନ କହିବ? ଅନେକ ସମୟରେ ପାରିବାରିକ ଝଡ଼ଝଞ୍ଜା, ବାପା-ମାଆ ବା ଆତ୍ମୀୟ ସ୍ୱଜନଙ୍କ ଭିତରେ ମନାନ୍ତର, ମତାନ୍ତର ଏପରି ଅଘଟଣ ପିଲାମାନଙ୍କୁ ଯଥେଷ୍ଟ ଆଘାତ ଦେଇଥାଏ।

ଶିଶୁ ନିଷ୍ପାପ ଚକ୍ଷୁଯୁଗଳରେ ଲୁଚି ରହିଥାଏ ଆଗାମୀ ଭବିଷ୍ୟତର ଗୁଚ୍ଛଗୁଚ୍ଛ ସ୍ୱପ୍ନ । ମନରେ ଅନାବନା ଅନେକ ପ୍ରଶ୍ନ, କିଏ କ'ଣ କାହିଁକି, କିପରି - କିଏ ବା ସମର୍ଥ ହେବ ସେ ପ୍ରଶ୍ନମାନଙ୍କର ଉତ୍ତର ଦେବାକୁ । ସାଂପ୍ରଦାୟିକତା, ଜାତିଗତ ବିଦ୍ୱେଷ, ଅନ୍ଧ ପରମ୍ପରା ଓ ପ୍ରଦୂଷିତ ପରିବେଶ ଭିତରେ ଅହରହ ଜୀବନ ପାଇଁ ସଂଗ୍ରାମ କରୁଥିବା ସାଧାରଣ ମଣିଷ କ'ଣ ଜିତିପାରିବ ଶିଶୁମାନଙ୍କର ଚଳଚଞ୍ଚଳ ମନ ଓ ଚିନ୍ତାଧାରାକୁ । ଜୀବନର ପ୍ରାରମ୍ଭରୁ ଶିଶୁ, ପ୍ରକୃତି, ସମାଜ ଓ ପରିବେଶ ସହିତ ଓତଃପ୍ରୋତଃ ଭାବରେ ଜଡ଼ିତ ଥାଏ । ତାର, ଭାଷା, ବ୍ୟବହାର, ଚାଲିଚଳଣୀ ଓ ସଦାଚାର ଶିକ୍ଷା କରିଥାଏ ପରିବାରରୁ ବିଶେଷତଃ ସମାଜ ତଥା ପରିବେଷ୍ଟିନୀ ମାନଙ୍କ ଠାରୁ । ଗ୍ରାମାଞ୍ଚଳର ଶିଶୁଟିଏ ଶିକ୍ଷିତ ପରିବାର ଶିଶୁଠାରୁ ନିଶ୍ଚୟ ପୃଥକ ଓ ଭିନ୍ନ ଗୁଣର କେବଳ ପରିବେଶ ପାଇଁ । ଉପଯୁକ୍ତ ପରିବେଶ ଶିଶୁଟିକୁ ଉପଯୁକ୍ତ ମଣିଷ କରି ଗଢ଼ିତୋଳେ - ଏହା ନିରାଟ ସତ୍ୟ । ତେବେ ଶିଶୁ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବାକୁ ହେଲେ ଆବଶ୍ୟକ ଉପଯୁକ୍ତ ଶିକ୍ଷାର ପ୍ରସାର । ସହରାଞ୍ଚଳ ଶିଶୁମାନଙ୍କ ଠାରୁ ପ୍ରାରମ୍ଭ କରି ଗ୍ରାମାଞ୍ଚଳର ଶିଶୁମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ କିପରି ଉପଯୁକ୍ତ ଭାଷା, ଶିକ୍ଷା ଓ ଜ୍ଞାନ ପହଞ୍ଚିପାରିବ ସେଥିପାଇଁ ସମାଜ ଓ ସରକାର ସଚେତନ ହେବା ଉଚିତ । ପ୍ରତ୍ୟେକ ପରିବାର ନିଜ ନିଜ ଶିଶୁଙ୍କର ଜ୍ଞାନ ବୃଦ୍ଧି, ଚାଲିଚଳଣୀ ଓ ସୁବ୍ୟବହାର ପ୍ରତି ନଜର ଦେବା ସହ ସେମାନଙ୍କର ଜ୍ଞାନର ବିକାଶ କିପରି ସମ୍ଭବ ହେବ, ସେଥିପାଇଁ ତତ୍ପରତା ପ୍ରକାଶ କରିବା ଆବଶ୍ୟକ। ପିଲାମାନଙ୍କର ସାମାଜିକ ବ୍ୟବହାର ଉପରେ ଧ୍ୟାନ ଦେଇ ତାର ମନ ଭିତରର ଲାଜକୁଳା ଗୁଣକୁ ପ୍ରଥମତଃ ଦୂରେଇବା ପାଇଁ ଚେଷ୍ଟା କରନ୍ତୁ। ସେହିପରି ପିଲାମାନଙ୍କୁ ଅନ୍ୟମାନଙ୍କ ସହ କଥାବାର୍ତ୍ତା ହେବା ମିଳାମିଶା କରିବା ସର୍ବୋପରି ନିଜର ସମସ୍ୟା ଜଣାଇବା ଏହିପରି ଗୁଣକୁ ଶିଖାନ୍ତୁ। ମନେରଖନ୍ତୁ ପିଲାମାନଙ୍କୁ କେବେ ସେମାନଙ୍କର ଭାଇଭଉଣୀ ହୁଅନ୍ତୁ ବା ପଡ଼ୋଶୀ କିମ୍ବାର ସେମାନଙ୍କର କ୍ଲାସମେଟ କସ୍ମିନ କାଳେ ତୁଳନା କରନ୍ତୁ ନାହିଁ। ଏପରିକି ନିଜ ପିଲାଦିନର କୌଣସି ଘଟଣା କହି ପିଲାମାନଙ୍କ ଭିତରେ ତୁଳନାର ଚିତ୍ର ଦିଅନ୍ତୁ ନାହିଁ। ଏହା ଅପେକ୍ଷା ତାକୁ ବେଶ ସ୍ୱାଭାବିକ ଓ ଖୋଲା ହୃଦୟର ଶିଖାନ୍ତୁ। ବନ୍ଧୁ ତିଆରି କରିବା, ନିଜ ସୁଖଦୁଃଖ ବାଣ୍ଟିବା, ସମସ୍ତଙ୍କ ସହିତ ମିଳିମିଶି ସଦଭାବର ସହ ବଞ୍ଚିବା ଏହି କଳା ହିଁ ପିଲାଟିକୁ ଶିକ୍ଷା ଦିଅନ୍ତୁ।

ପିଲାଟିର ବାପା-ମାଆ ସେମାନଙ୍କର ରୋଲ ମଡ଼େଲ ହୁଅନ୍ତୁ। ସବୁବେଳେ ପିଲାମାନଙ୍କ ସାମ୍ନାରେ ନିଜେ ବେଶ ଖୋଲା ଭାବେ ସମୟ ବିତାନ୍ତୁ। ପିଲାଟି ସାମାଜିକ ଭାବେ କାହା ସହିତ ନ ମିଶି ପାରୁଥିଲେ ତାକୁ ମନସ୍ତାତ୍ତ୍ୱିକ ଭାବେ ପ୍ରେରଣା ଦେଇ ତାର ସହପାଠୀ ବା ବନ୍ଧୁ ମାନଙ୍କ ସହ ମିଶିବାର ସୁଯୋଗ ସୃଷ୍ଟି କରନ୍ତୁ। ଅନେକ ବାପା-ମାଆ ନିଜେ ଚୁପ ଚାପ ସ୍ୱଭାବର ହୋଇଥିବାରୁ ପିଲାମାନେ ଜନ୍ମରୁ ପ୍ରାୟତଃ ସେହି ଗୁଣକୁ ଆଦରି ଥାଆନ୍ତି। ତେଣୁ ପିଲାମାନଙ୍କୁ ସମୟ ଦିଅନ୍ତୁ କେବଳ ମୋବାଇଲ, ପଇସା ବା ତାଙ୍କ ଆବଶ୍ୟକତା ଯୋଗାଇ ଦେଲେ ଆପଣ ପିଲାର କେବେ ହେଲେ ବନ୍ଧୁ ହୋଇପାରିବେ ନାହିଁ କାରଣ ଛୋଟ ପିଲାଟି ଭିତରେ ଅନେକ ପ୍ରଶ୍ନ, ଅନେକ ଘଟଣାର ଉତ୍ତର ସେ ଖୋଜିଥାଏ। ଏପରି କ୍ଷେତ୍ରରେ ସେ ଜଣେ ନିଶ୍ଚିନ୍ତ ଓ ସତ ପରାମର୍ଶ ପାଉଥିବା ବନ୍ଧୁଟି ଆବଶ୍ୟକ କରିଥାଏ ଯେଉଁ କାର୍ଯ୍ୟଟି ବା ତାର ପ୍ରଥମ ବନ୍ଧୁ ଭାବେ ତା ମାଆ ବାପା ରହିବେ। ଆଉ ଗୋଟିଏ ବଡ଼ କଥା ମନେରଖନ୍ତୁ, ଅନେକ ସମୟରେ ଶିଶୁ ଅବାଧ ହେଲେ ଆମେ ତାକୁ ବିଭିନ୍ନ ଭୟ ଦେଖାଇଥାଉ, ଏହାଫଳରେ ତା'ଉପରେ ମାନସିକ ଚାପ ପଡ଼ିଥାଏ । ଫଳରେ ଅନେକ ସମୟରେ ଶିଶୁ କୌଣସି କାର୍ଯ୍ୟ କରିବା ପୂର୍ବରୁ ନିଜର ସାହାସ ହରାଇ ବସେ । ସେହିପରି ପିଲା ଭୁଲ୍ କରି ବସିଲେ ଆମେ ତାକୁ ମାଡ଼ ଦେଉ ଓ ଆଉ ଭୁଲ୍ ନକରିବା ପାଇଁ ନିର୍ଦ୍ଦେଶ ଦେଉ । ତାଦ୍ୱାରା ପିଲା ଭୁଲ୍ କରେନି ସତ କିନ୍ତୁ ସେ ଆଉ ଠିକ୍ କରିବା ପାଇଁ ମଧ୍ୟ ଅଗ୍ରସର ହୁଏନାହିଁ ମନରେ ରହିଯାଏ ଭୟ ଆଶଙ୍କା । ଏପରି ନକରି ପିଲାକୁ ନିର୍ଦ୍ଦିଷ୍ଟ ବିଷୟ ଉପରେ ତନ୍ନ ତନ୍ନ କରି ବାରମ୍ବାର ବୁଝାଇବା ଦରକାର । ଶିଶୁର ମନ ଚଳଚଞ୍ଚଳ ସେ ଯାହା କରି ବସେ ତାହା ଭୁଲ କି ଠିକ୍ ସେ ଚିନ୍ତା କରିନଥାଏ । ଅନୁକରଣ ପ୍ରୀୟ ହୋଇଥିବାରୁ ଯାହା ସମାଜରୁ ଗ୍ରହଣ କରେ ତାହା ନିଜପାରୁ ପର୍ଯ୍ୟନ୍ତ ସେ କରିବାକୁ ସକ୍ଷମ ହୋଇଥାଏ । ପରିବେଶର ପ୍ରଭାବ ତା ଉପରେ ଚାପ ସ୍ୱରୂପ ଲଦି ହୋଇପଡ଼େ । ଆପଣ କେବେ ଭୁଲିଯାଆନ୍ତୁ ନାହିଁ ପିଲାଟି ହେଉଛି ଆପଣଙ୍କର ପ୍ରତୀକ। ଆପଣଙ୍କର ଶାରୀରିକ ଓ ମାନସିକ ପ୍ରତିଫଳନର ସେ ଚିତ୍ର। ତେଣୁ ପିଲାଟି ଦିନରୁ ହିଁ ତାକୁ ସତ୍ ଶିକ୍ଷା ଓ ସତ୍ ପରାମର୍ଶ ଦେବା ସହ ଉତ୍ତମ ଜୀବନ ଗଢ଼ିବା ନିଜ ପଡ଼ୋଶୀ, ସମାଜ ଓ ରାଷ୍ଟ୍ର ପାଇଁ ନିଜ ଉତ୍ତମ ସେବା ମନୋଭାବ ସୃଷ୍ଟି କରାଇବାର ପ୍ରାଥମିକ ଦାୟିତ୍ୱ ବାପା ମାଆଙ୍କର। ବାପାମାଆ ମାନେ ନିଜେ ଆଗେ ସଦଗୁଣର ଅନୁଶୀଳ କରି ପିଲାମାନଙ୍କୁ ସେହି ରାସ୍ତାରେ ଆଗେଇ ନେଲେ ପିଲାମାନେ ଉତ୍ତମ ବନ୍ଧୁ ପାଇପାରିବେ ଆଉ ଉତ୍ତମ ଜୀବନ ସେମାନଙ୍କ ଜୀବନ ଅଭିବୃଦ୍ଧି ବିକାଶର ଆଲୋକବର୍ତ୍ତିକା ସାଜିବ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,
ଦୂରଭାଷ : ୯୪୩୭୧୨୪୦୭୪

# ଜ୍ୟେଷ୍ଠ ପୁତ୍ର ଓ ପୃଥିବୀ ମାଆ

**।। ଅଜୟ କୁମାର ବେହେରା ।।**

ବସୁମତୀ, ଅନେକ ମାଆଙ୍କ ଭିତରୁ ଜଣେ ଦେବୀ ମାଆ। ପୃଥିବୀ ମାଆ ହିଁ ବସୁମତୀ ମାଆ। ତାଙ୍କର ପ୍ରଥମ ସନ୍ତାନ ହେଉଛି ସାଗର। ଯେ ମହାଦାମ୍ଭିମ ଓ ଗର୍ବୀ। ପୁଣି ତାଙ୍କ ଠାରୁ କେହି କ୍ଷେତ୍ରବଳୀ ନାହାଁନ୍ତି। କ୍ଷେତ୍ରର ଅଧିଶ୍ୱରମାନେ ଜମିଦାର ଏଥିରେ ସବୁଠାରୁ ବଡ଼ ଜମିଦାରୀରେ ସାଗର, ସପ୍ତସମୁଦ୍ରଙ୍କର ନାମ ରହିଛି। ରସାତଳ କୁହନ୍ତୁ ପାତାଳ କୁହନ୍ତୁ ଆଉ ପୃଥିବୀର ସର୍ବତ୍ର ନିଶ୍ଚେ ଭୂମି ଅଛି। ପାତାଳ ମାନେ ନିମ୍ନ ସ୍ଥାନ ପାଦତଳ, ରସାତଳ ମାନେ ରସର ତଳ ଏଠାରେ ଜଳକୁ ଆଧାର କରିଥିବା ମାଟି। ସମୁଦ୍ର ପତନ କହିଲେ ସମୁଦ୍ରର ଜଳ ଶୂନ୍ୟସ୍ତାନରୁ ଉପରରୁ ଉପରୁ ଉଠିଥିବା ସ୍ଥାନ।

ଏହି ସମୁଦ୍ର ସାଗର ମହାରୁ ଉପ ପର୍ଯ୍ୟନ୍ତତ ଅନେକ ନାମକରଣ ହେଲେ ମୋଟ ଧରିଲେ ସାଗର। ଏଇ ସାଗର ପୃଥି ମାତାଙ୍କର ପ୍ରଥମ ସନ୍ତାନ। ପୃଥିମାତାଙ୍କର ବ୍ୟାପକ ଭୂ ସମ୍ପତ୍ତି ଗର୍ଭରେ ଅନେକ ମୂଲ୍ୟବାନ ଖଣିଜ ପଦାର୍ଥ, ଗ୍ୟାସ ରହିଛି। ସବୁ ମାଆଙ୍କ ପରି ପୃଥି ମାଆ ତାଙ୍କ ପିଲାଙ୍କ ପାଇଁ ମାଟିତଳେ ପିଲାଙ୍କ ଭବିଷ୍ୟତ ପାଇଁ ଦ୍ରବ୍ୟ ରଖିଛନ୍ତି। ହେଲେ ଏସବୁ ଗୋପନ ଧନୁକୁ ଜୁଲମ କରି ଭୟଦେଖାଇ ଛଡ଼ାଇ ନେଇଛନ୍ତି ସାଗର। କୁହାଯାଏ ତିନିଭାଗ ଜଳ ଏକ ଭାଗ ମାଟି ପୃଥିବୀରେ ରହିଛି। ମାଆ ବସୁମତୀ ସନ୍ତାପରେ ସମୟ କାଟୁଛନ୍ତି। ସାଗରରେ ତୋର ପର ଭାଇଭଉଣୀଙ୍କ ପାଇଁ ମୁଁ କଣ ସମ୍ପତ୍ତି ଦେବୀ ତୁ ଏତେ ନେ ନା। ହେଲେ ସାଗରଙ୍କର ଜିଦ ଦାବୀରେ ଆହୁରି ନେବେ, ସମୁଦ୍ରଙ୍କୁ ଅର୍ଥ ତୃଷ୍ଣା ଛାଡୁନାହିଁ।

ମାଆଙ୍କର ମନ କଥାରୁ ଅନୁମାନ କରି ସାଗର କହୁଛନ୍ତି ମାଆ ମୁଁ ଅମର ହେଲେ ପରେ ପରେ ଯେ ଜନ୍ମ ସେମାନେ ମର। ସେମାନେ କଣ ପରମାୟୁ ମୋରି ପରି ପାଇଛନ୍ତି କି? କି ପାଇବେ କି? ସେମାନେ ବଂଶ ବୃଦ୍ଧି କଲେ ବି ସେ ବଂଶ ବି ସମୟୋନୁସାରେ କ୍ଷୟ ହେବ ହେଲେ ମୁଁ ଅକ୍ଷୟ। ମୁଁ ତୋ ଥିବା ଯାଏ ତୋର ସେବା କରିବି ସେମାନେ ଏପରି ଭରଷାଶୀଳ ନୁହଁ। ସନ୍ତାନ ମାୟା ସବୁ ସ୍ତ୍ରୀଲୋକଙ୍କର ଅଛି। ଏଥିରୁ ଆଦି ମାତାଙ୍କର କେମିତି ନରହିବ? ଦେବୀ ମାଆ ଜ୍ୟେଷ୍ଠପୁତ୍ର ଦ୍ୱାରା ସଦା ଚାପରେ ତପରେ ସାଗର ସର୍ବଦା ତଟରେ ଭୟଙ୍କର ଭାବରେ ପିଟି ହୋଇ ମାଟିକୁ ତା ଆଡ଼କୁ ଭିଡ଼ି ନେଉଛି। ଦେବୀ ମାଆଙ୍କର କ୍ରନ୍ଦନ ନିତ୍ୟ ଠାକୁରେ ଶୁଣ ଶୁଣ ଏହାର ପ୍ରତିକାର କର। ଭଗବାନ ଶୁଣିଲେ ସାଗର ତ୍ରାସ ଜନ୍ମ ନେଲେ। ତାଙ୍କ ନାମ ଅଗସ୍ତ୍ୟ। ଲୋକେ ତାଙ୍କୁ ଅଗସ୍ତି କହୁଛନ୍ତି। ଦିବ୍ୟ ବ୍ରାହ୍ମଣ ମହାତେଜସ୍ୱୀ ସ୍ଥିରଚେତ ଦୃଢ଼ ଧୈର୍ଯ୍ୟର ସେ ଜୀବନ୍ତ ରୂପ। ସେ ଏପରି ସାଧନ ବ୍ରତୀ ହେଲେ ସମୁଦ୍ର ଜଳକୁ ମନ୍ତ୍ରପୁତ କରି ଗୁଣ୍ଡୁଷେ ଜଳରେ ନିଶେଷ କରିଦେଲେ।

ଏବେ ସାଗର ଜାଣିଲେ ନରଙ୍କ ମଧରେ ବି ଏମିତି ବ୍ୟକ୍ତି ଆସିଲେ ଯେ ଅମାପ ଜଳକୁ ନିଶେଷ କରିଦେଲେ। ଏଇ ସାଗର ପ୍ରତ୍ୟକ୍ଷରେ ନହେଲେ ବି ପରୋକ୍ଷରେ ବର୍ଷାର କାରଣ ସାଗରରେ ଜଳ ନରହିଲେ ଜୀବଜଗତ ବୃକ୍ଷଲତା କେହି ବଞ୍ଚି ପାରିବେ ନାହିଁ। ଏପାଇଁ ଅଗସ୍ତୀ ଦେବ ରଷ ଅନୁରୋଧରେ ସାଗରଙ୍କୁ ମୁଖରୁ ପୁଣି କାଢ଼ିଦେଲେ। ଏ ସାଗର ଜଳ ବ୍ରାହ୍ମଣ ଅଇଣ୍ଠା ଏ ତୀର୍ଥଜଳରେ ଆସେ ମାତ୍ର ଗଙ୍ଗା ଯମୁନା ଗୋମତୀ ନର୍ମଦା ଜଳ ପରି ପବିତ୍ର ନୁହଁନ୍ତି। ପୃଥିମାତାଙ୍କ ଆଶ୍ୱାସନା ମିଳିଲା ଯେ ସାଗରକୁ ତ୍ରାସ ଏମିତି ବି ତାଙ୍କର ପିଲା ଜଣେ ଜନ୍ମ ନେଇଛି। ସାଗରଙ୍କ ଡର ହେଲା ସେ ତାଙ୍କର ସ୍ଥିତି ପରିସୀମା ବୁଝିଗଲେ। ସେ ବି ବଡ଼ଭାଇ ନାମ ମଣିଷଙ୍କ ପାଇଁ କରିଚାଲିଛନ୍ତି। ସାଗର ନଥିଲେ ଅନେକ ଅସୁବିଧା ସଂସାରରେ ହୁଅନ୍ତା। ମାଆ ଖୁସି ତାଙ୍କର ପୁଅମାନେ ଏମିତି ହେବେ ଏକଥା ସେ ସଦା ସେ ବ ଚାଲିଲେ। ସାଗରରେ ତରୀ ଗଲାଣି, ପୋତ, ଜାହାଜ କେତେ କଣ? ସାଗର ବଡ଼ଭାଇ କମାରେ ବି ଅଛନ୍ତି।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

## ରେଞ୍ଜ ଅଫିସରେ ପର୍ଣ୍ଣିଚର୍ ଫ୍ୟାକ୍ଟ୍ରିରେ ଘଟଣା : ଦୁଇ ସହକାରୀ ବନସଂରକ୍ଷକଙ୍କ ଛାନଭିନ୍

ଜଣେ ମନା କଲେ, ଅନ୍ୟ ଜଣେ ଚୁପ ରହିଲେ
ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖି ହଡ଼ବଡ଼େଇ ଗଲେ
ପ୍ରମାଣ ନଷ୍ଟ ସହ ଆସବାବପତ୍ର ହଟାଇଲେ ରେଞ୍ଜର।



ନୟାଗଡ଼, (ମହାଭାରତ) : ନୟାଗଡ଼ ରେଞ୍ଜ ଅଫିସରେ ଫର୍ଣ୍ଣିଚର୍ ଫ୍ୟାକ୍ଟ୍ରି ଘଟଣାକୁ ରାଜ୍ୟ ସରକାର ଗୁରୁତର ସହ ନେଇଛନ୍ତି। ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ଏହି ଘଟଣାକୁ ଗୁରୁତର ସହ ନେଇ ପିସିସିଏଫ୍ ?ଙ୍କୁ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଯାହାକୁ ନେଇ ନୟାଗଡ଼ ବନଖଣ୍ଡର ଦୁଇ ସହ ସହକାରୀ ବନସଂରକ୍ଷକ ବନାଞ୍ଚଳ କାର୍ଯ୍ୟାଳୟକୁ ଯାଇ ଛାନଭିନ୍ କରିଛନ୍ତି। ସହକାରୀ ବନସଂରକ୍ଷକ ହିମାଂଶୁ ମୁଦୁଲି ଓ ସତ୍ୟଜିତ୍ କର ବନାଞ୍ଚଳ କାର୍ଯ୍ୟାଳୟକୁ ଯାଇ ଛାନଭିନ୍ ଆରମ୍ଭ କରିଥିବା ବେଳେ ଗଣମାଧ୍ୟମ ପ୍ରତିନିଧି ହଠାତ୍ ପହଞ୍ଚିଜିବାରୁ ହଡ଼ବଡ଼େଇ ଯାଇଥିଲେ। ତଦନ୍ତ ଘଟଣାକୁ ଏସିଏଫଓ ହିମାଂଶୁ ମୁଦୁଲି ଅସ୍ୱୀକାର କରିଥିବା ବେଳେ ଶ୍ରୀଯୁକ୍ତ କର କିନ୍ତୁ ଚୁପ ରହିଥିଲେ। ନୟାଗଡ଼ ବନଖଣ୍ଡ ଅଧିନସ୍ଥ ନୟାଗଡ଼ ବନାଞ୍ଚଳ କାର୍ଯ୍ୟାଳୟରେ ଦୀର୍ଘଦିନ ଧରି ପର୍ଣ୍ଣିଚର କାମ ଚାଲୁଥିବା ଅଭିଯୋଗ ହୋଇ ଆସୁଥିଲା। ବନାଞ୍ଚଳ କାର୍ଯ୍ୟାଳୟ ପଛ ପାଖରେ କିଛି କାଠ ମିସ୍ତ୍ରୀଙ୍କୁ ଧରି ଏଭଳି କାରନାମା ଚାଲିଥିଲା। ନୟାଗଡ଼ ରେଞ୍ଜର ଅଶୋକ କୁମାର ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାଠ କାମ ଚାଲିଥିଲା। ଦୀର୍ଘଦିନ ଧରି ଏଠାରେ କାର୍ଯ୍ୟ ଚାଲୁଥିବା ପାରିପାର୍ଶ୍ୱିକ ଅବସ୍ଥାରୁ ଦେଖାଯାଇଥିଲା। କବାଟ, ଝରକା, ଡାଇନିଂ ସେଟ୍ ?, ବକ୍ସ ଖଟ ପ୍ରଭୃତି ନିର୍ମାଣ କରାଯାଉଥିବା ଦେଖିବାକୁ ମିଳିଛି। ଏହା ବ୍ୟତିତ ଦୁଇଟି ସଟର ରୁମ ତଥା ପୁରୁଣା ଗ୍ୟାରେଜ୍ ଘରେ ବ୍ୟାପକ ପରିମାଣର କାଠ ପଟା ମହଜୁଦ ରଖାଯାଇଥିଲା। ସ୍ଥାନୀୟ ଲୋକଙ୍କ କହିବାନୁସାରେ ଦୀର୍ଘ ୪ ମାସ ହେଲା ଏଠା ରେ କାଠ ଆସବାବ ପତ୍ର ନିର୍ମାଣ କରାଯାଉଛି। ଏହି ଆସବାବ ପତ୍ରକୁ ବନବିଭାଗ ବରିଷ୍ଠ ଅଧିକାରୀଙ୍କ ଘରକୁ ପଠା ଯାଉଛି। ଦାମୀ କାଠରେ ଖଟ ଏବଂ ଡାଇନିଂ ସେଟ୍ ନିର୍ମାଣ କରି କିଛି ବନକର୍ମଚାରୀ ବିକ୍ରି କରୁଥିବା ମଧ୍ୟ ଅଭିଯୋଗ ଆସିଛି। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବନାଞ୍ଚଳ ଅଧିକାରୀ ଏହାକୁ ହଟାଇ ଦେବା ସହ ପ୍ରମାଣ ନଷ୍ଟ କରି ଦେଇଥିବା ଆଜି ଦେଖାଯାଇଛି। ଉକ୍ତ ସ୍ଥାନରେ ଗଦା ହୋଇ ରହିଥିବା କାଠଗୁଣ୍ଡି ଗୁଡ଼ିକ ସେଠାରୁ ସଫା ହୋଇଯାଇଥିବା ବେଳେ କାଠ କାରିଗରଙ୍କ ନିର୍ମାଣ ସାମଗ୍ରୀକୁ ଏକ ଘର ଭିତରେ ଲୁଚାଇ ରଖାଯାଇଛି। କାଠ ସାମଗ୍ରୀ ନିର୍ମାଣ ପାଇଁ ବ୍ୟବହାର ହେଉଥିବା ଦୁଇଟି ବେଞ୍ଚ ମଧ୍ୟରୁ ଗୋଟିକୁ ପାଲ ଘୋଡ଼ାଇ ରଖାଯାଇଥିବା ଦେଖାଯାଇଛି। ଏହା ସହିତ ଅନେକ ମୂଲ୍ୟବାନ କାଠ ସେଠାରୁ ହଟାଇ ଦିଆଯାଇଛି। ବନଖଣ୍ଡ ଅଧିକାରୀଙ୍କୁ ଅନୁମତି ଆଳରେ ପାଖାପାଖି ୫୦ ଲକ୍ଷ ଟଙ୍କାର ଆସବାବ ପତ୍ର ସେଠାରେ ନିର୍ମାଣ କରାଯାଇଥିବା ଅନୁମାନ ହେଉଛି।

## ଜିଲ୍ଲାପାଳ ବିଦାୟ କାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ



ରାୟଗଡ, (ମହାଭାରତ) : ରାୟଗଡ ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପାଟାୱରୀଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଚିନ୍ତନ କକ୍ଷ ଠାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିହାର ରଞ୍ଜନ କାହଁରଙ୍କ ଅଧକ୍ଷତକ୍ଷରେ ଅନୁଷ୍ଠିତ ସଭାରେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଅନୁବିଭାଗୀୟ ଅଧିକାରୀ ସମ୍ବର୍ଦ୍ଧନା ଦେଇଥିଲେ । ସେହିପରି ସ୍ଥାନୀୟ ପ୍ରଦକ୍ଷିଣ ଗୃହ ସମିଳନୀ କକ୍ଷରେ ରାଜସ୍ୱ ଅଧିକାରୀ ମାନଙ୍କ ତରଫରୁ ଅତିରକ୍ତ ଜିଲ୍ଲାପାଳ ଶ୍ରୀ ନିହାର ରଞ୍ଜନ କହଁର ଅଧକ୍ଷତକ୍ଷରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଶ୍ରୀ ରମେଶ କୁମାର ଜେନା, ଉପଜିଲ୍ଲାପାଳ ରାୟଗଡ,ଶ୍ରୀ ଚନ୍ଦ୍ର କାନ୍ତ ମାଝୀ,ପିଏ ଆଇଟିଡ଼ିଏ ରାୟଗଡ଼, ଜିଲ୍ଲାର ସମସ୍ତ ତହସିଲଦାର ଏବଂ ଅତିରକ୍ତ ତହସିଲଦାର, ଅନ୍ୟାନ୍ୟ ରାଜସ୍ୱ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ। ଜିଲ୍ଲାପାଳଙ୍କ ରାୟଗଡ ଜିଲାରୁ ବଦଳି ହୋଇ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନକ୍ଷମ ଶଶକ୍ତି କରଣ ବିଭାଗର ନିର୍ଦ୍ଦେଶକ ହୋଇ ଯାଉଛନ୍ତି ଏବଂ ଶ୍ରୀମତୀ ପଟାୱରୀଙ୍କ ଜିଲ୍ଲାରେ ସ୍ୱଳ୍ପକାଳୀନ ସମୟ ଭିତରେ ଜିଲ୍ଲାକୁ ପ୍ରଗତି ପଥରେ ଆଗେଇନେଉଥିଲେ । ତାଙ୍କ କାର୍ଯ୍ୟକାଳ ସମୟରେ ଜିଲ୍ଲା ମଣ୍ଡଳ ଶୁଭକ୍ଷରମ୍ଭ, ସ୍ୱାମୀତ୍ୱ ଯୋଜନାରେ ସହାୟତା ବଣ୍ଟନ କାର୍ଯ୍ୟକ୍ରମ କୁ ସୁପରିଚାଳନା, ଆକାଂକ୍ଷା ଜିଲ୍ଲା ସର୍ବକୃଷ୍ଟ ସ୍ଥାନ ପାଇଁ ପୁରସ୍କୃତ ହେଇ ପାରିଥିଲ। ଆଦିମ ଜନଜାତି ଅଧୁଷିତ ସକଟା ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ମାନ୍ୟତା ମିଳିପାରିଛି। ଜିଲ୍ଲାପାଳ ଜିଲ୍ଲାରେ କମ ସମୟ କାର୍ଯ୍ୟ କାଳରେ ତାଙ୍କ କାର୍ଯ୍ୟ ଶୈଳୀ,କାର୍ଯ୍ୟ ପରିଚାଳନା ଓ ଦିଗଦର୍ଶନ ଉପରେ ସମସ୍ତ କର୍ମଚାରୀ ଆଲୋକପକ୍ଷତ କରିଥିଲେ । ଜିଲ୍ଲାପାଳଙ୍କ ପରବର୍ତ୍ତୀ ଜୀବନ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ ।

## ବଦଳିଲେ ନୟାଗଡ଼ ର ଦୁଇ ବନଖଣ୍ଡ ଅଧିକାରୀ



ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲାରେ ମହାନଦୀ ବନ୍ୟପ୍ରାଣୀ ଡିଭିଜନ ଏବଂ ନୟାଗଡ଼ ବନଖଣ୍ଡ ଅଧିକାରୀଙ୍କ ଆଜି ବଦଳି ହୋଇଛି। ନୟାଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀ ଏବଂ ତାଙ୍କ ସ୍ୱାମୀ ତଥା ମହାନଦୀ ବନ୍ୟପ୍ରାଣୀ ଡିଭିଜନ୍ ଫାଲଗୁନି ସାରଥି ମଲ୍ଲିକଙ୍କ ପିସିସିଏଫ୍ ଅଫିସକୁ ବଦଳି ହୋଇଛି। ନୟାଗଡ଼ ବନଖଣ୍ଡ ଅଧିକାରୀ ଭାବେ କୁଚିଣ୍ଡା କେନ୍ଦୁଲିପି ଡିଏଫ୍ ?ଓ ଦେବର୍ଞ୍ଚନା ବେହେରାଙ୍କୁ ଦାୟିତ୍ୱ ମିଳିଥିବା ବେଳେ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଭାବେ ଅମରେଶ ନାଥ ପ୍ରଧାନଙ୍କୁ ଦାୟିତ୍ୱ ଦିଆଯାଇଛି। ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ପକ୍ଷରୁ ଆଜି ପ୍ରକାଶିତ ବିଜ୍ଞପ୍ତି ୧୮୩୮୮ ଅନୁସାରେ ଏହା ଜଣାପଡ଼ିଛି।

## ନାବାଳିକାକୁ ଧର୍ଷଣ ଓ ଗର୍ଭବତୀ କରିବା ଅଭିଯୋଗରେ ଦୁଇଭାଇ ଗିରଫ




ପାରାଦୀପ, (ମହାଭାରତ) : ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ଅଞ୍ଚଳରେ ଜଣେ ନାବାଳିକାକୁ ଦୁଇ ଭାଇ ଧର୍ଷଣ ଓ ଗର୍ଭବତୀ କରିବା ଅଭିଯୋଗରେ ପୁଲିସ ଗିରଫ କରିଛି । ଏ ବାବଦରେ ପୀଡିତାର ପରିବାର କୁଜଙ୍ଗ ଥାନାରେ ଭାଗ୍ୟଧର ଦାସ ( ୬୦) ଓ ପଞ୍ଚାନନ ଦାସ ( ୫୮) ଏହି ଦୁଇ ଭାଇଙ୍କ ନାଁ ରେ ଏତଲା କରିଥିଲେ । ଏତଲା କୁ ଆଧାର କରି ଦୁଇଭାଇ ଙ୍କୁ ପୋଲିସ ଗିରଫ କରିଥିଲା । ଅଭିଯୋଗ ଅନୁଯାୟୀ ଦୀର୍ଘ ଏକବର୍ଷ ହେବ ଏହି ଦୁଇ ଭାଇ ନାବାଳିକା କୁ ଧର୍ଷଣ କରିଆସୁଥିଲେ ଏବଂ ସେ ବର୍ତମାନ ସାତ ମାସର ଗର୍ଭବତୀ । ଏହି ଦୁଇଭାଇ ଏକ ମଠରେ କାର୍ଯ୍ୟ କରୁଥିବାବେଳେ ନାବାଳିକା ଜଣକ ସେହି ଜାଗାକୁ ନିୟମିତ ଭାବେ ବୁଲିବାକୁ ଯାଇଥାଏ । ଏହି ଘଟଣାରେ ତିନିଜଣ ଅଭିଯୁକ୍ତ ଙ୍କ ନାମରେ ଧର୍ଷଣ ଓ ପୋକ୍ସୋ ଧାରା ରେ ମାମଲା ରୁଜୁ କରାଯାଇ ଦୁଇଭାଇ ଙ୍କୁ ଗିରଫ କରାଯାଇ ଥିବାବେଳେ ତୃତୀୟ ଅଭିଯୁକ୍ତ ଫେରାର ଥିବନେଇ ତିର୍ତୋଲ ଏସଡିପିଓ ଚିନ୍ମୟ ରାଉତ କହିଛନ୍ତି । ତେବେ ଏଭଳି ଏକ ସ୍ପର୍ଶକାତର ଘଟଣା କୁ ନେଇ ସମଗ୍ର ଜିଲ୍ଲାରେ ଚାଞ୍ଚଲ୍ୟ ଖେଳିଯାଇଛି କ୍ଷ

## ସାଂସଦ ପ୍ରତିନିଧିଙ୍କ ହସ୍ତକ୍ଷେପ ପରେ ସୁଧୁରିଲା ବିପଦ ସଂକୁଳ ଛକ ରାସ୍ତା



କେନ୍ଦୁଝର, (ମହାଭାରତ) : କେନ୍ଦୁଝରଗଡ଼ ପୌରପାଳିକା ଅନ୍ତର୍ଗତ ଜଗନ୍ନାଥପୁର ସାହି କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ବିପଦ ପୂର୍ଣ୍ଣ ହୋଇ ଦୀର୍ଘ ଦିନ ଧରି ରହିଥିବା ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ର ଶିକାର ହୋଇଥାନ୍ତି ସାଧାରଣ ଲୋକେ। ଏ ସମ୍ପର୍କ ରେ ଅଭିଯୋଗ ପାଇବା ପରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଙ୍କ ପ୍ରତିନିଧି ହରିହର ମହାନ୍ତ ତୁରନ୍ତ କେନ୍ଦୁଝରଗଡ଼ ପୌରପାଳିକା ର ନିର୍ବାହୀ ଯନ୍ତ୍ରୀଙ୍କ ସହିତ କଥା ହୋଇଥିଲେ। ପୌରପାଳିକା ର ନିର୍ବାହୀ ଯନ୍ତ୍ରୀଙ୍କ ତ୍ୱରିତ ପଦକ୍ଷେପ ହେତୁ ଉକ୍ତ ବିପଦ ପୂର୍ଣ୍ଣ ଛକ ରାସ୍ତା ର କାର୍ଯ୍ୟ ଆରମ୍ଭ ହୋଇଛି। ନିର୍ବାହୀ ଯନ୍ତ୍ରୀଙ୍କ ଏଭଳି ତତ୍ପରତା ପାଇଁ ସାଂସଦ ପ୍ରତିନିଧି ପ୍ରଶଂସା କରିଛନ୍ତି। ଏଭଳି ତ୍ୱରିତ ପଦକ୍ଷେପ ନିଶ୍ଚିତ ଭାବେ କେନ୍ଦୁଝରଗଡ଼ ପୌରପାଳିକା କୁ ଆଗେଇନେବାରେ ସହାୟକ ହେବବୋଲି ସାଂସଦ ପ୍ରତିନିଧି ଆସାପୋଷଣ କରିଛନ୍ତି।

## ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ନେତାଜୀ ମୈଦାନ ଠାରେ ହେବାକୁ ଥିବା ବିଜ୍ଞାପିତ ଅଂଚଳ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଏନ ଏ ସି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏନ ଏ ସି ଅଧକ୍ଷା ପୁନମ ପ୍ରିୟଦର୍ଶିନୀ ଙ୍କ ଅଧକ୍ଷତାରେ ବୈଠକ ଆରମ୍ଭ ହୋଇଥିଲା। ମାନସ କୁମାର ପତି ପୂର୍ବ ପାଠ ଆଲୋଚନା କରିଥିଲେ। ଏହି ବୈଠକ ରେ ବିଧାୟକ ରମେଶ ଚନ୍ଦ୍ର ବେହେରା, ସାଂସଦ ଙ୍କ ଏନ ଏ ସି ପ୍ରତିନିଧି ଅଞ୍ଜନ କୁମାର ଦାସ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ଉପାଧ୍ୟକ୍ଷ କିଶୋର ଚନ୍ଦ୍ର ଦାଶ ଙ୍କ ସମେତ ସମସ୍ତ କାଉନସିଲର ଯୋଗ ଦେଇଥିଲେ। ଆସନ୍ତା ଅଗଷ୍ଟ ମାସ ୧୫ତାରିଖରେ ପବିତ୍ର ସ୍ୱାଧୀନତା ଦିବସ କୁ ମହାସମାରୋହ ରେ ପାଳନ କରିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା। ଦଶପଲ୍ଲା ନେତାଜୀ ମଇଦାନ ରେ ୯ ଟା ୧୫ମିନିଟ ସମୟରେ ପତାକା ଉତ୍ତୋଳନ କରିବା ପରେ ବିଭିନ୍ନ ବିଦ୍ୟାଳୟ ରୁ ଆସିଥିବା ଛାତ୍ର ଛାତ୍ରୀ ଙ୍କୁ ନେଇ ପ୍ୟାରେଟ ଅନୁଷ୍ଠିତ ହେବ। ବ୍ଲକ୍ ସ୍ତରରେ କାର୍ଯ୍ୟ କରୁଥିବା ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ ମଧ୍ୟ ପ୍ରଦର୍ଶିତ ହେବାର ଯୋଜନା ରହିଛି । ବ୍ଲକ୍ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଏହି ପବିତ୍ର ଦିବସ ଅବସରରେ ସମ୍ମାନିତ କରିବା ପାଇଁ ସ୍ଥିର କରାଯାଇଥିଲା।ଅପରାହ୍ନ ସମୟରେ ଜାତୀୟ ପତାକା ଅବତରଣ କରିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସର୍ବସମ୍ମତି କ୍ରମେ ଗୃହୀତ କରାଗଲା।

## ନଦୀ ବନ୍ଧରେ ବୃଦ୍ଧଙ୍କ ମୃତ ଶରୀର, କାରଣ ଅସ୍ପଷ୍ଟ !

ଅସ୍ତରଙ୍ଗ, (ମହାଭାରତ) : ଆଜି ସକାଳ ସମୟ ରେ ଅସ୍ତରଙ୍ଗ ବାଉରୀଆକଣ ଦେବୀ ନଦୀ ବନ୍ଧ ରେ ଏକ ପାଖାପାଖି ୬୫ ବର୍ଷର ବୃଦ୍ଧ ଙ୍କ ମୃତ ଶରୀର କିଛି ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ଏ ସଂକ୍ରାନ୍ତ ରେ ସ୍ଥାନୀୟ ଲୋକ କାକଟପୁର ଥାନା କୁ ସୂଚନା ଦେଇଥିଲେ, ସାମାଜିକ ଗଣମାଧ୍ୟମ ରେ ଉକ୍ତ ଲୋକ ର ଫୋଟୋ ଚିତ୍ର ଭାଇରଲ ହେବା ପରେ ଏହାକୁ ଚିନ୍ହଟ କରି ଉକ୍ତ ବୃଦ୍ଧ ଙ୍କର ପରିବାର ଲୋକ ଆସି ଘଟଣା ସ୍ଥଳରେ ପହଞ୍ଚି ଥିଲେ। ସୂଚନା ମୁତାବକ ଉକ୍ତ ବ୍ୟକ୍ତି ଙ୍କ ନାମ ହର୍ଷ ବେହେରା, ସ୍ଥାନ -ବାଲିପନ୍ତାଳ, ନଗର ପଞ୍ଚାୟତ, ତାଙ୍କ ପୁତ୍ର ଭୋଳାନାଥ ବେହେରା ଘଟଣା ସ୍ଥଳରେ ପହଞ୍ଚି ନିଜ ବାପା ଙ୍କ ମର ଶରୀର କୁ ଚିନ୍ହଟ କରିଥିଲେ, ଯାହା ତାଙ୍କ ଗ୍ରାମବାସୀ ଓ ପୁଅ ଙ୍କ ନିକଟରୁ ସୂଚନା ମିଳିଥିଲା ଉକ୍ତ ବୃଦ୍ଧ ସାମାନ୍ୟ ମାନସିକ ରୋଗୀ ଥିଲେ, କାମ କରିବା ସହ ଅନେକ ସ୍ଥାନକୁ ଏହିପରି ଏକୁଟିଆ ଭ୍ରମଣ କରିବାକୁ ଚାଲି ଆସନ୍ତି, ସେହିପରି ଗତକାଲି ମଧ୍ୟ ଘରୁ ଏମିତି ବାହାରି ଆସିଥିଲେ ।

## ପୌର ପରିଷଦ ବୈଠକ ଅଧାରୁ ବାତିଲ : ନିର୍ବାହୀ ଅଧିକାରୀଙ୍କ ଉପରେ ବିଧାୟକ ଖପ୍ପା



ନୟାଗଡ଼, (ମହାଭାରତ) : ନୟାଗଡ଼ ପୌର ପରିଷଦ ବୈଠକରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ପୌର ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କ ଉପରେ ଖପ୍ପା ହୋଇଛନ୍ତି। ନୟାଗଡ଼ ସହରରେ ବିକାଶ ମୂଳକ କାର୍ଯ୍ୟ ଏକ ପ୍ରକାର ଠପ ହୋଇଥିବାରୁ ବିଧାୟକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କାମ ନହେଲେ ଜନଆନ୍ଦୋଳନ ତୀବ୍ର ହେବ ବୋଲି ବିଧାୟକ ସୂଚନା ଦେଇଛନ୍ତି। ନୟାଗଡ଼ ପୌର ପରିଷଦ ଅଧକ୍ଷା ନିରୁପମା ଖଟେଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ଡ. ଅରୁଣ କୁମାର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାଉନସେଲିଂ ବୈଠକ ଆଜି ହଟଗୋଳରୁ ଆରମ୍ଭ ହୋଇ ଅଧାରୁ ବାତିଲ ହୋଇଛି। ନୟାଗଡ଼ ପରିମଳ ବ୍ୟବସ୍ଥା, ଆଲୋକିକରଣ କାର୍ଯ୍ୟ, ବଲାଙ୍ଗୀପାର୍କ କାର୍ଯ୍ୟ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ କାଉନସିଲର ଓ ବିଧାୟକ ସହର ବିକାଶ ମୂଳକ କାର୍ଯ୍ୟ ଠପ ହୋଇଥିବାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ନିର୍ବାଚନ ପରଠାରୁ କୌଣସି ଉନ୍ନୟନ ତଥା ବିକାଶ ମୂଳକ କାର୍ଯ୍ୟ ହେଉନଥିବାରୁ କାଉନସିଲର ମାନେ କହିଥିଲେ। ଯାହାକୁ ନେଇ ବୈଠକରେ ଚାପା ଅସନ୍ତୋଷ ଦେଖା ଦେବା ସହ ବିଧାୟକ ଓ କାଉନସିଲର ମାନେ ବୈଠକକୁ ଅଧାରୁ ବାତିଲ କରିଥିଲେ। ପ୍ରଥମେ ସହରରେ ହେବାକୁ ଥିବା କାର୍ଯ୍ୟକୁ ସମୀକ୍ଷା କରାଯିବାକୁ ବିଧାୟକ ପ୍ରସ୍ତାବ ଦେଇଥିଲେ। ଆଜି ନୟାଗଡ଼ ସହର ମହର୍ଷି ବିଦ୍ୟାଳୟ ପଛପାଖ କଲ୍ୟାଣ ମଣ୍ଡପକୁ ରାସ୍ତା ଓ ଡ୍ରେନ ନିର୍ମାଣ, ଜିଲ୍ଲା ପାଠାଗାର ଉନ୍ନତିକରଣ କାର୍ଯ୍ୟକୁ ତଦାରଖ କରାଯିବା ସହ କାମ ଆରମ୍ଭ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ବିଧାୟକ, ପୌରାଧକ୍ଷା, ନିର୍ବାହୀ ଅଧିକାରୀ ଓ କାଉନସିଲର ମାନେ ନୟାଗଡ଼ ସହରର ବିଭିନ୍ନ ସ୍ଥାନକୁ ଯାଇ ହେବାକୁ ଥିବା ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଯୋଜନା ପ୍ରସ୍ତୁତ କରିଥିଲେ। ଅନେକ କାର୍ଯ୍ୟ କରିବାକୁ ଦୀର୍ଘଦିନ ତଳୁ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ବିଧାୟକ ଡ. ସାହୁ ଗଣମାଧ୍ୟମକୁ କହିଛନ୍ତି। ଜିଲ୍ଲା ପ୍ରଶାସନକୁ ବାରମ୍ବାର ଅନୁରୋଧ ପରେ ନୟାଗଡ଼ ବିକାଶକୁ ଅଣଦେଖା କରାଯାଉଥିବା ବିଧାୟକ କହିଛନ୍ତି। ଆଗାମୀ ଦିନରେ ବିକାଶ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରାଗଲେ ଜନଆନ୍ଦୋଳନ ତୀବ୍ରତର ହେବ ବୋଲି ନୟାଗଡ ବିଧାୟକ ସୂଚନା ଦେଇଛନ୍ତି।

## ଧାନମଣ୍ଡି ପାଇଁ ଚାଷୀ ଆନ୍ଦୋଳନ ଚରମ ସୀମାରେ




ଦଶପଲ୍ଲା, (ମହାଭାରତ): ସମବାୟ ସମିତି ବିଭାଗୀୟ ଅଧିକାରୀ ଓ ସମ୍ପାଦକ ଙ୍କ ଭୁଲ ଲାଗି ଚାଷୀ ଆଜି ଗଣଧାରଣରେ ।ଏଭଳି ଘଟଣା ଦେଖିବାକୁ ମିଳିଛି ନୟାଗଡ ଜିଲ୍ଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ମଧ୍ୟଖଣ୍ଡ ଚାଷୀ ଙ୍କ କ୍ଷେତ୍ରରେ। ବିଗତ ୭ବର୍ଷ ହେଲା ମଧଖଣ୍ଡ ସମବାୟ ସମିତି ଟି ଜନୈକ କର୍ମଚାରୀ ଙ୍କ ଭୁଲ ଲାଗି ବ୍ଲାକ ଲିଷ୍ଟରେ ରହିଛି। ଚାଷୀ ମାନେ ଧାନ ଦେବା ଓ ପଞ୍ଜିକରଣ ଆଦି ଘୋଳାହାଣ୍ଡି ସମବାୟ ସମିତି ଅଧୀନରେ କରୁଛନ୍ତି। ଏହାକୁ ନେଇ ଚାଷୀ ମାନେ ଅନେକ ଥର ବିଭାଗୀୟ ଅଧିକାରୀ ଓ ଜିଲ୍ଲାପାଳ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଫଳ ଶୂନ। ଚାଷୀମାନେ ବାଧ ହୋଇ ଗଣଧାରଣା ଦେଇଛନ୍ତି। ଯଦି ସରକାର ଚାଷୀ ଙ୍କ ଦାବୀ କୁ ଶୀଘ୍ର ସମାଧାନ ନ କରନ୍ତି ଆଗାମୀ ଦିନରେ ରାଜରାସ୍ତା କୁ ଓଲହାଇବେ ବୋଲି କହିଥିଲେ । ଖବର ପାଇ ଚାଷୀ ଙ୍କ ପାଖରେ ଦଶପଲ୍ଲା ବିଧାୟକ ପହଂଚି ଆଲୋଚନା କରିବା ସହ ଉଚ୍ଚ କର୍ତ୍ତୃପକ୍ଷ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ନୟାଗଡ ର ପ୍ରାର୍ଥନା ପ୍ରିୟଦର୍ଶିନୀ ପହଂଚି ଚାଷୀ ଙ୍କ ସହିତ ଆଲୋଚନା କରିଥିଲେ। ହେଲେ ଫଳ କିଛି ମିଳିନଥିଲା। ନୟାଗଡ ଜିଲ୍ଲାପାଳ ମହୋଦୟ ଙ୍କୁ ଏ ବିଷୟରେ ଅବଗତ କରିବେ ବୋଲି କହିଥିଲେ। ତିନି ଦିନ ମଧ୍ୟରେ ଯଦି ଚାଷୀଙ୍କ କଥା ନ ଶୁଣନ୍ତି ତାହାହେଲେ ମଙ୍ଗଳବାର ଠାରୁ ଧାରଣା ଜାରି ରହିବ ବୋଲି ମଧଖଣ୍ଡ ସମବାୟ ସମିତି ସଭାପତି ସୂଚନା ଦେଇଛନ୍ତି।




# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ନୟାଗଡ଼ ଜିଲ୍ଲା ପୁଲିସ ପକ୍ଷରୁ ମୋବାଇଲ୍ ବର୍ଣ୍ଟନ ମେଳା




ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲା ପୁଲିସ ପକ୍ଷରୁ ଆଜି ଏକ ମୋବାଇଲ ବର୍ଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଏସ୍ପି ଏସ୍ ସୁଶ୍ରୀ ଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିବା ବେଳେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସନାତନ କାଲୋ ଏବଂ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ରହିଥିଲେ। ବିଗତ ଦିନରେ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରୁ ଚୋରୀ ହୋଇଥିବା ମୋଇବାଲ ସମ୍ପର୍କରେ ଅଭିଯୋଗ ପାଇ ପୁଲିସ ମାମଲା ରୁଜୁ କରିଥିଲା। ଜିଲ୍ଲା ପୁଲିସର ସାଇବର ଟିମ୍ ଉକ୍ତ ଚୋରୀ ମୋବାଇକ ଗୁଡ଼ିକ ନୟାଗଡ଼ ଜିଲ୍ଲା ସମେତ ଜିଲ୍ଲା ବାହାରୁ ଉଦ୍ଧାର କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲା। ଉଦ୍ଧାର ହୋଇଥିବା ୧୦୫ଟି ମୋବାଇଲକୁ ଉପଯୁକ୍ତ ପ୍ରମାଣ ଆଧାରରେ ଆଜି ଅଭିଯୋଗକାରୀ ତଥା ମୋବାଇଲ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି। ଜିଲ୍ଲା ପୁଲିସର ଏଭଳି ମହତ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ନଦୀପଥରେ ଚୋରା ଚାଲାଣ ହେଉଛି ସାର

### ପ୍ରଶାସନ ପାଲଟିଛି ନିଦା ବିଷ୍ଣୁ

ମୋତ: ଭଦ୍ରକଜିଲ୍ଲା ଚାନ୍ଦବାଲି ଅଞ୍ଚଳରେ କୃଷିକାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ସେହି ଅନୁସାରେ ରସାୟନିକ ସାରାର ଆବଶ୍ୟକତା ମଧ୍ୟ ରହିଛି। ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସାର ବ୍ୟବସାୟୀ ତତ୍ପର ହୋଇ ଉଠିଛନ୍ତି। ଫଳରେ ବଜାରରେ ସାରର କୃତ୍ରିମ ଅଭାବ ସୃଷ୍ଟି ଦେଖାଯାଉଛି। ବିଭିନ୍ନ ସ୍ଥାନରେ ବେଆଇନ ଭାବେ ସାର ମହଜୁଦ୍ ରଖିବା ସହ ଜଳପଥ ଦେଇ ପଡ଼ୋଶୀ କେନ୍ଦ୍ରପଡ଼ା ଜିଲ୍ଲାକୁ ଚାଲାଣ ହେଉଛି ସାର। ତା ସହିତ ନକଲି ସାର ବିକ୍ରି କରି ମାଲେମାଲ ହେଉଛନ୍ତି ବ୍ୟବସାୟୀ। ଗତକାଲି ଚାନ୍ଦବାଲି ପା□ପଡ଼ାର ବବି ଫଟଲାଇଜର ମାଲିକ ଅମୂଲ୍ୟ କୁମାର ଦାସ ଦୁଇଟି ଡଙ୍ଗାରେ ପ୍ରାୟ



୫୦୦ରୁ ଊର୍ଦ୍ଧ୍ୱ ବସ୍ତା ୟୁରିଆ, ପଟାସ, ଡିଏପି, ଗ୍ରୋମର ଆଦି ନକଲି ସାର କେନ୍ଦ୍ରାପଡ଼ା ଜିଲ୍ଲାର ତାଳଚୁଆ, ରଙ୍ଗଣୀ ଆଦି ସ୍ଥାନକୁ ଚୋରା ଚାଲାଣ ହେଉଥିବା ବେଳେ ଖବର ପାଇ କିଛି ଗଣମାଧ୍ୟମ ପ୍ରତିନିଧି ସେଠାରେ ପହଞ୍ଚିଥିଲେ। ସାର କେଉଁଠୁ ଆସିଲା, କେଉଁ ସ୍ଥାନକୁ ଯାଉଛି ପଚାରିବାରୁ ଡଙ୍ଗା ଚାଳକ ସଠିକ ଉତ୍ତର ଦେଇ ପାରି ନଥିଲେ।ଏ ସମ୍ବନ୍ଧରେ ସ୍ଥାନୀୟ ତହସିଲଦାରଙ୍କୁ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଯୋଗ କରିଥିଲେ ମଧ୍ୟ ସଠିକ ସମୟରେ ଘଟଣାସ୍ଥଳରେ ନ ପହଞ୍ଚିବା ଯୋଗୁଁ ଡଙ୍ଗା ଚାଳକ ଡଙ୍ଗା ନେଇ ଚମ୍ପଟ ମାରିଥିଲେ।ଏଠାରେ ପ୍ରଶ୍ନ ଉଠୁଛି ବବି ଫଟଲାଇଜର ରିଟେଲର ବିକ୍ରେତା ହୋଇଥିବା ବେଳେ କେମିତି ହୋଲସେଲ କାରବାର କରୁଛନ୍ତି ପୁଣି ଜିଲ୍ଲା ବାହାରକୁ। ଏଥିରେ ସ୍ଥାନୀୟ ପ୍ରଶାସନର ସହଯୋଗ ନାହିଁ ତ? ପ୍ରତିଦିନ ନଦୀପଥରେ ଏମିତି ଘଟଣା ଘଟୁଥିବା ବେଳେ ପ୍ରଶାସନ ଜାଣି ନ ଜାଣିଲା ପରି ରାସ୍ତା ପାଖିଆ କିଛି ଛୋଟ ଛୋଟ ବ୍ୟବସାୟୀଙ୍କୁ ଧରି ବଡ଼ବଡ଼ ବ୍ୟବସାୟୀଙ୍କୁ ସହଯୋଗ କରୁଥିବା ଆଲୋଚନା ହେଉଛି। ଦେଖିବାକୁ ବାକି ରହିଲା କେନ୍ଦ୍ରାପଡ଼ା ଜିଲ୍ଲାକୁ ଚୋର ଚାଲାଣ କରୁଥିବା ବବି ଫଟଲାଇଜର ଉପରେ ଆଗାମୀ ଦିନରେ ପ୍ରଶାସନ କଣ ନେଉଛି କାର୍ଯ୍ୟାନୁଷ୍ଠାନ।

## କାଠ ଚାଲାଣ: ଜଣେ ଗିରଫ, ପିକଅପ ଜବତ



ଟିଟିଲାଗଡ଼ : ଟିଟିଲାଗଡ଼ ବର୍ଣ୍ଡେଇ ସଂରକ୍ଷିତ ଜଙ୍ଗଲରେ ବନ ବିଭାଗ ଓ ବଡ଼ମାଲ ଗୋଳାବାରୁଦ କାରଖାନା ସୁରକ୍ଷା କର୍ମଚାରୀଙ୍କ ମିଳିତ ପେଟ୍ରୋଲିଂ ସମୟରେ ଅବୈଧ ଭାବରେ ଖଇର ଗଛ କାଟି ଚାଲାଣ ନେଇ ଜଣକୁ ଗିରଫ ସହ ଏକ ପିକଅପ ଗାଡି ଜବତ ହୋଇଛି । ଏନେଇ ଟିଟିଲାଗଡ଼ ବନାଞ୍ଚଳ ଅଧିକାରୀ ସଚ୍ଚିଦାନନ୍ଦ ସୁବୁଦ୍ଧିଙ୍କ ସୂଚନା କ୍ରମେ କିଛି ଲୋକ ଖଇର ଗଛ କାଟି ପିକଅପ ଗାଡ଼ିରେ ଲୋଡ଼ କରୁଥିବା ବେଳେ ବନ ବିଭାଗ ଷ୍ଟାଫଙ୍କୁ ଦେଖି ଦୌଡି ପଳାଇବାକୁ ଚେଷ୍ଟା କରିଥିଲେ । ବନ କର୍ମଚାରୀ ଗୋଡ଼ାଇ ଜଣେ ଅଭିଯୁକ୍ତଙ୍କୁ ଧରିଥିଲେ। ଏହି ଘଟଣାରେ ୧୦ କ୍ୱିଣ୍ଟାଲ ଖଇର କାଠ ସହ ଛତିଶଗଡର ଏକ ପିକଅପ ଗାଡି ଜବତ ହୋଇଛି ।ଗିରଫ ଅଭିଯୁକ୍ତ ଗଣ୍ଡପତ୍ରାପାଲି ସମାଚୁଆଁ ନିବାସୀ ସଓ୍ୟାସୀ ମିଦ୍ଧାଙ୍କୁ ବନ ବିଭାଗ ଗିରଫ ସହ କୋର୍ଟ ଚାଲାଣ କରିଛି।

## ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ଦ୍ୱାରା କୃଷି ଉଦ୍ୟୋଗୀଙ୍କୁ ମାନପତ୍ର ପ୍ରଦାନ




ଆସିକା (ମହାଭାରତ): ଆସିକା ବାବନପୁରସ୍ଥିତ ବ୍ଲକ କୃଷି କାର୍ଯ୍ୟାଳୟ ଠାରେ ବିଭିନ୍ନ ବ୍ଲକ ର କୃଷି ଉଦ୍ୟୋଗୀଙ୍କୁ ମାନପତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅଜୟ କୁମାର କର, ଆସିକା କୃଷି ଜିଲ୍ଲା ଅଧିକାରୀ ସତ୍ୟବ୍ରତ ଦାସ, ଆତ୍ମା ର ଅଧକ୍ଷ ବିଜୟ ସ୍ୱାଇଁ,ବିଧାୟକଙ୍କ ପୁତ୍ର ସଂଗୀତ ପାଢ଼ୀ, ଆସିକା ବ୍ଲକ କୃଷି ଅଧିକାରୀ ବାସୁଦେବ ସାହୁ,ଭଞ୍ଜନଗର ବ୍ଲକ କୃଷି ଅଧିକାରୀ ସଂଗ୍ରାମ ସେନାପତି, ଧରାକୋଟ ବ୍ଲକ କୃଷି ଅଧିକାରୀ ବିଶ୍ୱନାଥ ବେହେରା, ବେଲଗୁଣ୍ଠା ବ୍ଲକ କୃଷି ଅଧିକାରୀ ଶୈଳସୂତା ସାହୁ, ବୁଗୁଡ଼ା ବ୍ଲକ କୃଷି ଅଧିକାରୀ ହରପ୍ରିୟା ବେହେରା, ଜଗନ୍ନାଥପ୍ରସାଦ ବ୍ଲକ କୃଷି ଅଧିକାରୀ ଦିବ୍ୟ ଚେତନ ଦାସ, କବିସୂର୍ଯ୍ୟନଗର ବ୍ଲକ କୃଷି ଅଧିକାରୀ ରାଜକମଳ ବେହେରା,ଇପିକାଲ ର ବିଶ୍ୱଜିତ ପ୍ରମୁଖ ଉପସ୍ଥିତ ରହିଥିଲେ । ଗଞ୍ଜାମ ଜିଲ୍ଲା ର ଆସ୍କା, ଧରାକୋଟ, କବିସୂର୍ଯ୍ୟନଗର, ଜଗନ୍ନାଥ ପ୍ରସାଦ, ଭଞ୍ଜନଗର, ବୁଗୁଡ଼ା, ବେଲଗୁଣ୍ଠା, ପୋଲସରା ବ୍ଲକ ରେ ଛତୁ, ମାଛ, ଗୋ ସାଲା, ନର୍ସରୀ ଇତ୍ୟାଦି କରୁଥିବା ଉଦ୍ୟାଗୀ ମାନେ ଦୁଇ ମାସ ଧରି ଅତ୍ୟାଧୁନିକ ପଦ୍ଧତି ର ପ୍ରଣାଳୀ, ମାର୍କେଟିଙ୍ଗ, ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଜଣେ ଜଣେ ସଫଳ ଉଦ୍ୟୋଗୀ ହେବା ଉପରେ ଅତିଥି ମାନେ ମତ ରଖିଥିଲେ।

## ଜିଲ୍ଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

ଗଜପତି(ମହାଭାରତ): ଜିଲ୍ଲା ସଦରମହକୁମା ସ୍ଥିତ ସ୍ଥାନୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ଠାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଫାଲଗୁନୀ ମାଝୀଙ୍କ ଅଧ୍ୟକ୍ଷତା ରେ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଗଜପତି ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ଆଜି ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶ୍ରୀଯୁକ୍ତ ଦାଶ ୧୧ ମାସ ୧୫ ଦିନ ଧରି ଗଜପତି ଜିଲ୍ଲାର ଜିଲ୍ଲାପାଳ ଭାବେ ରହି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଆସୁଥିଲେ। ବର୍ତ୍ତମାନ ସେ ସ୍ୱାସ୍ଥ୍ୟ ଓ ପାରିବାର କଲ୍ୟାଣ ବିଭାଗର ଅତିରିକ୍ତ ଶାସନ ସଚିବ ଭାବରେ ବଦଳି ହୋଇଛନ୍ତି। ସେ ଜଣେ ମିଷ୍ଟଭାଷୀ, ଦକ୍ଷ ପ୍ରଶାସକ,



ପରିଶ୍ରମୀ ପ୍ରଶାସକ ବାଭରେ ଜିଲ୍ଲାର ସମସ୍ତ କର୍ମଚାରୀ ମାନଙ୍କୁ ନେଇ ଗୋଟିଏ ଟିମ୍ ଭାବରେ ଗଠନ କରି କାର୍ଯ୍ୟ କରିଆସୁଥିଲେ ।ତାଙ୍କର ସରଳ ଓ ଅମାୟିକ ବ୍ୟବହାର ପାଇଁ ସେ ଜିଲ୍ଲାର ସମସ୍ତ କର୍ମଚାରୀ , ଜନସାଧରଣ,ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ମାନଙ୍କଠାରେ ନିକଟତର ହୋଇପାରିଥିଲେ। ଗଜପତି ଜିଲ୍ଲାର ବିକାଶ କ୍ଷେତ୍ରରେ ତାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା, ତାଙ୍କ ସମୟରେ ବିଭିନ୍ନ ଜନକଲ୍ୟାଣ କାରି କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନା କରି ଆସୁଥିଲେ। ଏହି ବିଦାୟକାଳୀନ ସଭା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଶଙ୍କର କେରକେଟା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍) ଶ୍ରୀ ମୁନିନ୍ଦ୍ର ହାନେଗା,ଉପ-ଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ପ୍ରକଳ୍ପ ପ୍ରଶାସକ, ଅଧିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ ପ୍ରମୁଖ ମଞ୍ଚାସିନ ଥିଲେ। ଏହି ସଭାରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ସମେତ ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା ଓ ବରିଷ୍ଠ ନାଗରିକ ପ୍ରମୁଖ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ସଭାରେ ଉପସ୍ଥିତ ଥିଲେ।

## ପାରିବାରିକ କଳହରୁ ମହିଳାଙ୍କ ଆତ୍ମହତ୍ୟା

ଆସିକା (ମହାଭାରତ): ଆସିକା ବ୍ଲକ କୋଟିନଡ଼ା ଥାନା ଅନ୍ତର୍ଗତ କେ. ଲଛମନପଲ୍ଲୀ ଗ୍ରାମରେ ପାରିବାରିକ କଳହରୁ ମହିଳା ଆତ୍ମହତ୍ୟା ହୋଇଥିବା ସନ୍ଦେହ। ପ୍ରକାଶ ଥାଉକି ଗତ ୧୦ ବର୍ଷ ତଳେ ଆମ୍ବପୁଆ ଗ୍ରାମର କଲ୍ୟାଣ କୁମାରୀ ମହାନ୍ତି ସହ କେ. ଲଛମନପଲ୍ଲୀ ଗ୍ରାମର ଲଳିତ କୁମାର ମହାନ୍ତି ଙ୍କ ବୈଦିକ ରୀତିନୀତି ରେ ପରିବାର ଲୋକ ବିବାହ କରିଥିଲେ। ଏଦୁହିଁଙ୍କ ଔରସରୁ ଗୋଟିଏ ପୁଅ ଓ ଝିଅ ମଧ୍ୟ ଅଛନ୍ତି।ଗତକାଲି ରାତ୍ର ସମୟରେ କୌଣସି ଏକ କାରଣରୁ ପାରିବାରିକ କଳହ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ସ୍ତ୍ରୀ କଲ୍ୟାଣୀ ଘର ଛାତ ଲୁହା ଛଡ଼ରେ ବେକରେ ଲୁଗା ଲଗେଇ ଆତ୍ମ ହତ୍ୟା କରିଥିବା ଜଣା ଯାଇଛି । ଗତ କିଛି ଦିନ ତଳେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ କୌଣସି ଏକ କାରଣକୁ ନେଇ ପାଟି ତୁଣ୍ଡ ହୋଇଥିଲା। ଖବର କୋଟିନଡା ପୋଲିସ ଅଭିଯୋଗ ମିଳିବା ପରେ ଘଟଣା ସ୍ଥଳରେ ପହଂଚି ଶବ କୁ ଜବତ କରିବା ସହ ଆସିକା ମେଡିକାଲ ରେ ଶବ ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନତର କରାଯାଇଛି। ଏହି ଘଟଣା ବିରୁଦ୍ଧରେ କୋଟିନଡା ଥାନା କେସ ନମ୍ବର ୦୩/୨୫ ରେ ଏକ ଅପମୃତ୍ୟ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ବିଲ୍ କୁ ଓଲଟିଲା ବସ : ୧୨ ଯାତ୍ରୀ ଗୁରୁତର ଆହତ



ଦଶପଲ୍ଲା, ( ମହାଭାରତ ) : ନୟାଗଡ଼ ଦଶପଲ୍ଲାରେ ଓଲଟିଲା ବସ। ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥ ରେ ନୟାଗଡ଼ ଦଶପଲ୍ଲା ର ସରିଗଣ୍ଡା ନିକଟରେ ଭାରସାମ୍ୟ ହରାଇ ରାସ୍ତାରୁ ବିଲ୍ କୁ ଓଲଟିଲା ବସ। ବସ୍ ରେ ଥିବା ୧୫ ଜଣ ଯାତ୍ରୀ ଙ୍କ ମଧ୍ୟରୁ ୧୨ ଜଣ ଯାତ୍ରୀ ଗୁରୁତର ଆହତ। ଆହତ ମାନଙ୍କୁ ସ୍ଥାନୀୟ ବାସିନ୍ଦା ଙ୍କ ସହାୟତା ରେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭର୍ତ୍ତି। ଆହତ ୧୨ ଜଣ ଯାତ୍ରୀ ଙ୍କ ମଧ୍ୟରୁ ୪ ଜଣ ଯାତ୍ରୀ ଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ତୁରନ୍ତ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରେ ଭୁବନେଶ୍ୱର କୁ ସ୍ଥାନାନ୍ତର କରାଯାଇଛି। ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ଘଟଣା ସ୍ଥଳରେ ଦଶପଲ୍ଲା ଥାନା ପୁଲିସ ପହଞ୍ଚି ବସ୍ କୁ ଜବତ କରିବା ସହ ଘଟଣା ର ତଦନ୍ତ ଆରମ୍ଭ କରିଛି। ବସ ଟି ଟ୍ରକ୍ କୁ ଓଭରଟେକ୍ କରିବାକୁ ଚେଷ୍ଟା କରୁଥିବା ବେଳେ ଦୁର୍ଘଟଣା ଘଟିଥିବା ନେଇ ଜଣାପଡ଼ିଛି। ବସ୍ ଟି କଟକ ରୁ ବଲାଙ୍ଗିର ସୋନପୁର ଯାଉଥିଲା।ଦଶପଲ୍ଲା ସରିଗଣ୍ଡା ନିକଟରେ ଟ୍ରକ୍ ସାଇଟ୍ ମାରିବାକୁ ଚେଷ୍ଟା କରୁଥିବା ବେଳେ ବସ୍ ଦୁର୍ଘଟଣା ଘଟିଥିବା ନେଇ ଅଭିଯୋଗ ହୋଇଛି।

## କୁନ୍ଦୁରା ବ୍ଲକ ଉପାଧ୍ୟକ୍ଷଙ୍କ ନେତୃତ୍ୱ ରେ ନୂତନ ବିଡ଼ିଓ ଙ୍କୁ ସାକ୍ଷାତ କଲେ ସରପଞ୍ଚ ଓ ସମିତି ସଭ୍ୟ ବୃନ୍ଦ

କୁନ୍ଦୁରା(ମହାଭାରତ)- କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ରେ ଗତ ବୁଧବାର ୨୩/୦୭/୨୦୨୫ ରେ ପି. ମନସ୍ୱିତା ନୂତନ ବିଡ଼ିଓ ଭାବେ ଦାଇତ୍ୱ ଗ୍ରହଣ କରିଛନ୍ତି । ଏଥି ପୂର୍ବରୁ ସେ ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ରେ ତହସିଲଦାର ଭାବେ କାର୍ଯ୍ୟ କରି ଆସୁଥିଲେ । କୁନ୍ଦୁରା ବ୍ଲକ ର ତତ୍କାଳୀନ ବିଡ଼ିଓ କପିଳେଶ୍ୱର ତାଣ୍ଡି ଙ୍କ ଅବସର ପରେ କୁନ୍ଦୁରା ତହସିଲଦାର ବିନୋଦ ଚନ୍ଦ୍ର ନାଏକ ବିଡ଼ିଓ ଙ୍କ ଦାଇତ୍ୱ ତୁଲାଇ ଆସୁଥିଲେ । ନୂତନ ବିଡ଼ିଓ ଙ୍କ ଦାଇତ୍ୱ ଗ୍ରହଣ କରିଥିବା ଖବର ପାଇ କୁନ୍ଦୁରା ବ୍ଲକର କିଛି ସରପଞ୍ଚ ଓ ସମିତି ସଭ୍ୟ / ସଭ୍ୟା ମାନେ ଆଜି ବ୍ଲକ ଉପାଧ୍ୟକ୍ଷ ତରୁଣୀସେନ ବିଷୋୟୀ ଙ୍କ ନେତୃତ୍ୱରେ ସୌଜନ୍ୟତା ମୁଳକ ସାକ୍ଷାତ କରିଥିଲେ । ଏଥି ସହ ବର୍ତ୍ତମାନ



କୁନ୍ଦୁରା ପଞ୍ଚାୟତ ସମିତି ରେ ନିର୍ବାଚିତ ଜନ ପ୍ରତିନିଧି ମାନଙ୍କୁ କେଉଁଭଳି ଅଣଦେଖା କରାଯାଉଛି ଏବଂ ପଞ୍ଚାୟତ ସ୍ତରରେ କେଉଁଭଳି ଜନ ଅସନ୍ତୋଷ ଲାଗି ରହିଛି ସେସବୁ ବିଷୟରେ ନୂତନ ବିଡ଼ିଓ ଙ୍କ ସହ ଆଲୋଚନା କରିଥିଲେ । ଆମେ ଲୋକଙ୍କ ଦ୍ୱାରା ଜନ ମତ ପାଇ ଆସନ କୁ ଆସିଛୁ କିନ୍ତୁ ଲୋକଙ୍କ ଉନ୍ନୟନ ମୁଳକ କାର୍ଯ୍ୟ କିଛି ବି କରିପାରୁନାହୁଁ ଯୋଦ୍ୱାରା ଗାଁ ଗହଳି ପଞ୍ଚାୟତ ସ୍ତରରେ ଲୋକଙ୍କ ଭିତରେ ଅସନ୍ତୋଷ ଆମେ ଦେଖି ପାରୁଛୁ, ଆମ ପାଖରେ ଆଉ ପ୍ରାୟ ଏକ ବର୍ଷ ରହିଛି, ଏହି ସମୟ ଭିତରେ ଆମେ ଲୋକଙ୍କ ଆସ୍ଥାଭାଜନ ହେବାକୁ ପଡିବ ଏହି ସବୁ ବିଷୟ କୁ ନେଇ ବିଡ଼ିଓ ଙ୍କ ସହ ଆଲଚନା କରିଥିଲେ । ସରପ□ ଓ ସମିତି ସଭ୍ୟ ମାନଙ୍କ ସହ ଆଲୋଚନା କରିବା ପରେ ନୂତନ ବିଡ଼ିଓ ପି. ମନସ୍ୱିତା ଆଶ୍ୱାସନା ମୁଳକ ଭାବେ କହିଲେ - ଆଗକୁ ମୁଁ ସମସ୍ତ ବିଷୟ ବୁଝାବୁଝି କରିବି, ପ୍ରତେକ ପଞ୍ଚାୟତ କୁ ମୁଁ ନିଜେ ଯାଇ ତଦାରଖ ପୂର୍ବକ କାର୍ଯ୍ୟ ତ୍ୱରାନ୍ୱିତ କରିବି ବୋଲି କହିଥିବା ସରପଞ୍ଚ ଓ ସମିତି ସଭ୍ୟ ମାନେ ସୂଚନା ଦେଇଥିଲେ।ବିଡ଼ିଓ ଙ୍କ ସାକ୍ଷାତକାର ପରେ ସରପଞ୍ଚ ଓ ସମିତି ସଭ୍ୟ ମାନେ ମିଳିତ ଭାବେ କୁନ୍ଦୁରା ବ୍ଲକ ଏଇଇ - ସ୍ୱରୂପ କୁମାର ସାହୁ ଙ୍କ ନିକଟକୁ ଯାଇ ବ□ମାନ ମଞ୍ଜୁର ହୋଇ ଆସିଥିବା ପ୍ରକଳ୍ପ ଗୁଡିକର ତାଲିକା ମାଗିବା ସହ ପଞ୍ଚାୟତ ସ୍ତରରେ ଉକ୍ତ ପ୍ରକଳ୍ପ ର କାର୍ଯ୍ୟକାରିତା ବିଷୟରେ ଆଲୋଚନା କରି ଫେରିଥିଲେ ।

## ସାନ ଯା ଆକ୍ରମଣ ରେ ବଡ଼ ଯା ଗୁରୁତର

କାକଟପୁର(ମହାଭାରତ) :କାକଟପୁର ଥାନା ଅଧିନସ୍ଥ ଗୋରୋଡ଼ିତୋଟା ଗ୍ରାମରେ ଗତକାଲି ରାତିରେ ଘଟିଯାଇଛି ଏକ ଅଭାବନୀୟ ଘଟଣା। ଉକ୍ତ ଗ୍ରାମର ବାସନ୍ତୀ ପ୍ରଧାନ ବିଜେପିକୁ ଭୋଟ ଦେବାରୁ ତାଙ୍କ ସାନ ଯାଆ ଆରତୀ ପ୍ରଧାନ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି । ଏପରିକି ଦୀର୍ଘ ଏକ ବର୍ଷ ହେବ ସାନ ଯାଆର ଆକ୍ରୋଶର ଶିକାର ହେଉଛନ୍ତି ବଡ଼ ଯାଆ ବାସନ୍ତୀ । ବାରମ୍ବାର ବାସନ୍ତୀ ଥାନାକୁ ଦୌଡ଼ି ନ୍ୟାୟ ମାଗିଲେ ମଧ୍ୟ ତାଙ୍କୁ ନ୍ୟାୟ ମିଳୁନାହିଁ ବୋଲି ଅଭିଯୋଗ କରିଛନ୍ତି ନିଃସହାୟ ବାସନ୍ତୀ । ଏଠାରେ ସୂଚନା ଥାଉକି ବାସନ୍ତୀ ଜଣେ ନିର୍ମାଣ ଶ୍ରମିକ ଭାବେ କାମ କରନ୍ତି। ଗତକାଲି ବିଳମ୍ବିତ ରାତ୍ରରେ ସେ କାମରୁ ଫେରି ଘରେ ପହଞ୍ଚିଲା ବେଳକୁ ଘର ଦୁଆରମୁହଁରେ ଗୋଡ ଧୋଇବାବେଳେ ତାଙ୍କ ସାନ ଯାଆ ଆରତୀ ପ୍ରଧାନ ପୂର୍ବ ଶତ୍ରୁତାରୁ ଆକ୍ରୋଶ ରଖି ମରଣାନ୍ତକ ଆକ୍ରମଣ କରିଥିଲେ। ଯେଉଁଥିରେ ବାସନ୍ତୀଙ୍କ ହାତ, ମୁହଁ, ବେକ, ଗୋଡ ସମେତ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇ ରକ୍ତ ଝରୁଥିବା ଦେଖିବାକୁ ମିଳିଛି। ସେ ତତକ୍ଷଣାତ ଡାକ୍ତରୀ ଚିକିତ୍ସା ହେବାପରେ ନ୍ୟାୟ ପାଇଁ କାକଟପୁରବ ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଅଦ୍ୟାବଧି ପୋଲିସ ଅଭିଯୁକ୍ତକୁ ଥାନାକୁ ଆଣିବାରେ ସକ୍ଷମ ହୋଇନାହିଁ । ଗତ ଏକ ବର୍ଷ ହେ ବିଜେପିକୁ ଭୋଟ ଦେବାରୁ ବାରମ୍ବାର ଏଭଳି ଦଶା ଭୋଗୁଛନ୍ତି ବୋଲି ବାସନ୍ତୀ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଏ ସଂକ୍ରାନ୍ତରେ କାକଟପୁର ଥାନା ଅଧିକାରୀ ଉମେଶ ଚନ୍ଦ୍ର ସାହୁଙ୍କୁ ପଚାରିବାରେ ଅଭିଯୁକ୍ତ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ସୁନା ଇଟା ନାଁରେ ଲୁଟ ମାମଲା: ୪ ଅଭିଯୁକ୍ତ ନିର୍ଦୋଷରେ ଖଲାସ

ନବରଙ୍ଗପୁର: ଗତ ୨୦୨୨ ମସିହା ସେପ୍ଟମ୍ବର ୭ ତାରିଖ ଦିନ ନବରଙ୍ଗପୁର ଥାନା ଅଂଚଳରେ ବ୍ରହ୍ମପୁରର ସାଗର ଗେଡଙ୍କୁ ୪ ଜଣ ଅଭିଯୁକ୍ତ ମିଥୁନ ସାହୁ, ବଂଶୀଧର ପରିଡା, ଟୁନୁ ଟାକ୍ରୀ, ଯତୀନ୍ଦ୍ର ଖରା ସୁନା ଇଟା ଦେବା ନାଁରେ ସୁନା ଇଟା ଭଳି ଦିଶୁଥିବା ନକଲି ଇଟାକୁ ଦେଖାଇ ୧୦ ଲକ୍ଷ ଲୁଟ କରିଥିବା ପୁଲିସ ନିକଟରେ ଅଭିଯୋଗ ହୋଇଥିଲା। ନବରଙ୍ଗପୁର ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୀମା ତ୍ରିପାଠୀ ଆଜି ଏହି ମାମଲାର ଶୁଣାଣି କରି ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ୪ ଜଣ ଅଭିଯୁକ୍ତଙ୍କୁ ନିର୍ଦୋଷରେ ଖଲାସ କରିଛନ୍ତି।ମିଳିଥିବା ସୂଚନା ଅନୁଯାୟୀ, ଗତ ୨୦୨୨ ମସିହା ସେପ୍ଟମ୍ବର ୭ ତାରିଖ ଦିନ ବ୍ରହ୍ମପୁରର ସାଗର ଗୌଡ଼ଙ୍କୁ ଅଭିଯୁକ୍ତ ମିଥୁନ ସାହୁ, ବଂଶୀଧର ପରିଡା, ଟୁନୁ ଟାକ୍ରୀ, ଯତୀନ୍ଦ୍ର ଖରା ସୁନା ଇଟା ଦେବା ନାଁରେ ଡାକିଥିଲେ। ସେ ଆସିବା ପରେ ସହରର ଏକ ନିର୍ଜନସ୍ଥାନରେ ସୁନା ଇଟା ଭଳି ଦିଶୁ ଥିବା ନକଲି ଇଟାକୁ ଦେଖାଇ ୧୦ ଲକ୍ଷ ଟଙ୍କା ଲୁଟ କରିଥିଲେ ବୋଲି ସାଗର ନବରଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ।

## ରାଜ୍ୟସ୍ତରୀୟ କବିତା ଆବୃତ୍ତି ପ୍ରତିଯୋଗୀତାରେ ଗଜପତି ଜିଲ୍ଲା ପୁରସ୍କୃତ




ଗଜପତି(ମହାଭାରତ): ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ କବିତା ଆବୃତ୍ତି ପ୍ରତିଯୋଗୀତାରେ ଗଜପତି ଜିଲ୍ଲା ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲ୍ଲାକୁ ଗୌରବନ୍ୱିତ କରିଛନ୍ତି ସ୍ଥାନୀୟ ଗାନ୍ଧୀ ସ୍ମୃତି ପ୍ରାଥମିକ ବିଦ୍ୟାଳୟ,ପାରଳାଖେମୁଣ୍ଡି ର ସପ୍ତମ ଶ୍ରେଣୀର ଛାତ୍ରୀ ସୁଶ୍ରୀ ଯସ୍ମିନ ବରାଡ ରାଜ୍ୟ ସ୍ତରୀୟ ଓଡ଼ିଶା ସାହିତ୍ୟ ଏକାଡ଼େମୀ ର ୬୮ତମ ସ୍ୱର୍ଣ୍ଣ କ୍ଷେତ୍ର ଦିବସ (ଜୁଲାଇ ୨୫) ପାଳନ ନିମନ୍ତେ ଯେଉଁ ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା ସେଥିରେ ଆମ ଜିଲ୍ଲା କୁ ପ୍ରତିନିଧି କରିବା ସହ ସେଥିରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଆମ ଜିଲ୍ଲା କୁ ଗୌରବନ୍ୱିତ କରିଛନ୍ତି ଓ ଅନ୍ୟ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଛନ୍ତି । ଏହି କାର୍ଯ୍ୟକ୍ରମ ଆଜି ଭୁବନେଶ୍ୱର ସ୍ଥିତ ରବୀନ୍ଦ୍ର ମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା ।

## ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ, ୪ ଗିରଫ

ନୀଳଗିରି: ବାଲେଶ୍ୱର ନୀଳଗିରି ଜିଲ୍ଲା ଅଞ୍ଚଳରେ ପୁଣି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବ୍ରହ୍ମପୁର ଥାନା ଛତ୍ରପୁର ଅଞ୍ଚଳରେ ଜଣେ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ ହୋଇଛି। ଯୁବତୀଙ୍କୁ ସରୁଚମ୍ପା ଗାଁର ଶଙ୍କରା ହେମ୍ବ୍ରମ, ବାସୁ ହେମ୍ବ୍ରମ, ଠୁଲୁକାଏ ମୁର୍ମୁ ଓ ସାମ୍ନାକିସ୍କୁ ନାମକ ୪ଜଣ ଯୁବକ ଅସଦାଚରଣ କରିଥିଲେ। ଯୁବତୀଙ୍କ ପାଟିଶୁଣି ସ୍ଥାନୀୟ ଲୋକେ ସେଠାକୁ ଦୌଡ଼ି ଆସିବାରୁ ଅଭିଯୁକ୍ତମାନେ ଚମ୍ପଟ ମାରିଥିଲେ। ରିପୋର୍ଟ ପାଇବା ପରେ ଜିଲ୍ଲା ବ୍ରହ୍ମପୁର ଆଇଆଇସି ପ୍ରେମଦା ନାୟକ ଏନେଇ ଥାନାରେ ଏକ ମାମଲା ରୁଜୁ କରି ଆଜି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରିଛନ୍ତି ।

## ସୁକମା ଜିଲ୍ଲାରୁ ୪ ନକ୍ସଲ ଗିରଫ, ଟିଫିନ ବୋମା ଜବତ



ମାଲକାନଗିରି: ମାଲକାନଗିରି ସୀମାନ୍ତ ଛତିଶଗଡର ସୁକମା ଜିଲ୍ଲାର ଜଗରଗୁଣ୍ଡା ଅଂଚଳରୁ ୪ ଜଣ ନକ୍ସଲଙ୍କୁ ଗିରଫ କରିଛି ପୁଲିସ। ଜଗରଗୁଣ୍ଡା ଏରିଆ କମିଟିରେ ଗିରଫ ହୋଇଥିବା ଏହି ଚାରି ଜଣ ନକ୍ସଲ ବେଶ୍ ସକ୍ରିୟ ଥିଲେ। ବେଦରେଠାରେ ରହିଥିବା ପୁଲିସ କ୍ୟାମ୍ପର ଯବାନଙ୍କୁ ଟାର୍ଗେଟ କରିବା ପାଇଁ ଏହି ନକ୍ସଲମାନେ ବୋମା ଖଞ୍ଜିବାକୁ ଆସିଥିଲେ। ଏମାନଙ୍କୁ ସେଇଠାରେ ଗିରଫ କରିବା ସହ ପୁଲିସ ଏକ ଟିଫିନ ବୋମାକୁ ଜବତ ମଧ୍ୟ କରିଛି। ଜଗରଗୁଣ୍ଡା ଜଂଗଲରେ ୧୬୫ ସିଆରପିଏଫ ବାଟାଲିନୟର ଯବାନ ସର୍ଚ୍ଚ ଅପରେସନ କରୁଥିବା ବେଳେ ଏମାନଙ୍କୁ ଗିରଫ କରାଯାଇଥିଲା। ଏମାନେ ପୁଲିସ ନିକଟରେ ନକ୍ସଲ ସହ ଜଡିତ ଥିବା ସ୍ୱୀକାର କରିଥିଲେ। ବହୁ ହିଂସାରେ ଏମାନେ ଜଡିତ ଥିବା ପୁଲିସ କହିଛି। ଗିରଫ ପରେ ପୁଲିସ ପଚରାଉଚରା କରିଛି। ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପୁଲିସ ହାତରେ ଲାଗିଥିବା କୁହାଯାଇଛି।

## ବାଂଲାଦେଶରେ ଡ୍ରେସକୋଡ୍ ଉପରେ ବ୍ୟାନ୍ ନିଷ୍ପତ୍ତି




ବାଂଲାଦେଶ : ବାଂଲାଦେଶରେ ତାଲିବାନ ଯୁଗ । ମହିଳାଙ୍କ ପୋଷାକ ଉପରେ ବ୍ୟାନ । ସର୍ଟସ, ସ୍ଲିଭଲେସ ଏବଂ ଲେଗିଙ୍ଗସ ପିନ୍ଧିପାରିବେନି ମହିଳା । କେବଳ ଶାଢୀ, ସାଲୱାର କମିଜ ଏବଂ ଅନ୍ୟ ଶାଳୀନ ତଥା ଏଥନିକ ପୋଷାକ ପିନ୍ଧି ଅଫିସ ଆସିବେ ମହିଳା । ସେହିପରି ପୁରୁଷଙ୍କ ପୋଷାକ ଉପରେ ମଧ୍ୟ ନିୟମାବଳୀ ଲାଗୁ କରାଯାଇଥିଲା । ବାଂଲାଦେଶ କେନ୍ଦ୍ରୀୟ ବ୍ୟାଙ୍କର ଏପରି ନିର୍ଦ୍ଦେଶ ଝଡ ସୃଷ୍ଟି କରିଛି । ବିବାଦ ପରେ ବାଂଲାଦେଶ ବ୍ୟାଙ୍କ ବର୍ତ୍ତମାନ ଏହି ନିର୍ଦ୍ଦେଶକୁ ପ୍ରତ୍ୟାହାର କରିଛି । ସଚନାନୁଯାୟୀ, ନିର୍ଦ୍ଦେଶ ପ୍ରତ୍ୟାହାର ପୂର୍ବରୁ ପୁରୁଷମାନଙ୍କୁ ଜିନ୍ସ ଏବଂ ଫ୍ୟାନ୍ସି ପୋଷାକ ବଦଳରେ ଲମ୍ବା କିମ୍ବା ଅଧା ହାତ ଫର୍ମାଲ୍ ସାର୍ଟ, ଫର୍ମାଲ୍ ପ୍ୟାଣ୍ଟ ଏବଂ ଜୋତା ପିନ୍ଧିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ମହିଳାମାନଙ୍କ ପାଇଁ ହେଡସ୍କାର୍ଫ, ହିଜାବ ଏବଂ ଆନୁଷ୍ଠାନିକ ସାଣ୍ଡେଲ କିମ୍ବା ଜୋତା ପିନ୍ଧିବାକୁ ମଧ୍ୟ ପରାମର୍ଶ ଦିଆଯାଇଥିଲା । ଉଭୟ ବର୍ଗର ଲୋକ ନିର୍ଦ୍ଦେଶ ପାଳନ ନ କଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶ ଲାଗୁ କରି କୁହାଯାଇଥିଲା । ଏହା ବ୍ୟତୀତ, ଡ୍ରେସ୍ କୋଡ୍ ନିର୍ଦ୍ଦେଶାବଳୀ ପାଳନ ଉପରେ ନଜର ରଖିବା ପାଇଁ ସମସ୍ତ ବିଭାଗରେ ଜଣେ ଅଧିକାରୀଙ୍କୁ ନିଯୁକ୍ତି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ମହିଳାଙ୍କ ପୋଷାକ ଉପରେ କଟକଣା ସମଗ୍ର ଦେଶରେ କ୍ରୋଧର କାରଣ ହୋଇଥିଲା । ଏଭଳି ନିଷ୍ପତ୍ତିକୁ ଏକଛତ୍ରବାଦ ବୋଲି କହି ସମାଲୋଚନା କରିଥିଲେ ଦେଶବାସୀ । ଯାହାକୁ ନେଇ କିଛି ଲୋକ ଟ୍ୱିଟ୍ କରି ସେମାନଙ୍କ ପ୍ରତିକ୍ରିୟା ରଖିଥିଲେ । ଯାହା ପରେ ହଙ୍ଗାମା ଆରମ୍ଭ ହୋଇଯାଇଥିଲା । ପରେ ନିର୍ଦ୍ଦେଶକୁ ପ୍ରତ୍ୟାହାର କରାଯାଇଥିଲା ।

## ପୁଣି ଜରୁରୀକାଳୀନ ଅବତରଣ କଲା ଏୟାର ଇଣ୍ଡିଆ ବିମାନ, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ




ଜୟପୁର : ପୁଣି ଜରୁରୀକାଳୀନ ଅବତରଣ କଲା ଏୟାର ଇଣ୍ଡିଆ ବିମାନ । ଜୟପୁରରୁ ମୁମ୍ବାଇ ଅଭିମୁଖେ ବିମାନ ଉଡ଼ାଣ ଆରମ୍ଭ କରିଥିଲା । ଉଡ଼ାଣର ୧୮ ମିନିଟ୍ ପରେ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖିବାକୁ ମିଳିଥିଲା । ଫଳରେ ବିମାନକୁ ପୁଣି ରନୱେରେ ଜରୁରୀ ଅବତରଣ କରିବାକୁ ପଡିଥିଲା ।
ସୂଚନାନୁଯାୟୀ, ଏୟାର ଇଣ୍ଡିଆ ବିମାନ ଇଓ-୬୧୨ ଅପରାହ୍ଣ ପ୍ରାୟ ୧.୫୮ ରେ ଜୟପୁର ବିମାନବନ୍ଦରରୁ ମୁମ୍ବାଇ ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲା । ପ୍ରାୟ ୧.୩୫ ମିନିଟ୍ ସମୟରେ ଉଡ଼ାଣ ଆରମ୍ଭ କରିଥିଲା । କିନ୍ତୁ ବିମାନରେ ଏକ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା । ଯାହା ପରେ ପାଇଲଟ ସମସ୍ତ ଯାତ୍ରୀବାହୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଫେରିବାକୁ ନିଷ୍ପତ୍ତି ନେଇଥିଲେ । ପାଇଲଟ୍ ତ୍ରୁଟି ବିଷୟରେ ଜାଣିବା ମାତ୍ରେ ତୁରନ୍ତ ବିମାନକୁ ଫେରାଇ ଆଣିବାକୁ ନିଷ୍ପତ୍ତି ନେଇଥିଲେ । ପାଇଲଟ୍ ଜୟପୁର ଇଞ୍ଜଓ ରୁ ଜରୁରୀକାଳୀନ ଅବତରଣ ପାଇଁ ଅନୁମତି ମାଗିଥିଲେ । ବିମାନଟି ପ୍ରାୟ ୧୮ ମିନିଟ୍ ପର୍ଯ୍ୟନ୍ତ ଆକାଶରେ ରହିବା ପରେ ଅପରାହ୍ଣ ୨.୧୬ ମିନିଟ୍ ସମୟରେ ଜୟପୁର ବିମାନ ବନ୍ଦରରେ ସୁରକ୍ଷିତ ଭାବରେ ଅବତରଣ କରିଥିଲା । ବିମାନରେ ଥଇବା ସମସ୍ତ ଯାତ୍ରୀ ଏବଂ କ୍ରୁ ସଦସ୍ୟ ସୁରକ୍ଷିତ ରହିଥିବା ଜଣାପଡିଛି । ବର୍ତ୍ତମାନ ବିମାନର ଯାନ୍ତ୍ରିକ ତ୍ରୁଟିର ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି । ସୂଚନାଯୋଗ୍ୟ, ନିକଟରେ ଏୟାର ଇଣ୍ଡିଆ ଏବଂ ଏହାର ସହାୟକ ଏୟାର ଇଣ୍ଡିଆ ଏକ୍ସପ୍ରେସର ଅନେକ ବିମାନ ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହୋଇଥିଲେ । ବୁଧବାର ଦିନ ଦିଲ୍ଲୀ ବିମାନବନ୍ଦରରୁ ମୁମ୍ବାଇ ଅଭିମୁଖେ ଏକ ବିମାନ ଉଡ଼ାଣ ପୂର୍ବରୁ ଏକ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଉଡ଼ାଣ ବାତିଲ କରାଯାଇଥିଲା । ସେହି ବିମାନରେ ୧୬୦ ଜଣ ଯାତ୍ରୀ ଥିଲେ ।

# ଆଉ ଏକ ମାଇଲଖୁଣ୍ଟ ହାସଲ କଲେ ପ୍ରଧାନମନ୍ତ୍ରୀ ମୋଦି



ନୂଆଦିଲ୍ଲୀ : ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜନୀତିରେ ଆଉ ଏକ ମାଇଲଖୁଣ୍ଟ ହାସଲ କରିଛନ୍ତି । ସେ ଏବେ ଭାରତର ଦ୍ୱିତୀୟ ଦୀର୍ଘକାଳୀନ ପ୍ରଧାନମନ୍ତ୍ରୀ ଭାବେ (ଗୋଟିଏ ଥରରେ ବା କ୍ରମାଗତ ଭାବେ) କାର୍ଯ୍ୟ କରିବାର ରେକର୍ଡ ନିଜ ନାଁରେ କରି ନେଇଛନ୍ତି । ପୂର୍ବରୁ ଏହି ରେକର୍ଡ ଦିବଂଗତ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କ ନାଁରେ ରହିଥିଲା । ୨୦୨୫ ମସିହା ଜୁଲାଇ ୨୫ରେ ପ୍ରଧାନମନ୍ତ୍ରୀ ଭାବେ ମୋଦି ତାଙ୍କ ଅଫିସରେ ୪୦୭୮ ଦିନ ପୂରଣ କରିଛନ୍ତି । ଇନ୍ଦିରା ଗାନ୍ଧି ୪୦୭୭ ଦିନ କ୍ରମାଗତ ପ୍ରଧାନମନ୍ତ୍ରୀ ଭାବେ ୧୯୬୬ରୁ ୧୯୭୭ ମଧ୍ୟରେ କାର୍ଯ୍ୟ କରିଥିଲେ ।

ଏବେ ମୋଦି ଏହାକୁ ଅତିକ୍ରମ କରି ଯାଇଛନ୍ତି । ଏହା ପ୍ରଧାନମନ୍ତ୍ରୀ ମୋଦିଙ୍କ ରାଜନୀତିକ ଯାତ୍ରାରେ ଐତିହାସିକ ସଫଳତା ଭାବେ ଯୋଡ଼ି ହୋଇ ସବୁ ଦିନ ପାଇଁ ରହିବ । ୨୦୦୧ରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ ଆରମ୍ଭ କରିଥିବା ମୋଦି ଏବେ ଦେଶର ନେତୃତ୍ୱ ନେଉଛନ୍ତି । ସେ ଉଭୟ ରାଜ୍ୟ ଓ ଜାତୀୟ ସ୍ତରରେ ଦୀର୍ଘ ୨୪ ବର୍ଷ ହେଲାଣି ନେତୃତ୍ୱ ନେବାର ଗୋଟିଏ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି । ତାଙ୍କ ପୂର୍ବରୁ କୌଣସି ପ୍ରଧାନମନ୍ତ୍ରୀ ଏପରି କୀର୍ତ୍ତିମାନ ହାସଲ କରି ନଥିଲେ ।

ନରେନ୍ଦ୍ର ମୋଦି ଭାରତ ପ୍ରଥମ ରାଜନେତା ଯିଏ ୧୯୪୭ ମସିହା ଭାରତ ସ୍ୱାଧୀନତା ପରେ ଜନ୍ମ ହୋଇ ପ୍ରଧାନମନ୍ତ୍ରୀ ହୋଇ ପାରିଛନ୍ତି । ଅଣ ହିନ୍ଦୀ ଭାଷା ରାଜ୍ୟରୁ ଆସି ଦୀର୍ଘକାଳୀନ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିବାର ରେକର୍ଡର ଅଧିକାରୀ ମଧ୍ୟ ମୋଦି ହୋଇଛନ୍ତି । ସେ ଭାରତର ପ୍ରଥମ ଅଣ କଂଗ୍ରେସ ପ୍ରଧାନମନ୍ତ୍ରୀ ଯିଏ ୪୦୭୮ ଦିନ ଏହି ପଦରେ ରହିଛନ୍ତି ଓ ପ୍ରଥମ ଅଣ କଂଗ୍ରେସ ପ୍ରଧାନମନ୍ତ୍ରୀ ଭାବେ ଅତି କମରେ ଦୁଇଟି କାର୍ଯ୍ୟକାଳ ପୂରଣ କରିଛନ୍ତି । ଲୋକସଭା ନିର୍ବାଚନରେ ସଂପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ହାସଲ କରିବାରେ ମୋଦି ପ୍ରଥମ ଅଣ କଂଗ୍ରେସ ପ୍ରଧାନମନ୍ତ୍ରୀ । ଇନ୍ଦିରା ଗାନ୍ଧିଙ୍କ ପରେ ସେ ଦ୍ୱିତୀୟ ରାଜନେତା ଯିଏ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ସହ ଦ୍ୱିତୀୟ ଥର କ୍ଷମତା ଦଖଲ କରିଛନ୍ତି । ତାଙ୍କ ରାଜନୀତି ଟ୍ରାକ ରେକର୍ଡ ମଧ୍ୟ ବେଶ ଭଲ । ତାଙ୍କ ନେତୃତ୍ୱରେ ବିଜେପି କ୍ରମାଗତ ୩ ଥର ଲୋକସଭା ନିର୍ବାଚନ ଜିତିଛି । ପୂର୍ବରୁ ଏପରି ସଫଳତା କେବଳ ପଣ୍ଡିତ ଜବାହର ଲାଲ ନେହରୁ ହାସଲ କରିଥିଲେ । ଯଦି ମୋଦିଙ୍କ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟକାଳକୁ ହିସାବକୁ ନିଆଯିବ, ତା'ହେଲେ ସେ କ୍ରମାଗତ ୬ଟି ନିର୍ବାଚନ ଜିତିବାକୁ ସକ୍ଷମ ହୋଇଛନ୍ତି । ଗୁଜରାଟରେ ୩ଥର ଓ ଜାତୀୟ ସ୍ତରରେ ତାଙ୍କ ଦଳ ୩ ଥର ଲେଖାଏ ନିର୍ବାଚନ ଜିତିଛି । ୨୦୧୪ରୁ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ମୋଦି ଭାରତର ଦ୍ୱିତୀୟ ଦୀର୍ଘକାଳୀନ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିବାର ରେକର୍ଡ ଆଜି ନିଜ ନାଁରେ କରିଥିବା ବେଳେ ତାଙ୍କ ଉପରେ ପଣ୍ଡିତ ଜବାହରଲାଲ ନେହରୁ ରହିଛନ୍ତି । ପଣ୍ଡିତ ନେହରୁ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ । ସେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରୁ ୧୯୬୪ ମସିହା ମେ' ୨୭ ଯାଏ ଦେଶର ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ଅର୍ଥାତ ସେ ୬୧୩୧ ଦିନ ପ୍ରଧାନମନ୍ତ୍ରୀ ପଦରେ ରହିଥିଲେ । ନିଜସ୍ୱ ତୃତୀୟ କାର୍ଯ୍ୟକାଳ ପୂରଣ କରିବାର କିଛି ଦିନ ଆଗରୁ ନେହରୁଙ୍କ ଦେହାନ୍ତ ହୋଇଥିଲା । ଦେଶରେ ପ୍ରଥମ ସାଧାରଣ ନିର୍ବାଚନ ୧୯୫୧-୫୨ରେ ହୋଇଥିଲା । ନେହରୁଙ୍କ କଂଗ୍ରେସ ଏହାକୁ ଜିତିଥିଲା । ଏହାପରେ ୧୯୫୭ ଓ ୧୯୬୨ରେ କଂଗ୍ରେସ ପୁଣି ବିଜୟୀ ହେବାରୁ ନେହରୁ ପ୍ରଧାନମନ୍ତ୍ରୀ ହୋଇଥିଲେ ।

## ବିହାର ଭୋଟର ତାଲିକା ସଂଶୋଧନକୁ ନେଇ ବିରୋଧୀଙ୍କ ହଙ୍ଗାମା



ବିହାର : ବିହାର ଭୋଟର ତାଲିକା ସଂଶୋଧନକୁ ନେଇ ବିରୋଧୀଙ୍କ ହଙ୍ଗାମା । ସଂସଦ ପରିସରରେ ଥିବା ମହାତ୍ମା ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ପ୍ରତିବାଦ ଏବଂ ନାରାବାଜି । ସ୍ପେସାଲ ଇଣ୍ଟେନସିଭ ରିଭିଜନ୍ ବା ଝଓଜ ପ୍ରସଙ୍ଗକୁ ପ୍ରତିବାଦ କରିବା ସହ ସ୍ଲୋଗାନ ଦେଉଛନ୍ତି ଇଣ୍ଡିଆ ବ୍ଲକ ସାଂସଦ । ସଂସଦର ମୌସୁମୀ ଅଧିବେଶନର ପଞ୍ଚମ ଦିନରେ ହଟ୍ଟଗୋଳ ଯୋଗୁଁ ଗୃହର କାର୍ଯ୍ୟ ସୁରୁଖୁରୁରେ ଚାଲିପାରିଲା ନାହିଁ । ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ଗୃହର କାର୍ଯ୍ୟ ସୋମବାର ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି । ଏହା ସହ 'ଝଓଜ' ଲେଖାଥିବା ପୋଷ୍ଟର ଚିରିବା ସହ ଡଷ୍ଟବିନ ପକାଇଥିଲେ । ପ୍ରତିବାଦରେ ସାମିଲ ହୋଇଛନ୍ତି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀଙ୍କ ସମେତ ବିରୋଧୀ ସାଂସଦ । ବିହାର ଭୋଟର ତାଲିକା ସଂଶୋଧନ ମାମଲାରେ ଚାଲି ପାରୁନି ସଂସଦ । ଅପରେସନ ସିନ୍ଦୂର ଓ ସ୍ପେସାଲ ଇଣ୍ଟେନସିଭ ରିଭିଜନ୍ ବା ଝଓଜ ପ୍ରସଙ୍ଗରେ ଗୃହରେ ସ୍ୱତନ୍ତ୍ର ଆଲୋଚନା ପାଇଁ ଅଡ଼ି ବସିଛନ୍ତି ବିରୋଧୀ । ପ୍ରତିବାଦ ସମୟରେ କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧୀ ଭାଡ୍ରା 'ଗଣତନ୍ତ୍ର ବିପଦରେ' ଲେଖାଥିବା ପୋଷ୍ଟର ହଲାଇ ସରକାରଙ୍କୁ ଟାର୍ଗେଟ କରିଥିଲେ । ସଂସଦର ମୌସୁମୀ ଅଧିବେଶନ ୨୧ ଜୁଲାଇରେ ଆରମ୍ଭ ହୋଇଥିଲା, କିନ୍ତୁ ଗତ ୪ ଦିନ ହଙ୍ଗାମା ପାଇଁ ହଜିଯାଇଛି । ବିରୋଧୀ କେବଳ ବିହାର ଭୋଟର ତାଲିକା ପ୍ରସଙ୍ଗରେ ଆଲୋଚନା ଚାହୁଁନାହାଁନ୍ତି, ବରଂ ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ ସିନ୍ଦୁର ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ଉତ୍ତର ମଧ୍ୟ ମାଗୁଛନ୍ତି ।

## ମଣିପୁରରେ ରାଷ୍ଟ୍ରପତି ଶାସନ ୬ ମାସ ବୃଦ୍ଧି

ନୂଆଦିଲ୍ଲୀ : ଗୃହମନ୍ତ୍ରୀ ଅମିତ ଶାହଙ୍କ ପ୍ରସ୍ତାବ ଅନୁସାରେ ରାଜ୍ୟସଭାରୁ ମଣିପୁରରେ ରାଷ୍ଟ୍ରପତି ଶାସନକୁ ୬ମାସ ପାଇଁ ବଢାଇ ଦିଆଯାଇଛି । ଏହି ଶାସନ ଅଗଷ୍ଟ ୧୩, ୨୦୨୫ ରୁ କାର୍ଯ୍ୟକାରୀ ହେବ । ମୁଖ୍ୟମନ୍ତ୍ରୀ ଏନ ବୀରେନ ସିଂହଙ୍କ ଇସ୍ତଫା ଏବଂ ରାଜନୈତିକ ଅସ୍ଥିରତା ଯୋଗୁଁ ମଣିପୁରରେ ଏହି ପଦକ୍ଷେପ ନିଆଯାଇଛି । ଧାରା ୩୫୬ ଅନୁଯାୟୀ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି ଶାସନକୁ ବୃଦ୍ଧି କରାଯାଇଛି । ମଣିପୁରରେ ଚାଲିଥିବା ରାଜନୈତିକ ଅସ୍ଥିରତା ଯୋଗୁଁ କେନ୍ଦ୍ର ସରକାର ରାଜ୍ୟରେ ରାଷ୍ଟ୍ରପତି ଶାସନର ଅବଧିକୁ ୬ମାସ ପାଇଁ ବୃଦ୍ଧି କରିଛନ୍ତି । ଏହା ୧୩ ଅଗଷ୍ଟ, ୨୦୨୫ ରୁ କାର୍ଯ୍ୟକାରୀ ହେବ । ଏ ସମ୍ପର୍କରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଦ୍ୱାରା ଉପସ୍ଥାପିତ ସାମ୍ବିଧାନିକ ପ୍ରସ୍ତାବ ରାଜ୍ୟସଭାରେ ଗୃହୀତ ହୋଇଛି । ଏହି ସଦନ ୧୩ ଫେବୃଆରୀ ୨୦୨୫ରେ ମଣିପୁର ରାଜ୍ୟ ସମ୍ପର୍କରେ ସମ୍ବିଧାନର ଧାରା ୩୫୬ ଅନୁଯାୟୀ ରାଷ୍ଟ୍ରପତିଙ୍କ ଦ୍ୱାରା ଜାରି କରାଯାଇଥିବା ଘୋଷଣାକୁ ୧୩ ଅଗଷ୍ଟ ୨୦୨୫ ରୁ ଛଅ ମାସ ପାଇଁ ଜାରି ରଖିବାକୁ ଅନୁମୋଦନ କରେ ଯାହା ରାଜ୍ୟସଭାରେ ଉପସ୍ଥାପିତ ପ୍ରସ୍ତାବରେ



କୁହାଯାଇଛି । ଏହି ପ୍ରସ୍ତାବର ଅନୁମୋଦନ ସହିତ, ମଣିପୁରରେ ରାଷ୍ଟ୍ରପତି ଶାସନର ଦ୍ୱିତୀୟ ଅବଧି ଆନୁଷ୍ଠାନିକ ଭାବରେ ଆରମ୍ଭ ହେବ । ଭାରତୀୟ ସମ୍ବିଧାନର ଧାରା ୩୫୬ (୩)ଅନୁସାରେ ୬ ମାସ ଅବଧିରେ ସର୍ବାଧିକ ୩ ବର୍ଷ ପାଇଁ ରାଷ୍ଟ୍ରପତି ଶାସନ ବୃଦ୍ଧି କରାଯାଇପାରିବ । ପ୍ରତି ୬ ମାସରେ ସଂସଦର ଅନୁମୋଦନ ଆବଶ୍ୟକ । ଏହା ମଣିପୁରରେ ପ୍ରଥମ ଥର ପାଇଁ ବୃଦ୍ଧି ହୋଇଛି । ସୂଚନାଯୋଗ୍ୟ : ମଣିପୁରରେ ୧୩ ଫେବୃଆରୀ ୨୦୨୫ରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିଲ । ଯେତେବେଳେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏନ ବୀରେନ ସିଂହ ୯ ଫେବୃଆରୀରେ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ । କୌଣସି ବିକଳ୍ପ ସରକାର ଗଠନ ହୋଇପାରିଲା ନାହିଁ ଫଳରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ କରିବାକୁ ପଡିଲା ।

## ଫିଲିପାଇନ୍ସରେ ତାଣ୍ଡବ ରଚିଲା ଝଡ଼, ୨୫ ମୃତ

ନୂଆଦିଲ୍ଲୀ : ଝଡ଼-ବର୍ଷା, ଭୂସ୍ଖଳନ ଏବଂ ବନ୍ୟା ଯୋଗୁଁ ଫିଲିପାଇନ୍ସରେ ଭୟଙ୍କର କ୍ଷୟକ୍ଷତି ଘଟିଛି । ଏଥିରେ ୨୫ ଜଣଙ୍କର ମୃତ୍ୟୁ ହୋଇଛି । ବନ୍ୟା ଏବଂ ଭୂସ୍ଖଳନରେ ପ୍ରଭାବିତ ହୋଇଥିବା ଗାଁରେ ଫସି ରହିଥିବା ବହୁ ସଂଖ୍ୟକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଉଛି । ଉତ୍ତର ପାର୍ବତ୍ୟ ଅଞ୍ଚଳରେ ହୋଇଥିବା ଝଡ଼ ଯୋଗୁଁ ପାଗ ମଧ୍ୟ ଆହୁରି ବିଗିଡିବାରେ ଲାଗିଛି । ସୂଚନାନୁଯାୟୀ, ପ୍ରବଳ ଝଡ଼-ବର୍ଷା ଏବଂ ବନ୍ୟା ଯୋଗୁଁ ଫିଲିପାଇନ୍ସରେ ଭୂସ୍ଖଳନ ହୋଇଥିଲା । ଫଳରେ ସ୍ଥାନୀୟ ଅଞ୍ଚଳରେ ଅନେକ କ୍ଷୟକ୍ଷତି ଘଟିଥିଲା । ଏଭଳି ପାଗ କାରଣରୁ ଅନେକ ଗଛ ଉପୁଡିବା, ଭୂସ୍ଖଳନ ଭଳି ପରିସ୍ଥିତି ଏବଂ ବିଦ୍ୟୁତ୍ ଘାତରେ ୨୫ଜଣଙ୍କର ପ୍ରାଣ ଚାଲିଯାଇଥିବାବେଳେ ୮ଜଣ ନିଖୋଜ ରହିଥିବା ଜଣାପଡିଛି । କିନ୍ତୁ 'କୋ-ମେ'ରୁ କୌଣସି ମୃତାହତ ହୋଇଥିବାର ସୂଚନା ଏପର୍ଯ୍ୟନ୍ତ ମିଳି ନାହିଁ ।

## ଶ୍ୱଶୁର ଘର ସମ୍ପତ୍ତି ଉପରେ ନାହିଁ ବୋହୂଙ୍କ ଅଧିକାର !

ମୁଜାଫରପୁର : ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ, ପାଟନା ହାଇକୋର୍ଟ ବୈବାହିକ ବିବାଦ ବା ଡିଭୋର୍ସ ସହିତ ଜଡିତ ଜିଲାର ଏକ ମାମଲାର ଶୁଣାଣି କରି ସ୍ପଷ୍ଟ କରିଛନ୍ତି ଯେ ବୈବାହିକ ବିବାଦ ପରେ, ସ୍ତ୍ରୀଙ୍କର ସ୍ୱାମୀଙ୍କ ସହଭାଗୀ ଘରେ ରହିବାର ଅଧିକାର ନାହିଁ । କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ସ୍ତ୍ରୀଙ୍କୁ ସ୍ୱାମୀ ଦ୍ୱାରା ପ୍ରଦାନ କରାଯାଇଥିବା ବିକଳ୍ପ ବାସସ୍ଥାନରେ ରହିବାକୁ ପଡିବ । ଏହି ମାମଲା ମୁଜାଫରପୁରର ଦିଘ୍ରା ଗାଁ ସହିତ ଜଡିତ, ଯେଉଁଠାରେ ଜଣେ ମହିଳା ତାଙ୍କ ଶାଶୁ ଏବଂ ଶ୍ୱଶୁରଙ୍କ ଘରେ ରହୁଥିଲେ । ଶାଶୁ ଏବଂ ଶ୍ୱଶୁର ଏହି ସମ୍ପର୍କରେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଏହି ମାମଲାରେ ଏକ ନିର୍ଦ୍ଦେଶ ଜାରି କରି କହିଛନ୍ତି ଯେ ଚାରି ସପ୍ତାହ ମଧ୍ୟରେ ବୋହୂଙ୍କୁ ସହଭାଗୀ ଘର ବା ଶ୍ୱଶୁର ଘର ଖାଲି କରିବାକୁ ପଡିବ ଏବଂ ତାଙ୍କୁ ସ୍ୱାମୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ବିକଳ୍ପ ଘରକୁ ଯିବାକୁ ପଡିବ । ମିଥାନପୁରା ଥାନାର ଜଗଦୀଶପୁରୀ ଲେନର ବାସିନ୍ଦା ନାନସି କଶ୍ୟପ ଡିସେମ୍ବର ୨୦୨୦ରେ ବିବାହ କରିଥିଲେ, କିନ୍ତୁ ବିବାହର କିଛି ଦିନ ପରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବିବାଦ ହୋଇଥିଲା ଏବଂ ସେମାନେ ଅଲଗା ରହିବା ଆରମ୍ଭ କରିଥିଲେ । ୨୦୨୨ରେ, ବୋହୂ ତାଙ୍କ ମାଆବାପାଙ୍କ ଘରକୁ ଯାଇଥିଲେ । କିନ୍ତୁ, ଫେବୃଆରୀ ୨୦୨୪ସାରେ, ସେ ହଠାତ ଏକ ପୋଲିସ ଫୋର୍ସ ଏବଂ ଅନ୍ୟମାନଙ୍କ ସହିତ ଦିଘ୍ରା ଗାଁରେ ତାଙ୍କ ସ୍ୱାମୀଙ୍କ ପୈତୃକ ଘରେ ପହଞ୍ଚିଥିଲେ, ଯାହା ପରେ ବିବାଦ ଆହୁରି ଗୁରୁତର ହୋଇଗଲା ।

## ଖାର୍ଗେଙ୍କ ବିବାଦୀୟ ମନ୍ତବ୍ୟ

ନୂଆଦିଲ୍ଲୀ : ସଂସଦର ମୌସୁମୀ ଅଧିବେଶନରେ ଏପର୍ଯ୍ୟନ୍ତ ବହୁତ ହଙ୍ଗାମା ହୋଇଛି । ଶୁକ୍ରବାର ମଧ୍ୟ ବିରୋଧୀ ଦଳ ସରକାରଙ୍କୁ ଘେରିବାକୁ ଚେଷ୍ଟା କରିଥିଲେ ।



କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଥିଲେ । ସେ କହିଛନ୍ତି, ସମ୍ବିଧାନରେ ୫୦ ପ୍ରତିଶତ ସଂରକ୍ଷଣ ସୀମା ରହିଛି । ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଲୋକଙ୍କ ପାଇଁ ୧୦ ପ୍ରତିଶତ ଯୋଡିଛନ୍ତି । ବର୍ତ୍ତମାନ ସମ୍ବିଧାନରେ ମୋଟ ସଂରକ୍ଷଣ ୬୦ ପ୍ରତିଶତ ହୋଇଯାଇଛି । ଏହି ସମୟ ମଧ୍ୟରେ ଖାର୍ଗେ ଏକ ବୟାନ ମଧ୍ୟ ଦେଇଥିଲେ, ଯାହା ବିବାଦ ସୃଷ୍ଟି କରିପାରେ । ଖାର୍ଗେ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋବି ମିଛ ସରଦାର । ଯଦି ଆମେ ଆଉ କିଛି ଆସନ ପାଇଥାନ୍ତୁ, ତେବେ ଆମେ କ୍ଷମତାରେ ଥାଆନ୍ତୁ ଏବଂ ଭାଜପା କ୍ଷମତାଚ୍ୟୁତ ହୋଇଥାଆନ୍ତା । ମୋଦି ଜୀ କୁହନ୍ତି ଯେ ମୋତେ ଭଗବାନ ଜନ୍ମ ଦେଇଛନ୍ତି । ବିବାହ ପରେ ପିଲା ହୁଏ, ଘରେ ଶୋଇବା ଦ୍ୱାରା ପିଲା ଜନ୍ମ ହୁଏ ନାହିଁ । ଜଝଝ ଏବଂ ଭାଜପା ଲୋକମାନେ ବିଷଧର । ଯଦି ଥରେ ଚୋଟ ମାରିବେ, ତେବେ ଶେଷ ହୋଇଯିବେ । କଂଗ୍ରେସ ଅଧ୍ୟକ୍ଷ ଖାର୍ଗେ କହିଛନ୍ତି, ମୋଦି ଜଣେ ମିଥ୍ୟାବାଦୀ, ସେ ଦେଶକୁ ଭ୍ରମିତ କରୁଛନ୍ତି । ମିଛ କହୁଥିବା ପ୍ରଧାନମନ୍ତ୍ରୀ ଦେଶ ଏବଂ ସମାଜ ପାଇଁ ଭଲ କରିପାରିବେ ନାହିଁ । ଉଚ୍ଚ ଜାତିର ହୋଇ ମଧ୍ୟ, ରାହୁଲ ଗାନ୍ଧୀ ପଛୁଆ ଏବଂ ଦଳିତଙ୍କ ବିଷୟରେ କଥା ହୁଅନ୍ତି । ସମସ୍ତଙ୍କୁ ତାଙ୍କୁ ସମର୍ଥନ କରିବା ଉଚିତ । ପ୍ରତ୍ୟେକ ଗାଁରେ ୨ ରୁ ୩ ପ୍ରତିଶତ ଉଚ୍ଚ ଜାତିର ଲୋକ ଅଛନ୍ତି । ତେଲଙ୍ଗାନାର ସର୍ଭେରେ, ଗାଁରେ କେଉଁଠି ୫ ପ୍ରତିଶତ, କେଉଁଠି ୧୦ ପ୍ରତିଶତ ଉଚ୍ଚ ଜାତିର ଲୋକ ବାହାରି ଆସିଛନ୍ତି । ସେମାନେ ଦେଶକୁ ଶାସନ କରନ୍ତି । ବିରୋଧୀ ଦଳ ସଂସଦରେ ବହୁ ହଙ୍ଗାମା କରିଛନ୍ତି । ବିହାରରେ ସ୍ପେଶାଲ ଇନ୍‌ଟେନ୍‌ସିଭ୍ ରିଭିଜନ୍ ଚାଲିଛି । ଶୁକ୍ରବାର ସଂସଦର ମୌସୁମୀ ଅଧିବେଶନର ପଞ୍ଚମ ଦିନରେ, ଖାର୍ଗେ ଝଓଜ ଲେଖାଥିବା ଏକ ପୋଷ୍ଟରକୁ ଚିରି ଦେଇଥିଲେ ଏବଂ ଏହାକୁ ଅଳିଆ ଭିତରକୁ ମଧ୍ୟ ଫିଙ୍ଗି ଦେଇଥିଲେ ।

# ଏବେ ବି ଚାଲିଛି 'ଅପରେଶନ ସିନ୍ଦୂର'



ନୂଆଦିଲ୍ଲୀ,୨୫।୭: ସିଡିଏସ ଜେନେରାଲ ଅନିଲ ଚୌହାନ ଶୁକ୍ରବାର ଏକ ବଡ଼ ବୟାନ ଦେଇଛନ୍ତି । ସେ କହିଛନ୍ତି, 'ଅପରେଶନ ସିନ୍ଦୂର' ଏବେ ବି ଚାଲିଛି ଏବଂ ସେନାକୁ ସବୁବେଳେ ସର୍ବାଧିକ ସତର୍କ ରହିବାକୁ ପଡିବ । ଯୁଦ୍ଧ ପାଇଁ ଶସ୍ତ୍ର (ଅସ୍ତ୍ର) ଏବଂ ଶାସ୍ତ୍ର (ଜ୍ଞାନ) ଉଭୟ ଆବଶ୍ୟକ । ସେନା ସମସ୍ତ ପରିସ୍ଥିତିରେ ୨୪୭, ୩୬୫ ଦିନ ପ୍ରସ୍ତୁତ ରହିବା ଉଚିତ । ଆଜିର ଯୁଦ୍ଧ ପାରମ୍ପରିକ ଏବଂ ଆଧୁନିକ ପଦ୍ଧତିର ମିଶ୍ରଣ, ଯେଉଁଥିରେ ଗତିଜ (ଅସ୍ତ୍ର ଆଧାରିତ) ଏବଂ ଅଣ-ଗତିଜ (ସୂଚନା ଆଧାରିତ) ରଣନୀତି ଉଭୟ ଅନ୍ତର୍ଭୁକ୍ତ । ଏହା ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପିଢ଼ିର ଯୁଦ୍ଧ କୌଶଳର ସମନ୍ୱୟ । କେନ୍ଦ୍ର ସରକାର ସଂସଦରେ କହିଥିଲେ,ଅପରେଶନ ସିନ୍ଦୂର ମେ ୭ ତାରିଖରେ ଆରମ୍ଭ ହୋଇଥିଲା, ଯାହା ଏପ୍ରିଲ ୨୨ ରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଭାରତର ପ୍ରତିଶୋଧ ଥିଲା । ରାଜ୍ୟ ସଭାରେ, ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ କହିଥିଲେ, ଏହି ଅପରେଶନ ଆତଙ୍କୀ ଭିତ୍ତିଭୂମିକୁ ନଷ୍ଟ କରିବା ଏବଂ ଆତଙ୍କବାଦୀଙ୍କୁ ହତ୍ୟା କରିବା ଉପରେ କେନ୍ଦ୍ରିତ ଥିଲା । ଅପରେସନ ସିନ୍ଦୂର ଅନ୍ତର୍ଜାତୀୟ ଚାପରେ ଆରମ୍ଭ କରାଯାଇଥିଲା କି ପ୍ରଶ୍ନରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସ୍ପଷ୍ଟ କରିଥିଲା,ଏହା ଭାରତର ସ୍ୱତଃସ୍ଫୂର୍ତ୍ତ ଏବଂ ଦୃଢ଼ ପ୍ରତିକ୍ରିୟା ଥିଲା । ପାକିସ୍ତାନ ଭାରତୀୟ ନାଗରିକ ଏବଂ ସାମରିକ ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା, କିନ୍ତୁ ଭାରତର ସେନା ସମସ୍ତ ବଡ଼ ଆକ୍ରମଣକୁ ବିଫଳ କରିଥିଲା । ଅପରାଧାନ ସିନ୍ଦୂର ଅଧୀନରେ, ଭାରତ ପାକିସ୍ତାନ ଏବଂ ପିଓକେରେ ଅବସ୍ଥିତ ଜୈଶ-ଏ-ମହମ୍ମଦ, ହିଜବୁଲ ମୁଜାହିଦ୍ଦିନ ଏବଂ ଲସ୍କର-ଏ-ତୋଇବା ଭଳି ଆତଙ୍କବାଦୀ ସଂଗଠନର ୯ ଟି ଆତଙ୍କବାଦୀ ଶିବିରକୁ ନଷ୍ଟ କରିଦେଇଥିଲା ଏବଂ ୧୦୦ରୁ ଅଧିକ ଆତଙ୍କବାଦୀଙ୍କୁ ହତ୍ୟା କରିଥିଲା । ଭାରତ ମଧ୍ୟ ପାକିସ୍ତାନୀ ବାୟୁସେନା ଏବଂ ସାମରିକ ଘାଟି ଉପରେ ଆକ୍ରମଣ କରିଥିଲା, ବିଶେଷକରି ଯେତେବେଳେ ପାକିସ୍ତାନ ଭାରତୀୟ ସାମରିକ ଏବଂ ସାଧାରଣ ଟାର୍ଗେଟ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା ।

# ରୁଟ୍‌ଙ୍କ ଶତକରେ ଡ୍ରାଇଭର ସିଟ୍‌ରେ ଇଂଲଣ୍ଡ



ମାଞ୍ଚେଷ୍ଟର,୨୫।୭: ଭାରତ ଓ ଇଂଲଣ୍ଡ ମଧ୍ୟରେ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫର୍ଡ ମୈଦାନରେ ଟେଷ୍ଟ ମ୍ୟାଚରେ ଡ୍ରାଇଭର ସିଟ୍‌ରେ ଘରୋଇ ଇଂଲଣ୍ଡ ରହିଛି। ଭାରତର ୩୫୮ ରନ୍ ଜବାବରେ ଇଂଲଣ୍ଡ ତୃତୀୟ ଦିନ ଷ୍ଟମ୍ପ ଅପସାରଣ ସୁଦ୍ଧା ୭ ୱିକେଟ ହରାଇ ୫୪୪ ରନ୍ କରିଛି। ଫଳରେ ଦଳ ହାତରେ ୩ ୱିକେଟ ରଖି ୧୮୬ ରନ୍ ଆଗୁଆ ରହିଛି। ଇଂଲଣ୍ଡ ପକ୍ଷରୁ ଅଭିଜ୍ଞସମ୍ପନ୍ନ ଜୋ ରୁଟ୍ ୧୫୦ ରନ୍ କରିଥିବାବେଳେ କ୍ରଲି ୮୪ ରନ୍, ଓଲିପୋପ୍ ୭୧, ହାରି ବ୍ରୁକ୍ ୩ ରନ୍, ବେନ ଷ୍ଟୋକ୍ସ ଅପରାଜିତ ୭୭, ସ୍ମିଥ୍ ୯ ରନ୍, ୱୋକ୍ସ ୪ ରନ୍ ଓ ଲିଆମ ଡସନ୍ ୨୧ ରନ୍ ଅପରାଜିତ ଅଛନ୍ତି। ଭାରତ ପକ୍ଷରୁ ଜାଡେଜା ଓ ସୁନ୍ଦର ୨ ଲେଖାଏଁ ୱିକେଟ ନେଇଥିବାବେଳେ ବୁମରା, ସିରାଜ ଓ କମ୍ବୋଜ ଗୋଟିଏ ଲେଖାଏଁ ସଫଳତା ପାଇଛନ୍ତି।

ଏହି ମୁକାବିଲାର ତୃତୀୟ ଦିନରେ ଇଂଲଣ୍ଡ ବ୍ୟାଟର ଜୋ ରୁଟ୍ ରେକର୍ଡ ଇନିଂସ ଖେଳିଛନ୍ତି। ଇଂଲଣ୍ଡର ପ୍ରଥମ ପାଳିରେ ରୁଟ୍ ଶତକ ମାରିଛନ୍ତି ୧୭୮ ବଲରେ ଶତକ ପୂରଣ କରିଛନ୍ତି, ଏଥିରେ ୧୨ଟି ଚୌକା ସାମିଲ ରହିଛି । ଏହା ରୁଟ୍‌ଙ୍କ ଟେଷ୍ଟ କ୍ୟାରିୟରର ୩୮ତମ ଓ ଭାରତ ବିପକ୍ଷରେ ୧୨ତମ ଶତକ ଏହାସହ ସେ ଲଗାତାର ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ରୁଟ୍‌ଙ୍କ ବ୍ୟାଟରୁ ଶତକ ବାହାରିଛି। ଜୋ ରୁଟ୍ ଭାରତ ବିପକ୍ଷରେ ଇଂଲଣ୍ଡରେ ଟେଷ୍ଟ କ୍ରିକେଟରେ ୯ମ ଶତକ ମାରିଛନ୍ତି । ଏହା ଘରୋଇ ମାଟିରେ ଗୋଟିଏ ଟିମ୍ ବିପକ୍ଷରେ କୌଣସି ବ୍ୟାଟରଙ୍କ ସବୁଠୁ ଅଧିକ ଟେଷ୍ଟ ଶତକ ଅଟେ ସେ ଏହି ମାମଲାରେ ଅଷ୍ଟ୍ରେଲିଆର ଡନ୍ ବ୍ରାଡମ୍ୟାନଙ୍କୁ ପଛରେ ପକାଇଛନ୍ତି । ବ୍ରାଡମ୍ୟାନ ଇଂଲଣ୍ଡ ବିପକ୍ଷରେ ଘରୋଇ ମାଟିରେ ୮ଟି ଶତକ ମାରିଥିଲେ

ଆଜିର ଏହି ଶତକ ସହ ଜୋ ରୁଟ୍ ଏବେ ଭାରତ ବିପକ୍ଷରେ ଟେଷ୍ଟ କ୍ରିକେଟରେ ସବୁଠୁ ଅଧିକ ଶତକ ମାରିଥିବା ବ୍ୟାଟର ହୋଇଛନ୍ତି ଅଷ୍ଟ୍ରେଲିଆର ପୂର୍ବତନ କ୍ୟାପ୍ଟେନ ଷ୍ଟିଭ୍ ସ୍ମିଥଙ୍କୁ ପଛରେ ପକାଇ ସେ ଏହି ଉପଲବ୍ଧ ହାସଲ କରିଛନ୍ତି । ଭାରତ ବିପକ୍ଷରେ ଷ୍ଟିଭ ସ୍ମିଥଙ୍କ ୧୧ ଶତକ ରହିଛି ଟେଷ୍ଟ କ୍ରିକେଟରେ ସର୍ବାଧିକ ରନ୍ ସ୍କୋର କରିବା ମାମଲାରେ ଜୋ ରୁଟ୍ ଏବେ ଦ୍ୱିତୀୟ ସ୍ଥାନରେ ପହଞ୍ଚି ଯାଇଛନ୍ତି ।

ଏହାସହ ମ୍ୟାଚ୍‌ରେ ୧୨୦ ରନ୍ ହାସଲ କରି ରିକି ପଣ୍ଟିଂଙ୍କୁ ପଛରେ ପକାଇ ଦେଇଛନ୍ତି ପଣ୍ଟିଂ ଅଷ୍ଟ୍ରେଲିଆ ପାଇଁ ୧୬୮ ଟେଷ୍ଟ ମ୍ୟାଚରେ ୧୩,୩୭୮ ରନ୍ କରିଥିଲେ ଏବେ ଜୋ ରୁଟଙ୍କ ଆଗରେ କେବଳ ସଚିନ ତେନ୍ଦୁଲକର ଅଛନ୍ତି ସଚିନ ୨୦୦ ଟେଷ୍ଟ ମ୍ୟାଚ୍‌ରେ ୧୫,୯୨୧ ରନ୍ କରିଥିଲେ ।ଟେଷ୍ଟ କ୍ରିକେଟରେ ସର୍ବାଧିକ କରିଥିବା ଖେଳାଳି ।୧୫୯୨୧- ସଚିନ ତେନ୍ଦୁଲକର (ଭାରତ), ୧୩୩୭୯ ୫ - ଜୋ ରୁଟ୍ (ଇଂଲଣ୍ଡ), ୧୩୩୭୮- ରିକି ପଣ୍ଟିଂ (ଅଷ୍ଟ୍ରେଲିଆ), ୧୩୨୮୯- ଜ୍ୟାକ୍ କାଲିସ୍ (ଦକ୍ଷିଣ ଆଫ୍ରିକା), ୧୩୨୮୮- ରାହୁଲ ଦ୍ରାବିଡ୍ (ଭାରତ), ୧୨୪୭୨- ଆଲିଷ୍ଟର କୁକ୍ (ଇଂଲଣ୍ଡ), ୧୨୪୦୦- କୁମାର ସାଙ୍ଗାକାରା।

ଜୋ ରୁଟ୍ ଏବେ ଟେଷ୍ଟ କ୍ରିକେଟରେ ସର୍ବାଧିକ ଶତକ ହାସଲ କରିଥିବା ବ୍ୟାଟରମାନଙ୍କ ତାଲିକାରେ ମିଳିତ ଭାବେ ଚତୁର୍ଥ ସ୍ଥାନରେ ପହଞ୍ଚିଛନ୍ତି। ସଙ୍ଗାକାରାଙ୍କ ୩୮ ଟେଷ୍ଟ ଶତକ ସହିତ ରୁଟ୍ ସମକକ୍ଷ ହୋଇଛନ୍ତି ।ସର୍ବାଧିକ ଟେଷ୍ଟ ଶତକ-ସଚିନ ତେନ୍ଦୁଲକର (ଭାରତ)- ୫୧, ଜ୍ୟାକ୍ କାଲିସ୍ (ଦକ୍ଷିଣ ଆଫ୍ରିକା)- ୪୫, ରିକି ପଣ୍ଟିଂ (ଅଷ୍ଟ୍ରେଲିଆ)- ୪୧, ଜୋ ରୁଟ୍ (ଇଂଲଣ୍ଡ)- ୩୮, କୁମାର ସାଙ୍ଗାକାରା (ଶ୍ରୀଲଙ୍କା)- ୩୮, ରାହୁଲ ଦ୍ରାବିଡ (ଭାରତ)- ୩୬ ଓ ଷ୍ଟିଭ୍ ସ୍ମିଥ (ଅଷ୍ଟ୍ରେଲିଆ)- ୩୬।

## ଫିଡେ ମହିଳା ଚେସ୍ ବିଶ୍ୱକପ୍
# ଫାଇନାଲ୍‌ରେ ହମ୍ପି-ଦିବ୍ୟା ମୁକାବିଲା

ନୂଆଦିଲ୍ଲୀ ୨୫।୦୭: ବିଶ୍ୱକୁ ମିଳିବ ନୂଆ। ଗ୍ରାଣ୍ଡମାଷ୍ଟର ଫିଡେ ମହିଳା ଚେସ୍ ବିଶ୍ୱକପ୍‌ରେ ଫାଇନାଲ୍ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଛି। ପ୍ରଥମ ଥର ୨ଜଣ ଭାରତୀୟଙ୍କ ମଧ୍ୟରେ ଟ୍ରଫି ପାଇଁ ହେବ ଜୋରଦାର ଲଢ଼େଇ। ଡବ୍ଲ୍ୟୁଜିଏମ୍ କୋନେରୁ ହମ୍ପି ଓ ଆଇଏମ୍ ଦିବ୍ୟା ଦେଶମୁଖ ଟାଇଟଲ ଲଢ଼େଇକୁ ଓହ୍ଲାଇବେ। ଏଥିସହ ବିଶ୍ୱକୁ ମିଳିବ ନୂଆ। ବିଶ୍ ଚାମ୍ପିଅନ୍ ।




ଦ୍ୱିତୀୟ ସେମି ଫାଇନାଲ୍‌ରେ ହମ୍ପି ଟାଇବ୍ରେକ୍‌ରେ ଚୀନ ତାରକା ଲି ଟିଙ୍ଗଜିଙ୍କୁ ୫-୩ରେ ହରାଇ ଫାଇନାଲ୍‌ରେ ସ୍ଥାନ ପକ୍କା କରିଥିଲେ । ବିଜୟ ସହ ସେ ଆଗାମୀ ୨୦୨୬ କ୍ୟାଣ୍ଡିଡେଟ୍ସ କୁ ଯୋଗ୍ୟତା ଅର୍ଜନ କରିଛନ୍ତି। ହମ୍ପି-ଟିଙ୍ଗଜିଙ୍କ ମଧ୍ୟରେ ସେମି ମୁକାବିଲା କଡ଼ା ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମେ ଉଭୟଙ୍କ ମଧ୍ୟରେ କ୍ଲାସିକାଲର ୨ଟି ଯାକ ଡ୍ର ରହିଥିଲା ।

ଏହାପରେ ଟାଇବ୍ରେକରେ ମଧ ଉଭୟ ୨ଟି ଯାକ ବାଜିରେ ପଏଣ୍ଟ ଭାଗ କରିଥିଲେ ସ୍ଥିତି ୨-୨ରେ ବରାବର ରହିଥିଲା। ଆଜି ର୍‍ୟାପିଡ୍ ଓ ବ୍ଲିଜ୍‌ରେ ପ୍ରତିଯୋଗିତା ହୋଇଥିଲା। ଟିଙ୍ଗଜି ର୍‍ୟାପିଡ୍‌ର ପ୍ରଥମ ଗେମ୍ ଜିତି ଆଗେଇଥିଲେ। ମାତ୍ର ହମ୍ପି ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲେ । ସେ ପରବର୍ତ୍ତୀ ଗେମ୍ ଜିତିବା ସହ ସ୍ଥିତି ୩-୩ରେ ବରାବର କରିଥିଲେ।ଏହାପରେ ବ୍ଲିଜ୍‌ରେ ହମ୍ପି ଅବିଶ୍ୱସନୀୟ ଖେଳ ପ୍ରଦର୍ଶନ କରିବା ସହ ଉଭୟ ଗେମ୍ ଜିତି ଫାଇନାଲ୍‌ରେ ପ୍ରବେଶ କରିଥିଲେ।

# ପନ୍ତଙ୍କ ପ୍ରଶଂସାରେ ସଚିନଙ୍କ ବହୁ କ୍ରିକେଟର




ମାଞ୍ଚେଷ୍ଟର,୨୫।୭: ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଟେଷ୍ଟ ସିରିଜର ଚତୁର୍ଥ ମ୍ୟାଚରେ, ଉଇକେଟକିପର ବ୍ୟାଟସମ୍ୟାନ ରିଷଭ ପନ୍ତ ପୁଣି ଥରେ ତାଙ୍କର ଲଢ଼ୁଆ ମନୋଭାବ ଦେଖାଇଛନ୍ତି ଚତୁର୍ଥ ଟେଷ୍ଟର ପ୍ରଥମ ଦିନରେ ଗୋଡରେ ଆଘାତ ଲାଗିଥିଲେ ମଧ୍ୟ, ସେ ଦ୍ୱିତୀୟ ଦିନରେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ, ଯାହା ଦଳକୁ ଏକ କଷ୍ଟକର ପରିସ୍ଥିତିରେ ସୁସ୍ଥ ହେବାର ସୁଯୋଗ ଦେଇଥିଲା ଦେଶ ଏବଂ ବିଶ୍ୱର ଅନେକ ପୂର୍ବତନ କ୍ରିକେଟର ପନ୍ତଙ୍କ ମନୋଭାବକୁ ପ୍ରଶଂସା କରିଛନ୍ତି।

ରିଷଭ ପନ୍ତ ମ୍ୟାଚର ପ୍ରଥମ ଇନିଂସରେ ବ୍ୟାଟିଂ କରୁଥିଲେ, ସେତେବେଳେ କ୍ରିସ ୱକ୍‌ଙ୍କ ବଲ ତାଙ୍କ ପାଦ ଆଙ୍ଗୁଠିରେ ବାଜିଥିଲା ତଦନ୍ତରେ ଫ୍ରାକ୍ଚର ନିଶ୍ଚିତ ହେବା ପରେ, ତାଙ୍କୁ ଆମ୍ବୁଲାନ୍ସ ମାଧ୍ୟମରେ ପଡ଼ିଆ ବାହାରକୁ ନିଆଯାଇଥିଲା ବିସିସିଆଇ ଦ୍ୱାରା ଜାରି ଏକ ବିବୃତ୍ତିରେ କୁହାଯାଇଛି, ପନ୍ତଙ୍କୁ ଛଅ ସପ୍ତାହ ପାଇଁ ବିଶ୍ରାମ ନେବାକୁ ପରାମର୍ଶ ଦିଆଯାଇଛି ଯାହା ଫଳରେ ସେ କ୍ରିକେଟରୁ ଦୂରରେ ରହିବେ ଏହା ସତ୍ତ୍ୱେ, ଦଳର ଆବଶ୍ୟକତା ଦେଖି, ସେ ପରବର୍ତ୍ତୀ ଇନିଂସରେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ ଏବଂ ଏକ ଗୁରୁତ୍ୱପୂର୍ଣ୍ଣ ଅର୍ଦ୍ଧଶତକ ହାସଲ କରିଥିଲେ ରିଷଭଙ୍କ ସାହସ କେବଳ ଭାରତୀୟ ପ୍ରଶଂସକଙ୍କୁ ନୁହେଁ ବରଂ ସାରା ବିଶ୍ୱର କ୍ରିକେଟ ପ୍ରେମୀ ଏବଂ ପୂର୍ବତନ ଖେଳାଳିମାନଙ୍କୁ ନତମସ୍ତକ ହେବାକୁ ବାଧ୍ୟ କରିଛି।

କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ଲେଖିଛନ୍ତି,ଦୃଢତା ଅର୍ଥ ହେଉଛି ଯନ୍ତ୍ରଣା ସହ୍ୟ କରି ଖେଳିବା ଏବଂ ତାହାକୁ ପରାସ୍ତ କରିବା ଆହତ ହେବା ସତ୍ତ୍ୱେ ପନ୍ତ ଯେପରି ପଡ଼ିଆକୁ ଫେରିଲେ ତାହା ତାଙ୍କର ମହାନ ମାନସିକ ଶକ୍ତି ଏବଂ ଆଗ୍ରହକୁ ଦର୍ଶାଏ ତାଙ୍କର ଅର୍ଦ୍ଧଶତକ ହେଉଛି ଦେଶକୁ ପ୍ରତିନିଧି କରିବା ପାଇଁ କେତେ ସାହସ ଏବଂ ଦୃଢ଼ ନିଷ୍ଠାର ଆବଶ୍ୟକତା ଅଛି ତାହାର ଏକ ଦୃଢ଼ ଉଦାହରଣ ଏକ ସାହସିକ ପ୍ରୟାସ ଯାହା ଦୀର୍ଘ ସମୟ ପାଇଁ ମନେ ରହିବ ମହାନ ଖେଳ, ରିଷଭ !

ପୂର୍ବତନ ଇଂଲଣ୍ଡ ଅଧିନାୟକ ମାଇକେଲ ଆଥରଟନ କମେଣ୍ଟ୍ରି ସମୟରେ କହିଥିଲେ, ପନ୍ତ ତାଙ୍କ ଗୋଡ଼ରେ ଆଘାତ ସତ୍ତ୍ୱେ ଜୋତା ପିନ୍ଧିଥିଲେ ଏବଂ ଧୀରେ ଧୀରେ ପଡ଼ିଆ ଆଡ଼କୁ ଯାଉଛନ୍ତି ଏହା ପ୍ରକୃତରେ ଏକ ଆଶ୍ଚର୍ଯ୍ୟଜନକ ଆତ୍ମା।

କ୍ରିକେଟର ଏହି ବିକଳ୍ପ ବ୍ୟବସ୍ଥାକୁ ନେଇ ଭଡକିଛନ୍ତି ଇଂଲଣ୍ଡର ପୂର୍ବତନ ଅଧିନାୟକ ମାଇକେଲ ଭନ୍ ସେ ବିଶ୍ୱାସ କରନ୍ତି ଯେ ଟେଷ୍ଟ କ୍ରିକେଟରେ ମେଡିକାଲ ସବ୍‌ଷ୍ଟିଚ୍ୟୁଟ୍ ଅନୁମତି ନ ଦେବା ଦର୍ଶାଏ ଯେ କ୍ରିକେଟ ଏବେ ବି ସେହି ପୁରୁଣା ନିୟମରେ ଫସି ରହିଛି।ପ୍ରକୃତରେ, କହିବାକୁ ଗଲେ ପନ୍ତ ମାଞ୍ଚେଷ୍ଟର ଟେଷ୍ଟ ମ୍ୟାଚ୍‌ରେ ଏକ ଭଙ୍ଗା ଗୋଡ ସହିତ ସାହସିକତାର ସହିତ ବ୍ୟାଟିଂ କରିଥିଲେ ପ୍ରଥମ ଦିନରେ ଆହତ ହୋଇ ଅବସର ନେବା ପରେ, ସେ ପରଦିନ ପୁଣି ଥରେ ପଡ଼ିଆକୁ ଆସିଥିଲେ ୩୭ ରନରୁ ତାଙ୍କର ଇନିଂସ ଜାରି ରଖିଲେ ତାଙ୍କର ଅର୍ଦ୍ଧଶତକ ପୂରଣ କଲେ ଏହି ସମୟରେ, ସେ ୨୮ ବଲ୍‌ର ସମ୍ମୁଖୀନ ହୋଇ ୧୭ ରନ କରିଥିଲେ

ଭନ୍ 'ଦି ଟେଲିଗ୍ରାଫ୍'ରେ ତାଙ୍କ ସ୍ତମ୍ଭରେ ଲେଖିଛନ୍ତି, 'ତାଙ୍କୁ ଭଙ୍ଗା ଗୋଡ ସହିତ ବ୍ୟାଟିଂ କରିବା ଦେଖିବା ଆଶ୍ଚର୍ଯ୍ୟଜନକ ଥିଲା ସେ ସାହସ ଏବଂ ଦକ୍ଷତା ଉଭୟ ଦେଖାଇଥିଲେ, କିନ୍ତୁ ସେ ସୁସ୍ଥ ନଥିଲେ ସେ ଦୌଡ଼ି ପାରୁନଥିଲେ। ଏହା ତାଙ୍କ ଆଘାତକୁ ଆହୁରି ଖରାପ କରିଥାନ୍ତା '। ସେ କହିଥିଲେ ଯେ ିକେଟ କିପରଙ୍କ ସ୍ଥାନରେ ଜଣେ ବଦଳ ଖେଳାଳି ଖେଳିବାକୁ ଆସେ କିନ୍ତୁ ବ୍ୟାଟିଂ କିମ୍ବା ବୋଲିଂ ପାଇଁ ନୁହେଁ - ଏହି ନିୟମ ସମ୍ପୂର୍ଣ୍ଣ ଅଜବ ଓ ଭୁଲ କ୍ରିକେଟ୍ ହେଉଛି ଏକମାତ୍ର ଖେଳ ଯେଉଁଥିରେ ଏପରି ପରିସ୍ଥିତିରେ ଜଣେ ଖେଳାଳିଙ୍କୁ ବଦଳାଯାଇପାରିବ ନାହିଁ ଏହା ଦର୍ଶାଉଛି ଯେ କ୍ରିକେଟ୍ ଏବେ ବି ଅନ୍ଧାର ଯୁଗରେ ବଞ୍ଚି ରହିଛି।

ଭନ୍ ବିଶ୍ୱାସ କରନ୍ତି ଯେ ଆଘାତ କ୍ଷେତ୍ରରେ, ଜଣେ ଖେଳାଳିଙ୍କୁ ସମାନ ସ୍ତରର ଖେଳାଳିଙ୍କ ସହିତ ବଦଳାଯିବା ଉଚିତ ଯେପରିକି ବ୍ୟାଟ୍ସମ୍ୟାନଙ୍କ ପାଇଁ ବ୍ୟାଟ୍ସମ୍ୟାନ୍ କିମ୍ବା ସ୍ପିନରଙ୍କ ପାଇଁ ସ୍ପିନର ଯଦି ଜଣେ ଖେଳାଳିଙ୍କ ହାଡ଼ ଭାଙ୍ଗିବା ଭଳି ଗମ୍ଭୀର ଆଘାତ ହୁଏ ଏହା ଡାକ୍ତର କିମ୍ବା ସ୍କାନ ଦ୍ୱାରା ପ୍ରମାଣିତ ହୁଏ । ତେବେ ଅନ୍ୟ କାହାକୁ ସେହି ଖେଳାଳିଙ୍କ ସ୍ଥାନରେ ସ୍ଥାନ ଦେବାକୁ ଅନୁମତି ଦିଆଯିବା ଉଚିତ ସେ ପରାମର୍ଶ ଦେଇଥିଲେ ଯେ ମ୍ୟାଚ୍ ପୂର୍ବରୁ ପ୍ରତ୍ୟେକ ଖେଳାଳିଙ୍କ ପାଇଁ ଜଣେ ବ୍ୟାକଅପ୍ ଖେଳାଳି ନିର୍ଣ୍ଣୟ କରାଯିବା ଉଚିତ ଉଭୟ ଦଳ ଏହାକୁ ଅନୁମୋଦନ କରିବା ଉଚିତ ମ୍ୟାଚ୍ ରେଫରି ଏହାକୁ ତଦାରଖ କରିବା ଉଚିତ।

ଡିସେମ୍ବର ୨୦୨୨ରେ ଋଷଭ ପନ୍ତଙ୍କର ଏକ ଭୟଙ୍କର ସଡ଼କ ଦୁର୍ଘଟଣା ହୋଇଥିଲା ନୂଆବର୍ଷରେ ତାଙ୍କ ଘରକୁ ଯାଉଥିବା ସମୟରେ, ଉତ୍ତରାଖଣ୍ଡର ରୁରକି ନିକଟରେ ତାଙ୍କ କାର ଏକ ଡିଭାଇଡରରେ ଧକ୍କା ହୋଇ ପୋଡ଼ି ପାଉଁଶ ହୋଇଗଲା ସେ ଗୁରୁତର ଆହତ ହୋଇଥିଲେ ଏବଂ ତାଙ୍କ ଆଣ୍ଠୁ ଏବଂ ପିଠିରେ ଗମ୍ଭୀର ଆଘାତ ଲାଗିଥିଲା ସ୍ଥାନୀୟ ଯୁବକମାନଙ୍କ ସହାୟତାରେ ତାଙ୍କୁ କାରରୁ ବାହାର କରି ତୁରନ୍ତ ଡାକ୍ତରଖାନାକୁ ନିଆଯାଇଥିଲା, ମୁମ୍ବାଇରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା ଏବଂ ପ୍ରାୟ ଦୁଇ ବର୍ଷ ଧରି ସେ ପଡ଼ିଆରୁ ଦୂରରେ ଥିଲେ

## ସମ୍ବଲପୁରର ପ୍ରତିଯୋଗୀ ଜାଫ୍ରିନ୍ ଚୌଧୁରୀଙ୍କୁ ସ୍ୱର୍ଣ୍ଣ

ସମ୍ବଲପୁର : ସମ୍ବଲପୁର କଚେରୀ ରୋଡ଼ ସ୍ଥିତ ସାଓଲିନ କୁଙ୍ଗଫୁ ଉଷୁ ଆସୋସିଏସନର ଚର୍ଚ୍ଚିତା କୁସ୍ତି ଖେଳାଳୀ ଜାଫ୍ରିନ୍ ଚୌଧୁରୀ ରାଜ୍ୟସ୍ତରୀୟ କୁସ୍ତି ପ୍ରତିଯୋଗିତାର ୨୩ ବର୍ଷ ବୟସ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସମ୍ବଲପୁର ପେନସନପଡା ଅଞ୍ଚଳର ବରିଷ୍ଠ ଆଇନଜୀବୀ ଓକିଲ ଚୌଧୁରୀ ଓ ମମତା ଚୌଧୁରୀଙ୍କର ସୁପୁତ୍ରୀ ଜାଫ୍ରିନ୍ ୫୫ କିଲୋଗ୍ରାମ ବିଭାଗ ରାଜ୍ୟ କୁସ୍ତି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରି ସମ୍ବଲପୁରର ସୁନାମ ନାମ ଅକ୍ଷୁର୍ଣ୍ଣ ରଖିଛନ୍ତି। ଆଗାମୀ ଜାତୀୟ କୁସ୍ତି ପ୍ରତିଯୋଗିତାରେ ସେ ଓଡ଼ିଶା ତରଫରୁ ପ୍ରତିନିଧିତ୍ୱ କରିବେ ବୋଲି ଆସୋସିଏସନ ସୂତ୍ରରୁ ଜଣାଯାଇଛି। ଏହି କୃତିତ୍ୱ ହାସଲ କରିବା ପରେ ତାଙ୍କୁ ଏକ ସ୍ୱତନ୍ତ୍ର ସଭାରେ ଜିଲ୍ଲା ସମ୍ପାଦକ ସୁବାସ ଚନ୍ଦ୍ର ବେହେରା, ରାଜ୍ୟ ସମ୍ପାଦକ କିଶୋର ବେହେରା, ପ୍ରଶିକ୍ଷିକା ଗାୟତ୍ରୀ ମିଶ୍ର, ଦିବ୍ୟ କରିସ୍ମା ପୃଷ୍ଟି, ପୁଷ୍ପାଞ୍ଜଳି ସାହୁ, ସ୍ନିଗ୍ଧା ରାନୀ ଭାଜି, ସ୍ୱାଗତ କୁମାର ଘଡାଇ, ସମୀର ବିଶ୍ୱାଳ, ଡିଙ୍ଗର ମେହେର ପ୍ରମୁଖ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ଆଗାମୀ ଦିନରେ ଦକ୍ଷତା ବୃଦ୍ଧିର କାମନା କରିଛନ୍ତି।

# ବୋଲିଂ ଭୂମିକାକୁ ନେଇ ଶାର୍ଦ୍ଦୁଳ ଅସନ୍ତୁଷ୍ଟ

ମାଞ୍ଚେଷ୍ଟର,୨୫।୭: ଭାରତ ବନାମ ଇଂଲଣ୍ଡ ଇଂଲଣ୍ଡ ଚତୁର୍ଥ ଟେଷ୍ଟରେ ଇଂଲଣ୍ଡ ଏକ ଦୃଢ଼ ସ୍ଥିତିରେ ଅଛି, ଏହା ଟିମ ଇଣ୍ଡିଆ। ପାଇଁ କର ବା ମର ମ୍ୟାଚ ଦ୍ୱିତୀୟ ଦିନର ଖେଳ ଶେଷ ହେବା ପରେ, ଶାର୍ଦ୍ଦୁଳ ଠାକୁର ସାମ୍ବାଦିକ ସମ୍ମିଳନୀକୁ ଆସିଥିଲେ ଏହି ସମୟରେ ସେ ଶୁବମନ ଗିଲ ବିଷୟରେ ଯାହା କହିଥିଲେ, ତାହା ଆଲୋଚନାର ବିଷୟ ପାଲଟିଥିଲା।ଦ୍ୱିତୀୟ ଦିନରେ, ଜସପ୍ରିତ ବୁମରାଙ୍କ ସମେତ ଭାରତୀୟ ବୋଲରମାନେ ପ୍ରଭାବହୀନ ଦେଖାଯାଉଥିଲେ ଠାକୁର ଏକ ବଡ଼ ବୟାନ ଦେଇ କହିଥିଲେ,ବୋଲିଂ ମୋର କାମ ନୁହେଁ।




ଦ୍ୱିତୀୟ ଦିନରେ, ସମସ୍ତେ ରିଷଭ ପନ୍ତଙ୍କ ସାହସକୁ ପ୍ରଶଂସା କରିଥିଲେ, କାରଣ ସେ ତାଙ୍କ ପାଦ ଆଙ୍ଗୁଠିରେ ଫ୍ରାକ୍ଚର ସତ୍ତ୍ୱେ ପଡ଼ିଆରେ ଖେଳିବାକୁ ଆସିଥିଲେ ସେ ୧୭ ରନ ଯୋଡ଼ିଥିଲେ ଏବଂ ତାଙ୍କର ଅର୍ଦ୍ଧଶତକ ପୂରଣ କରିଥିଲେ ପ୍ରଥମ ଇନିଂସରେ ଭାରତୀୟ ଦଳ ୩୫୮ ରନରେ ଅଲଆଉଟ ହୋଇଯାଇଥିଲା ଏହା ପରେ, ଜ୍ୟାକ କ୍ରଲି (୮୪) ଏବଂ ବେନ ଡକେଟ (୯୪) ମିଳିତ ଭାବରେ ପ୍ରଥମ ଉଇକେଟ ପାଇଁ ୧୬୬ ରନର ପାର୍ଟନରଶିପ କରିଥିଲେ ଜସପ୍ରିତ ବୁମରା, ମହମ୍ମଦ ସିରାଜଙ୍କ ସମେତ ଭାରତୀୟ ବୋଲରମାନେ ପ୍ରଭାବହୀନ ଦେଖାଯାଉଥିଲେ। ଏହା ପରେ, ସାମ୍ବାଦିକ ସମ୍ମିଳନୀରେ ଶାର୍ଦ୍ଦୁଳ ଠାକୁରଙ୍କୁ ଏ ବିଷୟରେ ପଚରାଯାଇଥିଲା। ଶାର୍ଦ୍ଦୁଳ ଠାକୁରଙ୍କୁ ଭାରତୀୟ ବୋଲରଙ୍କ ଖରାପ ପ୍ରଦର୍ଶନ ବିଷୟରେ ପଚରାଗଲା, ସେ କହିଥିଲେ,ବୋଲିଂ କାହାକୁ ଦେବା ଅଧିନାୟକଙ୍କ ନିଷ୍ପତ୍ତି କେବେ କାହାକୁ ବଲ ଦେବେ, ଏହା ଅଧିନାୟକଙ୍କ ନିଷ୍ପତ୍ତି, ମୋର ନୁହେଁ ଆଜି ମୁଁ ଆଉ ୨ ଓଭର ବୋଲିଂ କରିପାରିଥାନ୍ତି, କିନ୍ତୁ ଏହା ଅଧିନାୟକଙ୍କ ନିଷ୍ପତ୍ତି।

ସେ ସ୍ୱୀକାର କରିଛନ୍ତି, ବୋଲରମାନେ ଭଲ ପ୍ରଦର୍ଶନ କରିପାରିଥାନ୍ତେ ସେ କହିଛନ୍ତି, ଆମେ ନୂତନ ବଲ ସହିତ ଭଲ ପ୍ରଦର୍ଶନ କରିପାରିଥାନ୍ତୁ, ରନ ଆସିବା ଜାରି ରହିଲା ବୋଲରମାନଙ୍କ ପାଇଁ କଷ୍ଟକର ନଥିଲା ଆମେ ଧୈର୍ଯ୍ୟ ରଖିପାରିଥାନ୍ତୁ, ଆମକୁ କେଉଁ ବଲ ବୋଲିଂ କରିବାକୁ ପଡିବ ତାହା ମୂଲ୍ୟାଙ୍କନ କରିବାକୁ ପଡିବ।ପନ୍ତଙ୍କ ସମ୍ପର୍କରେ, ଶାର୍ଦ୍ଦୁଳ ଠାକୁର କହିଛନ୍ତି, ସେ ହସ୍ପିଟାଲରେ ଥିବାରୁ ଆମ ସହିତ ଟିମ ବସ୍‌ରେ ଷ୍ଟାଡିୟମକୁ ଆସି ନ ଥିଲେ ଯେତେବେଳେ ଆମେ ଦିନର ଖେଳ ଆରମ୍ଭ କରିବା ପୂର୍ବରୁ ଅଭ୍ୟାସ କରୁଥିଲୁ, ସେ ପଡ଼ିଆରେ ନ ଥିଲେ।ତାଙ୍କ ଆଙ୍ଗୁଠିରେ ଏକ ଫ୍ରାକ୍ଚର ଅଛି ଏବଂ ତାଙ୍କୁ ସୁସ୍ଥ ହେବାକୁ ୨ ମାସ ଲାଗିପାରେ ସେ ଚତୁର୍ଥ ଟେଷ୍ଟର ପ୍ରଥମ ଦିନରେ ଆହତ ହୋଇଥିଲେ, ଯାହା ପରେ ସେ ପଡ଼ିଆ ଛାଡି ଦେଇଥିଲେ। ବିସିସିଆଇ ଏକ ସରକାରୀ ବିବୃତ୍ତି ଜାରି କରି କହିଛି, ଏବେ ଧ୍ରୁବ ଜୁରେଲ ସମଗ୍ର ମ୍ୟାଚ ପାଇଁ ଉଇକେଟକିପର ହେବେ।

# ପୁଣି ଅଡୁଆରେ ଯଶ ଦୟାଲ

## ଆଉ ଜଣେ ଯୁବତୀ ଆଣିଲେ ଦୁଷ୍କର୍ମ ଅଭିଯୋଗ




ନୂଆଦିଲ୍ଲୀ,୨୫।୭: ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ଫାଷ୍ଟ ବୋଲର କ୍ରିକେଟର ଯଶ ଦୟାଲଙ୍କ ବିରୋଧରେ ଆଉ ଜଣେ ଯୁବତୀ ଦୁଷ୍କର୍ମ ଅଭିଯୋଗ କରିଛି । ଗାଜିଆବାଦ ପରେ, ଜୟପୁରରେ ମଧ୍ୟ ଯଶ ଦୟାଲଙ୍କ ବିରୋଧରେ ଏକ ଏଫଆଇଆର ରୁଜୁ ହୋଇଛି। ଯୁବତୀ ଜଣକ କ୍ରିକେଟରଙ୍କ ନାମରେ କ୍ୟାରିୟରର ପ୍ରଲୋଭନ ଦେଖାଇ ଦୁଇ ବର୍ଷ ଧରି ଦୁଷ୍କର୍ମ କରିଥିବା ଅଭିଯୋଗ କରିଛି।

ଯୁବତୀଙ୍କ ଅଭିଯୋଗ ପରେ, ଜୟପୁରରେ ଆଇପିଏଲ ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ଫାଷ୍ଟ ବୋଲର ଯଶ ଦୟାଲଙ୍କ ବିରୋଧରେ ଦୁଷ୍କର୍ମ ଏବଂ ପକ୍ସୋ ଆଇନ ଅନୁଯାୟୀ ଏକ ଏଫଆଇଆର ରୁଜୁ ହୋଇଛି। ଯୁବତୀ ଜଣକ ଅଭିଯୋଗ କରିଛନ୍ତି ଯେ ଯଶ ଦୟାଲ ତାଙ୍କୁ କ୍ରିକେଟରେ କ୍ୟାରିୟରର ପ୍ରଲୋଭନ ଦେଖାଇ ଏବଂ ଭାବପ୍ରବଣ ବ୍ଲାକମେଲ୍ କରି ଦୁଇ ବର୍ଷ ଧରି ଦୁଷ୍କର୍ମ କରିଥିଲେ। ପୀଡିତା ଜୟପୁରର ସାଙ୍ଗାନେର ସଦର ପୋଲିସ ଷ୍ଟେସନରେ ଯଶ ଦୟାଲଙ୍କ ବିରୋଧରେ ଅଭିଯୋଗ କରିଛନ୍ତି ।

ଯୁବତୀଜଣକ ଅଭିଯୋଗ କରିଛନ୍ତି ଯେ ସେ ଦୁଇ ବର୍ଷ ପୂର୍ବେ ଜୟପୁରରେ ଯଶ ଦୟାଲଙ୍କୁ ଭେଟିଥିଲେ ଯେତେବେଳେ ସେ ନାବାଳିକା ଥିଲେ ସେହି ସମୟରେ ଯଶ ଦୟାଲ ଏକ ଆଇପିଏଲ ମ୍ୟାଚ୍ ଖେଳିବାକୁ ଜୟପୁର ଆସିଥିଲେ। ଅଭିଯୋଗ ଅନୁଯାୟୀ, ଯଶ ଦୟାଲ ତାଙ୍କୁ କ୍ରିକେଟରେ କ୍ୟାରିୟର ବିଷୟରେ ଟିପ୍ ଦେବା ବାହାନାରେ ଏକ ହୋଟେଲକୁ ଡାକି ଦୁଷ୍କର୍ମ କରିଥିଲେ। ଝିଅଟି ଅଭିଯୋଗ କରିଛି ଯେ ଯଶ ଦୟାଲ ତାଙ୍କୁ କ୍ୟାରିୟର ଗଢ଼ିବା ବାହାନାରେ ଗତ ଦୁଇ ବର୍ଷ ଧରି ଯୌନ ଶୋଷଣ କରୁଥିଲେ ।ଏହି ମାମଲାରେ ଏସଏଚଓ ଅନିଲ ଜୟମନ କହିଛନ୍ତି ଯେ ଅଭିଯୋଗ ଅନୁଯାୟୀ, ଆଇପିଏଲ-୨୦୨୫ ମ୍ୟାଚ୍ ସମୟରେ ଜୟପୁର ଆସିଥିବା ଯଶ ଦୟାଲ ପୀଡିତାଙ୍କୁ ସୀତାପୁରାର ଏକ ହୋଟେଲକୁ ଡକାଇ ପୁଣି ଦୁଷ୍କର୍ମ କରିଥିଲେ ।ଏସଏଚଓ ଅନିଲ ଜୟମନ କହିଛନ୍ତି ଯେ ଝିଅଟି ୧୭ ବର୍ଷୀୟ ନାବାଳିକା ଥିବା ସମୟରେ ପ୍ରଥମ ଥର ଦୁଷ୍କର୍ମ ହୋଇଥିଲା। ଏପରି ପରିସ୍ଥିତିରେ, ପୋଲିସ ପକ୍ସୋ ଆଇନ ଅନୁଯାୟୀ ଯଶ ଦୟାଲଙ୍କ ବିରୋଧରେ ଏଫଆଇଆର ମଧ ପଞ୍ଜିକୃତ କରିଛି।

ପୂର୍ବରୁ ୟୁପିର ଗାଜିଆବାଦର ଜଣେ ଝିଅ ମଧ ବିବାହ ବାହାନାରେ ଯଶ ଦୟାଲଙ୍କ ଉପରେ ଦୁଷ୍କର୍ମ କରିବାର ଅଭିଯୋଗ ଆଣିଥିଲେ। ତଥାପି, ସେହି ମାମଲାରେ ଯଶଙ୍କୁ ଆଲ୍ଲାହାବାଦ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଥିଲା।

# ୟୁଏଇରେ ହେବ ଏସିଆ କପ୍ କ୍ରିକେଟ୍

ନୂଆଦିଲ୍ଲୀ ୨୫।୦୭: ଏସିଆ କପ୍‌କୁ ନେଇ ଶେଷ ହେଲା ସସ୍‌ପେନ୍ସ । ୟୁଏଇରେ ଆୟୋଜିତ ହେବ ଏସିଆ କପ୍ କ୍ରିକେଟ୍ । ଗୋଟିଏ ଗ୍ରୁପ୍‌ରେ ରହିବେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ । ଖୁବଶୀଘ୍ର ଟୁର୍ଣ୍ଣାମେଣ୍ଟର କ୍ରୀଡ଼ାସୂଚୀ ବିସିସିଆଇ ପକ୍ଷରୁ ଘୋଷଣା କରାଯିବ ବୋଲି ଜାତୀୟ ଗଣମାଧ୍ୟମର ରିପୋର୍ଟରୁ ଜାଣିବାକୁ ମିଳିଛି। ଢାକାରେ ଏସିଆନ କ୍ରିକେଟ୍ କାଉନସିଲର ବାର୍ଷିକ ସାଧାରଣ ବୈଠକ ବସିଥିଲା। ବିସିସିଆଇ ଉପ ସଭାପତି ରାଜୀବ ଶୁକ୍ଳା ବୈଠକରେ ସାମିଲ ହୋଇଥିଲେ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଅପରେସନ ସିନ୍ଦୂର, ଭାରତ ଓ ପାକିସ୍ତାନ ସଂପର୍କକୁ ଅଧିକ ତିକ୍ତ କରିଦେଇଥିଲା । ଆଶା କରାଯାଉଥିଲା ଯେ, ଏଭଳି ସମୟରେ ଏସିଆ କପ୍ ଆୟୋଜନ ସମ୍ଭବ ନୁହେଁ। କିନ୍ତୁ ଏବେ ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ ଯେଉଁ ବାଧା ରହିଥିଲା ତାହା ଏକ ପ୍ରକାର ଦୂର ହୋଇଯାଇଛି । ଆଗକୁ ଟି-ଟ୍ୱେଣ୍ଟି ବିଶ୍ୱକପ୍ ରହିଥିବାରୁ ଏଥର ଏସିଆ କପ୍ ଟି-ଟ୍ୱେଣ୍ଟି ଫର୍ମାଟ୍‌ରେ ଖେଳାଯିବ। ମୋଟ୍ ୮ଟି ଦଳ ସାମିଲ ହେବେ ।ବିସିସିଆଇର ଜଣେ ଅଧିକାରୀଙ୍କ ସୂଚନା ଅନୁସାରେ ଏସିଆ କପ୍ ଆୟୋଜିତ ହେବ। ରାଜୀବ ଶୁକ୍ଳା ଏବଂ ଏସିସି ସଭାପତି ତଥା ପାକିସ୍ତାନ କ୍ରିକେଟ୍ ବୋର୍ଡର ଅଧ୍ୟକ୍ଷ ମୋହସିନ ନକଭି ଶୁବ୍ ଶୀଘ୍ର ଟୁର୍ଣ୍ଣାମେଣ୍ଟର ଭେନ୍ୟୁ ଏବଂ ସୂଚୀ ଚଡ଼ାନ୍ତ କରିବେ। ଆଗାମୀ କିଛି ଦିନ ମଧ୍ୟରେ ବିସିସିଆଇ ପକ୍ଷରୁ ସୂଚୀ ଘୋଷଣା କରାଯିବ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ